

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୬ ଏପ୍ରିଲ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 06 APRIL 2023
Vol.No. 34 ■ No. 90 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ବିରୋଧୀଙ୍କୁ ଲାଗିଲା ବଡ଼ ଝଟକା

- ୧୪ଟି ବିରୋଧୀ ଦଳ ହତାଶ
- ରାଜନେତାଙ୍କ ପାଇଁ ଅଲଗା ନିୟମ ନାହିଁ
- ଇଡି ଓ ସିବିଆଇ ଦୁରୂପଯୋଗ ମାମଲାର ଶୁଣାଣି କରିବେ ନାହିଁ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୦୫/୦୪ : କେନ୍ଦ୍ର ସରକାର ଇଡି ଓ ସିବିଆଇ ଭଳି କେନ୍ଦ୍ରୀୟ ସଂସ୍ଥାର ଦୁରୂପଯୋଗ କରି ବିରୋଧୀଙ୍କ ଉପରେ ପ୍ରୟୋଗ କରୁଛନ୍ତି । ଏନେଇ ୧୪ଟି ବିରୋଧୀ ଦଳ ପକ୍ଷରୁ ସୁପ୍ରିମକୋର୍ଟରେ ଯାଚିକା ଦାୟର ହୋଇଥିଲା । ସୁପ୍ରିମକୋର୍ଟ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ପିଟିସନ ଦାଖଲ କରାଯାଇଥିଲା। ତେବେ ଏବେ ବିରୋଧୀ ଦଳଙ୍କୁ ନିରାଶ ହେବାକୁ ପଡ଼ିଛି । ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି କରିବାକୁ ଅଗ୍ରାହ୍ୟ କରିଦେଇଛନ୍ତି ।
୧୪ଟି ବିରୋଧୀ ଦଳ ଏକତ୍ର ହୋଇ ଏକ ଯାଚିକା ଦାୟର କରିଥିଲେ । କେନ୍ଦ୍ର ସରକାର ଯାଞ୍ଚ ଏଜେନ୍ସିକୁ ବିରୋଧୀ ନେତାଙ୍କ ବିରୋଧରେ ପ୍ରୟୋଗ କରୁଥିବା ନେଇ ଉକ୍ତ ଯାଚିକାରେ ଅଭିଯୋଗ କରାଯାଇଥିଲା । ତେଣୁ ଯଥାଶୀଘ୍ର ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଉପରେ ରୋକ ଲାଗୁ କରିବାକୁ ଅନୁରୋଧ କରାଯାଇଥିଲା । ତେବେ ଏହି ଯାଚିକା ଉପରେ ଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରିଦେବା ପରେ ବିରୋଧୀଙ୍କୁ ଲାଗିଛି ଏକ ବଡ଼ ଝଟକା ।
କୋର୍ଟ କହିଛନ୍ତି, ଦେଶରେ ରାଜନେତାଙ୍କ ପାଇଁ ଅଲଗା ନିୟମ ନାହିଁ । ଏହି କାରଣରୁ ଏହି ଯାଚିକା ଉପରେ ଶୁଣାଣି କରିବା ସମ୍ଭବ ନୁହେଁ । ଏହା ଗୋଟିଏ ବା ଦୁଇଟି ପୀଡ଼ିତ ବ୍ୟକ୍ତିଙ୍କ ଦଲିଲ ନୁହେଁ । ଏହା ୧୪ଟି ରାଜନୈତିକ ଦଳଙ୍କ ଦଲିଲ । କିଛି ତଥ୍ୟ ଆଧାରରେ ଯାଞ୍ଚ ନ କରିବାକୁ ଆମେ କେମିତି କହି ପାରିବା । ବିରୋଧୀଙ୍କ ତଥ୍ୟ ସେମାନଙ୍କ ପାଇଁ ଠିକ୍ । ମାତ୍ର ରାଜନେତାଙ୍କ ନିକଟରେ ଯାଞ୍ଚରୁ ବର୍ତ୍ତିବା ପାଇଁ କୌଣସି ବିଶେଷ ଅଧିକାର ରହିଛି କି ବୋଲି କୋର୍ଟ ପ୍ରଶ୍ନ କରିଥିଲେ । ରାଜନେତାମାନେ ମଧ୍ୟ ଦେଶର ନାଗରିକ ଅଟନ୍ତି ବୋଲି ସୁପ୍ରିମକୋର୍ଟ କହିଥିଲେ ।

### ବଢୁଛି କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା



ଭୁବନେଶ୍ୱର, ୦୫/୦୪ (ନି.ପ୍ର): କିଛି ଦିନର ବ୍ୟବଧାନ ପରେ ପୁଣି ଥରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଗତ ୨୪ ଘଂଟାରେ ସାରା ଦେଶରେ ୪,୪୩୧ କେସ ଚିହ୍ନଟ ହୋଇଥିବା ବେଳେ ୩୧,୦୯୧ ଆକ୍ଟିଭ ରୋଗୀ ଅଛନ୍ତି। ସେହିପରି ରାଜ୍ୟରେ ୬୮ ପଜିଟିଭ ଚିହ୍ନଟ ହୋଇଛନ୍ତି । କଟକ, ସୁନ୍ଦରଗଡ଼ ଓ ନବରଙ୍ଗପୁରରେ ଅଧିକ ରୋଗୀ ଅଛନ୍ତି। ନଭେମ୍ବର ଦ୍ୱିତୀୟ ସପ୍ତାହ ପରେ ଏହା ସର୍ବାଧିକ। ଅନ୍ୟପକ୍ଷରେ ଟେଷ୍ଟ ପଜିଟିଭିଟି ହାର ରାଜ୍ୟରେ ୧.୪ ପ୍ରତିଶତ ଅଛି । ସ୍ଥିତି ଦେଖି ଟେଷ୍ଟିଂ ବଢ଼ାଯିବ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର।

### ଓଡିଶାରୁ ୩ ଜଣ ପାଇଲେ ପଦ୍ମଶ୍ରୀ ସମ୍ମାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୦୫/୦୪ (ନି.ପ୍ର): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି ନାଗରିକ ସମ୍ମାନ ସମାରୋହରେ ଓଡ଼ିଶାର ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ, ଡକ୍ଟର କ୍ରିଷ୍ଣା ପଟେଲଙ୍କୁ କଳା କ୍ଷେତ୍ରରେ ଏବଂ ବୈଦ୍ୟ ପଟାୟତ କୁମାର ସାହୁଙ୍କୁ କୃଷି କ୍ଷେତ୍ରରେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରିଛନ୍ତି।
ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ର ଜଣେ ପ୍ରତିଷ୍ଠିତ ଓଡ଼ିଆ ସାହିତ୍ୟିକ, ବିଶିଷ୍ଟ ସ୍ତମ୍ଭକାର ଏବଂ ଗବେଷକ । ସେ ପ୍ରାୟ ପାଞ୍ଚ ଦଶନ୍ଧି ଧରି ଓଡ଼ିଆ ଭାଷା, ବ୍ୟାକରଣ, ସଂସ୍କୃତି ଓ ଇତିହାସ ଅଧ୍ୟୟନରେ ଯୋଗଦାନ ଦେଇ ଆସୁଛନ୍ତି। ନିଜେ ଜଣେ ଦିବ୍ୟାଙ୍ଗ ହୋଇଥିବା ସତ୍ତ୍ୱେ, ସେ ଓଡ଼ିଆକୁ ଏକ ଶାସ୍ତ୍ରୀୟ ଭାଷା ମାନ୍ୟତା ଦେବା ଲାଗି କ୍ରମାଗତ ଭାବେ ଭିନ୍ନ ଭିନ୍ନ ଗବେଷଣା ନିବନ୍ଧ ଓ ପୁସ୍ତକ ଲେଖିଛନ୍ତି। ଓଡ଼ିଆ ଭାଷା ଉପରେ ତାଙ୍କର ଅଧିକାଂଶ ବିଚାର, ଗବେଷଣା କାର୍ଯ୍ୟ ଏବଂ ରଚନା ଅନ୍ୟ ବୌଦ୍ଧିକ ଗବେଷଣା ବିଦ୍ୱାନ ଏବଂ ଓଡ଼ିଆ ପ୍ରେମୀଙ୍କ ଆଖି ଖୋଲି ଦେଇଥିଲା। ▶▶ପୃଷ୍ଠା ୭

### ଏପ୍ରିଲ ୧୦ରୁ ଯୁକ୍ତ ୨ ଖାତା ଦେଖା

ଭୁବନେଶ୍ୱର, ୦୫/୦୪ (ନି.ପ୍ର): ଆସନ୍ତା ଏପ୍ରିଲ ୧୦ ତାରିଖ ଠାରୁ ଯୁକ୍ତ ଦୁଇ ଖାତା ଦେଖା ଆରମ୍ଭ ହେବ। ଖାତାଦେଖାକୁ ସରଳୀକରଣ କରିବାକୁ ଯାଇ ଚଳିତ ବର୍ଷ ଦୁଇଟି ପର୍ଯ୍ୟାୟରେ ଖାତା ଦେଖା ହେବ। ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧୦ରୁ ୨୨ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଏପ୍ରିଲ ୨୩ରୁ ମେ' ୭ ତାରିଖ ପର୍ଯ୍ୟନ୍ତ ମୂଲ୍ୟାୟନ କରାଯିବ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ସେହିପରି ଚଳିତ ବର୍ଷ ଉଭୟ ଅନ୍ ଲାଇନ ଓ ଅଫ୍ ଲାଇନ ଜରିଆରେ ମୂଲ୍ୟାୟନ ହେବ ବୋଲି ସୂଚନା ମିଳିଛି।
ସୂଚନାଯୋଗ୍ୟ, ଗତମାସ ମାର୍ଚ୍ଚ ୧ ତାରିଖ ଠାରୁ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହୋଇଥିଲା। ମୋଟ ୧୧୪୫ ପରୀକ୍ଷା କେନ୍ଦ୍ରରେ ସାଢ଼େ ୩ଲକ୍ଷ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଏଥରୁ କଳାରେ ୨ଲକ୍ଷ ୧୯ହଜାର ୧୧୦, ବିଜ୍ଞାନରେ ୯୧,୩୭୯, ବାଣିଜ୍ୟରେ ୨୩,୧୪୮ଜଣ ଓ ଧନ୍ଦାମୂଳକ ଶିକ୍ଷାରେ ୫ହଜାର ପରୀକ୍ଷାର୍ଥୀ ସାମିଲ ଥିଲେ।



## ରାଜ୍ୟରେ ମେ' ପହିଲାରୁ ଆରମ୍ଭ ହେବ ଓବିସି ସର୍ଭେ

ଭୁବନେଶ୍ୱର, ୦୫/୦୪ (ନି.ପ୍ର): ରାଜ୍ୟରେ ମେ ପହିଲାରୁ ଆରମ୍ଭ ହେବ ଓବିସି ବା ପଛୁଆ ବର୍ଗ ସର୍ଭେ। ଯାହା ମେ' ୨୦ ତାରିଖରେ ସରିବ। ପରେ ମେ' ୨୧ରୁ ୨୭ ତାରିଖ ଯାଏ ସ୍ପେସାଲ ଡ୍ରାଇଭ ଚାଲିବ। ଉଭୟ ଅନଲାଇନ ଏବଂ ଅଫଲାଇନରେ ସର୍ଭେ ହେବ। ଏନେଇ ଆଜିଠାରୁ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି।
ବିଭାଗୀୟ ପର୍ଯ୍ୟବେକ୍ଷକ ସଂଗ୍ରାମ କେଶରୀ ସ୍ୱାଇଁଙ୍କ ସୂଚନା ମୁତାବକ, ଅନଲାଇନରେ ଜଣେ ବ୍ୟକ୍ତି ଡଝଡଉଇଉ ବା ଓବିସି କମିଶନଙ୍କ ୱେବସାଇଟକୁ ଯାଇ ସମସ୍ତ ତଥ୍ୟ ଦେଇ ଆବେଦନ କରିପାରିବେ। ଅଫଲାଇନ ସର୍ଭେ ପାଇଁ ଗାଁ ଏବଂ ୱାର୍ଡ଼ରେ ଖୋଲିବ ଏନୁମରେଟର ସେଣ୍ଟର। ଅଙ୍ଗନୱାଡ଼ି କିମ୍ବା ସ୍କୁଲ ଘରେ ଏହି ସେଣ୍ଟର ଖୋଲିବ। ଅଫଲାଇନ ସର୍ଭେରେ ଏନୁମରେଟର ଭାବେ ନିୟୋଜିତ ହେବେ ଅଙ୍ଗନୱାଡ଼ି କର୍ମୀ ଆଉ ଶିକ୍ଷକ। ଆଇସିଡିଏସ୍ ସୁପରଭାଇଜର ପଞ୍ଜୀକରଣ ପାଇଁ ଆଧାର, ଭୋଟର କାର୍ଡ, ପାନ କାର୍ଡ କିମ୍ବା ପାସପୋର୍ଟକୁ ଦେଖାଇ ପାରିବେ। ପୂର୍ବାହ୍ନ ୧୦ ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲା ରହିବ ସମସ୍ତ କେନ୍ଦ୍ର। ଭୁବନେଶ୍ୱରରେ ମୋଟ ୧୦୧ଟି କେନ୍ଦ୍ରରେ ହେବ ସର୍ଭେକାର୍ଯ୍ୟ। ମୋଟ ୨୦୮ ପ୍ରକାର ବର୍ଗଙ୍କୁ ପଛୁଆ ବର୍ଗ ଭାବେ ସର୍ଭେରେ ସ୍ଥାନ ଦିଆଯିବ। ଅଫଲାଇନ ସର୍ଭେ ପାଇଁ ଆଜି ସହରାଞ୍ଚଳରେ ମାଷ୍ଟର ଟ୍ରେନରଙ୍କ ତାଲିମ ସରିଛି। ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ



ଏମାନେ ଏନୁମରେଟର ଏବଂ ସୁପରଭାଇଜରଙ୍କୁ ୬ରୁ ୧୩ ତାରିଖ ଭିତରେ ପ୍ରଥମ ପର୍ଯ୍ୟାୟ ତାଲିମ ଦେବେ । ଦ୍ୱିତୀୟ ପର୍ଯ୍ୟାୟ ତାଲିମ ୧୮ରୁ ୨୪ ମଧ୍ୟରେ ଦିଆଯିବ।
ଗୋଟାଏ ପଟେ ଓବିସି ସଂରକ୍ଷଣ ନେଇ ରାଜ୍ୟ ସରକାର ଉଚିତ୍ ପଦକ୍ଷେପ ଦୃଷ୍ଟି ଦେଉ ନ ଥିବା ବିଜେପି ଅଭିଯୋଗ କରି ଆନ୍ଦୋଳକୁ ଓହ୍ଲାଇଥିବା ବେଳେ ଅନ୍ୟପଟେ ସର୍ଭେ ଆରମ୍ଭ ହେବା ଚର୍ଚ୍ଚାକୁ ରୂପ ଦେଇଛି।

### ଦେବଗଡରେ ମହିଳା ଫାଇନାନ୍ସ କର୍ମଚାରୀଙ୍କୁ ହତ୍ୟା ଅଭିଯୋଗ

ଭୁବନେଶ୍ୱର, ୦୫/୦୪ (ନି.ପ୍ର): ଦେବଗଡରେ ଗତକାଲି ବିଳମ୍ବିତ ରାତ୍ରୀରେ ଜଣେ ମହିଳା ଫାଇନାନ୍ସ କର୍ମଚାରୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଅଫିସରୁ ଭଡା ଘରକୁ ଫେରୁଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା କୁହା ଯାଉଛି । ମୃତ ମହିଳା କର୍ମଚାରୀ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଅଂଚଳର ରୀତା ସାହୁ ବୋଲି ଜଣାପଡ଼ିଛି। ଦେବଗଡ଼ ଜିଲ୍ଲା ପ୍ରଧାନପାଟ ରାସ୍ତାରେ ଥିବା ଭାରତ ଫାଇନାନ୍ସ ଅଫିସ ସମ୍ମୁଖରୁ ରୀତାଙ୍କ ମୃତଦେହ ଉଦ୍ଧାର ହୋଇଛି। ▶▶ପୃଷ୍ଠା ୭

### ଛତିଶଗଡ଼ର ପୁଂଜିଲାଲ......

## ମୃତ୍ୟୁ ନେଇ ଆସିଥିଲା ପ୍ରେମର ପାର୍ସଲ ବୋମା: ପ୍ରତିଶୋଧର ବିସ୍ଫୋରଣ ଉଜାଡ଼ି ଦେଲା ପ୍ରେମିକାର ଘର

ଛତିଶଗଡ଼, ୦୫/୦୪ (ନି.ପ୍ର): ପରିବାର ସ୍ଥିର କରିଥିବା ପୁଅ ସହ ବାହାଘର ହୋଇସାରିଥିଲା । ରିସେପ୍ସନର ଠିକ୍ ପରଦିନ ବେଶ ଉତ୍ସାହର ସହ ମିଳିଥିବା ଉପହାର ଖେଳୁଥିଲେ ସ୍ୱାମୀ । ସାଥୀରେ ଥିଲେ ସ୍ୱାମୀଙ୍କ ଭାଇ। ଉପହାରରେ ଆସିଥିବା ହୋମ ଥିଏଟର ଦେଖି ଉତ୍ସାହ ସହ ଖୋଲିଥିଲେ । ଆଉ ଯେତେବେଳେ ହୋମ୍ ଥିଏଟର ଚାଲୁ କରିବା ପାଇଁ ବିଜୁଳି ସଂଯୋଗ କରିବା ପାଇଁ ପ୍ଲଗ୍ ସହ ଯୋଡ଼ିଥିଲେ, ଅଚନାକ୍ ହୋଇଥିଲା ବିସ୍ଫୋରଣ । ପୁରୁଣା ପ୍ରେମିକ ପଠାଇଥିବା ପାର୍ସଲ ବୋମାରେ ଚାଲିଯାଇଛି ପ୍ରେମିକାଙ୍କ ସ୍ୱାମୀଙ୍କ ଜୀବନ । ଛତିଶଗଡର କଓର୍ଧା ଜିଲ୍ଲାରେ ଘଟିଥିବା ଏହି ଘଟଣା ଯେତିକି ସମ୍ବେଦନଶୀଳ, ସେତିକି ହୃଦୟବିଦାରକ । ମଧ୍ୟପ୍ରଦେଶ ବାଲାଘାଟ୍ ଜିଲ୍ଲା ମଣ୍ଡିଗା ଗାଁର ୩୩ ବର୍ଷିୟ ମାର୍କମ ୨୯ ବର୍ଷିୟ ଜଣେ ଝିଅଙ୍କ ସହ ପ୍ରେମ ସମ୍ପର୍କରେ ଥିଲେ । ଏହି ଘରେ ସ୍ତ୍ରୀ ଓ ଦୁଇ ଛୁଆ ଥିବା ସତ୍ତ୍ୱେ ନିଜ ପ୍ରେମିକାକୁ ବିବାହ କରିବାକୁ ଚାହୁଁଥିଲେ ମାର୍କମ। ପ୍ରେମିକାଙ୍କ ଘର ଲୋକ କିନ୍ତୁ ଏ କଥାରେ ରାଜି ହୋଇନଥିଲେ । ନିଜ ଝିଅର ବାହାଘର ଛତିଶଗଡ଼ କଓର୍ଧା ଜିଲ୍ଲା ଚମିରା ଗାଁର ହେମେନ୍ଦ୍ରଙ୍କ ସହ ଠିକ୍ କରିଦେଇଥିଲେ ପରିବାର ଲୋକ। ଏ କଥାକୁ ସହି ପାରିନଥିଲେ ପ୍ରେମିକ । ଆଉ ପ୍ରତିଶୋଧ ନେବାପାଇଁ ରଚିଥିଲେ ସାଂଘାତିକ ଷଡଯନ୍ତ୍ର ।
ମାର୍ଚ୍ଚ ୩୧ରେ ବାହାଘର । ଏପ୍ରିଲ ୧ ତାରିଖରେ ରିସେପ୍ସନ । ସବୁକିଛି ଖୁସିରେ ସରିଯିବା ପରେ ୩ ତାରିଖରେ ଖୋଲିଥିଲେ ଉପହାର । ଯେଉଁଥିରେ ଥିଲା ପ୍ରତିଶୋଧର ବିସ୍ଫୋରକ ଉପହାର । ଏହି ବିସ୍ଫୋରଣରେ ସେହି ଯୁବତୀଙ୍କ ସ୍ୱାମୀ ଏବଂ ତାଙ୍କ ଭାଇଙ୍କ ମୃତ୍ୟୁ ହୋଇଥିବା ବେଳେ ବିବାହିତ ପ୍ରେମିକଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି ସ୍ଥାନୀୟ ପୁଲିସ ।
ସୂଚନା ଅନୁସାରେ ମୁଖ୍ୟ ଅଭିଯୁକ୍ତ ମାର୍କମ ପୂର୍ବରୁ ଏକ କ୍ରସର ପ୍ଲାଣ୍ଟର ବ୍ଲାଷ୍ଟିଂ ଡିପାର୍ଟମେଣ୍ଟରେ କାମ କରୁଥିଲେ। ବମ୍ ତିଆରି କରିବା କାମ ସେ ପ୍ରଥମରୁ ହିଁ ଜାଣିଥିଲେ। ଯେଉଁ ତାଲିମକୁ ପ୍ରତିଶୋଧ ନେବା ପାଇଁ ବ୍ୟବହାର କରିଥିବା ପୁଲିସ୍ ସୂଚନା ଦେଇଛି।

## ହିନ୍ଦୋଳ ଓ ଅତାବିରାରେ ଜିତିଲା ବିଜେଡି

ଭୁବନେଶ୍ୱର, ୦୫/୦୪ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଓ ବରଗଡ଼ ଜିଲ୍ଲା ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍ଏସି)ରେ ବାଜି ମାରିଛି ବିଜେଡି। ଅତାବିରା ଏନ୍ଏସିରେ ଅଧ୍ୟକ୍ଷ ପଦ ସହ ୧୨ଟି ୱାର୍ଡରୁ ୧୧ଟିରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଗୋଟିଏ ୱାର୍ଡରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଛି। ବିଜେଡିର ଅଧ୍ୟକ୍ଷ ପ୍ରାର୍ଥୀ ବନମାଳି ବରିହା ତାଙ୍କ ନିକଟତମ ପ୍ରାର୍ଥୀ କଂଗ୍ରେସର ସବିତା ଭୁଏଙ୍କ ଠାରୁ ୪ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି।
ସେହିପରି ହିନ୍ଦୋଳରେ ୧୬ଟି ୱାର୍ଡରୁ ୧୧ଟିରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ଅଧ୍ୟକ୍ଷ ପଦ ବି ହାତେଇଛି ଶଙ୍ଖ ଦଳ । ବିଜେପି ପ୍ରାର୍ଥୀଙ୍କୁ ହରାଇ ବିଜେଡିର କେଶବ ପ୍ରଧାନ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ମୋଟ ୧୬ଟି ୱାର୍ଡରୁ ୫ଟି ୱାର୍ଡରେ ବିଜେପି ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ▶▶ପୃଷ୍ଠା ୭



### ଜିଏସ୍‌ଟି ଅଧିକାରୀଙ୍କ ପାଖରେ ୬୪ ଲକ୍ଷ ଟଙ୍କାର ସୁନା, ନଗଦ ୬.୫୯ ଲକ୍ଷ, ୧.୪ କୋଟିର ବ୍ୟାଙ୍କ ଓ ବୀମା ଠାବ

ଭୁବନେଶ୍ୱର: ସିଟି ଆଣ୍ଡ ଜିଏସ୍‌ଟି ଅଧିକାରୀ ଚିତ୍ତରଂଜନ ମହାନ୍ତିଙ୍କ ପୁଳାପୁଳା ସଂପତ୍ତି ଠାବ ହୋଇଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଭିଜିଲାନ୍ସ ଯାଞ୍ଚ ବେଳେ ୨ଟି ଲକରରୁ ୧.୦୬୦ କିଲୋ ସୁନା ଗହଣା ସମେତ ୧୯ଟି ସୁନା ବିସ୍କୁଟ ଠାବ ହୋଇଛି। ପୂର୍ବରୁ ମିଳିଥିବା ସୁନାଗହଣା ମିଶାଇ ମୋଟ ୬୪ ଲକ୍ଷ ଟଙ୍କାର ଗହଣା ଠାବ ହୋଇଛି। ସେହିପରି ତାଙ୍କ ଠାରୁ ନଗଦ ୬ ଲକ୍ଷ ୫୯ ହଜାର ଟଙ୍କା, ୧କୋଟି ୪ ଲକ୍ଷ ଟଙ୍କାର ବ୍ୟାଙ୍କ ଏବଂ ବୀମା ଓ ମୁଚୁଆଲ ଫଣ୍ଡରେ ନିବେଶ ଆଦି ଠାବ ହୋଇଛି। ▶▶ପୃଷ୍ଠା ୭

### ବଢୁଛି ଅରୁଣାଚଳପ୍ରଦେଶକୁ ନେଇ ଭାରତ-ଚୀନ ମଧ୍ୟରେ ବିବାଦ

ନୂଆଦିଲ୍ଲୀ, ୦୫/୦୪ : ଅରୁଣାଚଳପ୍ରଦେଶକୁ ନେଇ ଭାରତ ଓ ଚୀନ ମଧ୍ୟରେ ବଢୁଛି ବିବାଦ । ଅରୁଣାଚଳପ୍ରଦେଶର ୧୧ଟି ସ୍ଥାନକୁ ଚୀନ ପୁଃନ ନାମିତ କରିବା ଘଟଣାକୁ ଭାରତ ପକ୍ଷରୁ ଜୋରଦାର ବିରୋଧ କରାଯାଉଛି । ଭାରତ ଓ ଆମେରିକା ଜବାବ ପରେ ପୁଣି ଥରେ ପ୍ରତିକ୍ରିୟା ରଖିଛି ଚୀନ । ଜାଙ୍ଗନାନ୍ ଚୀନର ଭୌଗଳିକ ସୀମାରେ ଭିତରେ ଆସୁଛି ଓ ଏହାର ନାଁ ପରିବର୍ତନ କରିବା ଚୀନର ଅଧିକାର ବୋଲି କହିଛନ୍ତି ଚୀନ ବୈଦେଶିକମନ୍ତ୍ରାଳୟ ମୁଖପାତ୍ର ମାଓ ନିଙ୍ଗ । ପୂର୍ବରୁ ଭାରତକୁ ସମର୍ଥନ ଜଣାଇ ଆମେରିକା କହିଥିଲା କି ଅରୁଣାଚଳ ହେଉଛି ଭାରତର ଅବିଚ୍ଛେଦ ଅଙ୍ଗ। ସ୍ଥାନଗୁଡିକର ନାମ କରଣ କରି କାହା ସୀମାରେ ଅନୁପ୍ରବେଶକୁ ସମର୍ଥନ କରାଯିବନି । ▶▶ପୃଷ୍ଠା ୭

# ରିୟଲ ଇଷ୍ଟେଟ ପ୍ରକଳ୍ପ ପଞ୍ଜୀକରଣ ଫି ୧୦ ଗୁଣ ବୃଦ୍ଧି ମାମଲା : ହାଇକୋର୍ଟଙ୍କ ଜବାବ ତଲବ



କଟକ, ୫/୦୪ (ନି.ପ୍ର) : ଓଡ଼ିଶା ରିୟଲ ଇଷ୍ଟେଟ ରେଗୁଲେଟାରି ଅଥରିଟି (ଓରେରା) ପକ୍ଷରୁ ବେଆଇନ ଭାବେ ରିୟଲ ଇଷ୍ଟେଟ ପ୍ରକଳ୍ପ ପଞ୍ଜୀକରଣ ଫି ୧୦ ଗୁଣ ବୃଦ୍ଧି କରାଯାଇଥିବା ଦର୍ଶାଇ ଦାୟର ମାମଲାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିବା ସହିତ ନୋଟସ୍ ଜାରି କରିଛନ୍ତି। ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ.ମୁରଲୀଧର ଓ ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ମାମଲାର ଶୁଣାଣି କରି ୬ ସପ୍ତାହ ଭିତରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାର ଓ ଓରେରାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲା ବିଚାରାଧୀନ ଥିବା ବେଳେ ଓରେରାର ଏ ସଂପର୍କିତ ବିଜ୍ଞପ୍ତି ଅନୁସାରେ ଯଦି କୌଣସି ରିୟଲ ଇଷ୍ଟେଟ ପ୍ରକଳ୍ପ ପାଇଁ ବର୍ଦ୍ଧିତ ଫି ଜମା କରାଯାଏ ତେବେ ଏହି ରାଶିକୁ ସୁଧ ମିଳିବାକୁ ଥିବା ପୃଥକ ବ୍ୟାଙ୍କ ଖାତାରେ ଜମା କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ଚୂଡାନ୍ତ ରାୟ ଉପରେ ଏହି ଫି ବୃଦ୍ଧି ସମ୍ପର୍କିତ ନିଷ୍ପତ୍ତିର ଭବିଷ୍ୟତ ନିର୍ଭର କରିବ ବୋଲି କହିଛନ୍ତି ହାଇକୋର୍ଟ। ଜୁଲାଇ ୨୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। କନଫେଡେରେସନ ଅଫ୍ ରିୟଲ ଇଷ୍ଟେଟ ଡେଭେଲପର୍ସ ଆସୋସିଏସନ ଅଫ୍ ଇଣ୍ଡିଆ (କ୍ରେଡାଇ) ଆବେଦନର ଶୁଣାଣି କରି ହାଇକୋର୍ଟ ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୮ଟି ବା ଏହା ଠାରୁ ଅଧିକ ଆପାର୍ଟମେଣ୍ଟ ନିର୍ମାଣ ପାଇଁ ପଞ୍ଜୀକରଣ ଫି ପ୍ରତି ବର୍ଗ ମିଟର ପିଛା ୧୦ ଟଙ୍କାରୁ ୨୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଫି ବୃଦ୍ଧି ସଂପର୍କିତ ସଂଶୋଧିତ ନିୟମ ନେଇ ୨୦୨୨, ଜୁଲାଇ ୨୮ରେ ଓରେରା ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାକୁ ବିରୋଧ କରି ଦାୟର ମାମଲାର ଶୁଣାଣି ସମୟରେ କ୍ରେଡାଇ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଦର୍ଶାଇଥିଲେ ଯେ ଓରେରାର ଫି ବୃଦ୍ଧି ସଂପର୍କିତ ସଂଶୋଧିତ ନିୟମ ଜାରି କରିବାର କ୍ଷମତା ନାହିଁ। ରେରା ଆଇନ ଅନୁସାରେ କେବଳ ଏହି କ୍ଷମତା ରାଜ୍ୟ ସରକାରଙ୍କ ନିକଟରେ ରହିଛି। ନିୟମ ଉଲ୍ଲଂଘନରେ ଓରେରା ନିୟମରେ ସଂଶୋଧନ କରି ଫି ୧୦ ଗୁଣ ବୃଦ୍ଧି କରିଛି। ଭାରତର ଅନ୍ୟ ସ୍ଥାନରେ ଥିବା ଫି ତୁଳନାରେ ଓଡ଼ିଶାରେ ଏ ସଂପର୍କିତ ଫି ୧୦ ଗୁଣ ବୃଦ୍ଧି କରି ସାନି ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଫି ବୃଦ୍ଧି ଦ୍ୱାରା ବିଲ୍ଡରଙ୍କ ଅପେକ୍ଷା ଆପର୍ଟମେଣ୍ଟ ଖରିଦ କରୁଥିବା ଲୋକ ଅଧିକ ପ୍ରଭାବିତ ହେଉଛନ୍ତି। ପରୋକ୍ଷରେ ବର୍ଦ୍ଧିତ ଫି ଘର କିଣୁଥିବା ଲୋକଙ୍କୁ ଦେବାକୁ ପଡ଼ିବ। ଓରେରା ପକ୍ଷରୁ ନିୟମରେ ସଂଶୋଧନ କରି ଫି ବୃଦ୍ଧି ପାଇଁ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଅସାୟିଧାନିକ ଓ ସଂପୂର୍ଣ୍ଣ ଭାବେ କ୍ଷମତା ବହିର୍ଭୂତ କାର୍ଯ୍ୟ ବୋଲି ଶ୍ରୀ ଆଚାର୍ଯ୍ୟ ଦର୍ଶାଇଥିଲେ।

# ଲକ୍ଷ୍ମୀ ମାର୍କେଟ ଅଗ୍ନିକାଣ୍ଡର କାରଣ ନିରାକରଣ ସମୀକ୍ଷା

ପୁରୀ , ୫/୦୪ (ନି.ପ୍ର) : ପୁରୀ ବଡଦାଣ୍ଡ ଗ୍ରାଣ୍ଡ ରୋଡ଼ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସରେ ଅଗ୍ନି କାଣ୍ଡ ଘଟଣାର କାରଣ, ନିରାକରଣ ଏବଂ ଭବିଷ୍ୟତ ପାଇଁ ମାର୍ଗଦର୍ଶିକା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଉପଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଏହି ବୈଠକରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଅଗ୍ନି କାଣ୍ଡ ସମ୍ପର୍କରେ ସୂଚନା ଦେଇଥିଲେ। ମାର୍ଚ୍ଚ ୮ ତାରିଖ ହୋଲି ଦିନ ପ୍ରାୟ ରାତି ୮ ଟା ସମୟରେ ବିଦ୍ୟୁତ ସଟ ସର୍କିଟରୁ ଅଗ୍ନି କାଣ୍ଡ ଘଟିଥିଲା। ଏହି କମ୍ପ୍ଲେକ୍ସ ର ତଳ ମହଲାରେ ୪୩ ଟି ବ୍ୟବସାୟିକ ଦୋକାନ, ପ୍ରଥମ ମହଲାର ବାମ ପାର୍ଶ୍ୱରେ ସପିଙ୍ଗ ମଲ ଓ ଡାହାଣ ପାର୍ଶ୍ୱରେ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ରହିଥିଲା। ଦ୍ୱିତୀୟ ଓ ତୃତୀୟ ମହଲାରେ ହୋଟେଲ ସମ୍ରାଟ ରହିଥିଲା।ଏହି ହୋଟେଲରେ ରହୁଥିବା ମହାରାଷ୍ଟ୍ରର ଓ ଗଞ୍ଜାମ ହିଞ୍ଜିଳିକାଟୁର ପର୍ଯ୍ୟଟକ ମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବା ସହ ସେମାନଙ୍କ ସାମଗ୍ରୀ ଗୁଡିକ ମଧ ପରବର୍ତ୍ତୀ ସମୟରେ ଉଦ୍ଧାର କରାଯାଇଥିଲା ବୋଲି ଶ୍ରୀ ସାହୁ ସୂଚନା ଦେଇଥିଲେ। ଜିଲ୍ଲା ଅଗ୍ନି ଶମ ଅଧିକାରୀ ନାରାୟଣ ଦାସ ଏହି ନିଆଁ ଲିଭାରେ ୧୧ଟି ଅଗ୍ନି ନିର୍ବାପକ ଗାଡି ,୨୦୦ କର୍ମଚାରୀ,୩୬ ଘଂଟା ଲାଗି ନିଆଁକୁ ଆୟତ କରିଥିଲେ। ଯେହେତୁ ଏହି ବିଲ୍ଡର ତିନି ପାର୍ଶ୍ୱରୁ ପ୍ରବେଶ ସୁବିଧା ନ ଥିଲା ସେଯୋଗୁ କେବଳ ସମ୍ମୁଖ ଭାଗରୁ ହିଁ ନିଆଁ ଲିଭା ଉଦ୍ୟମ କରାଯାଇଥିଲା ବୋଲି କହିଥିଲେ। ଉପଜିଲ୍ଲାପାଳ ଭବତାରଣ ସାହୁ ରଥଯାତ୍ରା ପୂର୍ବରୁ ବଡଦାଣ୍ଡରେ ଥିବା ସମସ୍ତ ବିଲଡିଙ୍ଗ ଗୁଡ଼ିକ ର ସମୀକ୍ଷା କରାଯିବା ସହ ସୁରକ୍ଷା ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦିଆଯାଉଛି ବୋଲି ସୂଚନା ଦେଇଥିଲେ। ବିସ୍ତୃତ ଆଲୋଚନା ପରେ ଓସଡାମାର ଜିଏମ ମଳୟ ପ୍ରଧାନ ତୃଟି ରୁ ଶିକ୍ଷା ଲାଭ ଓ ଭବିଷ୍ୟତରେ ଯେପରି ଏଭଳି ଦୁର୍ଘଟଣା ନ ହେବ ସେଥିପ୍ରତି ସମସ୍ତେ ସତର୍କ ରହିବା ଉଚିତ ବୋଲି କହିଥିଲେ। ଏକ ଯୁଗ୍ମ ଟିମ ବିଲ୍ଡିଂ ନିର୍ମାଣ ବୈଷୟିକ ଅଧିକାରୀ, ଫାୟାର ଅଧିକାରୀ, ବିଦ୍ୟୁତ ବିଭାଗ, ବିଲଡିଙ୍ଗ ନିର୍ମାଣ ଅନୁମତି ଦେଉଥିବା ଅଧିକାରୀ ମାନଙ୍କୁ ନେଇ ବିଲ୍ଡିଂର ପୂର୍ଣ୍ଣାଙ୍ଗ ଅଡିଟ କରିବାକୁ ସେ ମତ ଦେଇଥିଲେ। ୨୦୧୭ ପୂର୍ବର ଓ ୨୦୧୭ ପରର ବିଲଡିଙ୍ଗ ଗୁଡିକର ନିୟମ ଅନୁସାରେ ସମୀକ୍ଷା ହେବା ଜରୁରୀ ବୋଲି ସେ କହିଥିଲେ। ଓସଡାମାର ଅନ୍ୟତମ ଜିଏମ ଡଃ ସୁନିତା ଜେନା,ଡିଜିଏମ ସୁନିଲ କୁମାର ସାହୁ ଫାୟାର ଅଡିଟ, ନିର୍ବାପକ ବ୍ୟବସ୍ଥା ସମ୍ପର୍କରେ ମକଡ୍ରିଲ ମାଧମରେ ସମସ୍ତଙ୍କୁ ଶିକ୍ଷା ଓ ସଚେତନତା ପ୍ରଦାନ ଉପରେ ଗୁରୁତ୍ୱ ଦେଇଥିଲେ।ଅନ୍ୟ ମାନଙ୍କ ମଧରେ ଅତିରିକ୍ତ ଏସ ପି ମିହିର କୁମାର ପଣ୍ଡା, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଏଡିଏମଓ ଡା ବିରଜା ଶଙ୍କର ରଥ,ସହକାରୀ ଜିଲ୍ଲାପାଳ ରାଜ ବଲ୍ଲଭ ନାୟକ ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୨୬୨୨ତମ ଶ୍ରୀ ମହାବୀର ଜୟନ୍ତୀ ପାଳିତ

ବଲାଙ୍ଗୀର, ୫/୦୪ (ନି.ପ୍ର) : ଜୈନ ସମାଜ ତରଫରୁ ବଲାଙ୍ଗୀର ସ୍ଥିତ ତେରାପନ୍ତ ଭବନ ଠାରେ ୨୬୨୨ ତମ ଶ୍ରୀ ମହାବୀର ଜୟନ୍ତୀ ପାଳନ ହୋଇଯାଇଛି। ବଲାଙ୍ଗୀର ଜୈନ ଶାଖାର ଅଧକ୍ଷ ଧ୍ରୁବ କୁମାର ଜୈନଙ୍କ ସଭାପତିତ୍ୱ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗୀର ପୌରପାଳିକା ଅଧକ୍ଷା ଲିକା ସାହୁ ଓ ସମ୍ମାନିତ ଅତିଥି ଭାବରେ ଶ୍ରୀ ଜୈନ ଶ୍ୱେତାମ୍ବର ତେରାପନ୍ତୀ ସଭାର ରାଜ୍ୟ ଉପସଭାପତି ମନୋଜ ଜୈନ, ତେରାପନ୍ତ ମହିଳା ମଣ୍ଡଳ ଅଧକ୍ଷା ମମତା ଜୈନ ମଂଚାସୀନ ଥିଲେ। ପ୍ରଥମେ ତେରାପନ୍ତ ମହିଳା ମଣ୍ଡଳ ତରଫରୁ ମଙ୍ଗଳା ଚରଣ କରାଯାଇଥିଲା। ଅତିଥିବୃନ୍ଦ ସହ ଡ଼. ବିଶ୍ୱଜିତ କାନୁନଗୋ, ସରିତା ମୋଦୀ, ଶ୍ରୟଃସୀ ଜେନ ଜୈନ, ସଂଜୀବ ଜୈନ ପ୍ରମୁଖ ଶ୍ରୀ ମହାବୀରଙ୍କ ସତ୍ୟ ଓ ଅହିଂସା ମାଧମରେ ମାନବତାର ପାଠ, ଅଜ୍ଞାନରୁ ଅନ୍ଧକାର ଦୂରୀକରଣ, ଜୀବ ପ୍ରତି ଦୟା ଭାବ ବିଷୟରେ ମତବ୍ୟକ୍ତ ରଖିଥିଲେ। ସନ୍ତୋଷ ଜୈନ, ଶ୍ୱେତା ଜୈନ, କୋମଳ ଚଉଧୁରୀ ଗୀତକା ପାଠ କରିଥିଲେ।

## ଜିଲା ଚିକିତ୍ସାଳୟରେ ୪ଟି ବେଡ ବିଶିଷ୍ଟ ଆଇସିୟୁ ଉଦଘାଟନ

ଜୟପୁର, ୫/୦୪ (ନି.ପ୍ର) : ଜୟପୁର ସ୍ଥିତ ଜିଲା ଚିକିତ୍ସାଳୟରେ ୪ଟି ବେଡ ବିଶିଷ୍ଟ ଆଇସିୟୁ ଉଦଘାଟନ ହୋଇଛି । ଏନେଇ ଜିଲା ଚିକିତ୍ସାଳୟରେ ହସ୍ତାନ୍ତରଣ ଉତ୍ସବ ଅନୁଷ୍ଠିତ ହୋଇଛି । କାଳିଆ ଗାଁ ସ୍ଥିତ ପାଓାର ଗ୍ରୀଡ ତରଫରୁ ଏହି ୪ଟି ବେଡେଡ ଆଇସିୟୁ ପ୍ରଦାନ କରାଯାଇଛି ।ସିଏସଆର ଅନ୍ତର୍ଗତ ୪ଟି ଆଇସିୟୁ ସେଟ ଅଫ ପ୍ରଦାନ କରାଯାଇଛି ।ଯାହାର ଆନୁମାନିକ ମୁଲ୍ୟ ୧ କୋଟି ଟଙ୍କାରୁ ଉର୍ଦ୍ଧ ହେବ। ପାଓ୍ୱାର ଗ୍ରୀଡ ଓଡିଶା ପ୍ରଜେକ୍ଟର ଏକଜ୍ୟୁଟିଭ ଡାଇରେକ୍ଟର ଓ୍ୱାଇ କେ ଦିକ୍ଷିତ ଉପସ୍ଥିତ ରହି ସିଡିଏମଓ ଅରୁଣ ପାଢୀ, ସୁପରିଟେଣ୍ଡେଣ୍ଟ ରବୀନ୍ଦ୍ର ମିଶ୍ରଙ୍କୁ ହସ୍ତାନ୍ତରଣ କରାଇଥିଲେ । ଉକ୍ତ କାର୍ଯ୍ୟକୁ ବରିଷ୍ଠ ଜିଏମ ବି ସି ନାୟକ ,ପାଓର ଗ୍ରୀଡ ମ୍ୟାନେଜର ସୁକାନ୍ତ ପରିଡା, ଅନନ୍ତ ସାହୁ ଉଦ୍ୟମଯୋଗୁଁ ଏହା ସଫଳ ହୋଇ ପାରିଥିଲା । ଆଗାମୀ ଦିନରେ ଆଧୁନିକ ସରଞ୍ଜମ ପାଓ୍ୱାର ଗ୍ରୀଡ ତରଫରୁ ପ୍ରଦାନ କରାଯିବ ବୋଲି ଆଜି ଆଲୋଚନା ହୋଇଛି। ପାଓ୍ୱାର ଗ୍ରୀଡ଼ର ଏପରି କାର୍ଯ୍ୟକୁ ଜିଲାବାସୀ ପ୍ରଶଂସା କରିଛନ୍ତି ।

# ଭାଲେଶ୍ୱର ସରପଞ୍ଚଙ୍କ ନିଆରା ପଦକ୍ଷେପ : ଝିଅ ଜନ୍ମ ହେଲେ ଲାଗିବ ୫୦ ଗଛ



ନୂଆପଡ଼ା, ୫/୦୪ (ନି.ପ୍ର) : ନୂଆପଡ଼ା ସଦର ବ୍ଲକ ଭାଲେଶ୍ୱର ସରପଞ୍ଚ ସରୋଜଦେବୀ ଅଗ୍ରଓ୍ୱାଲ ଡ୍ରୋନ ମାଧମରେ ଦିବ୍ୟାଙ୍ଗ ହିତାଧିକାରୀଙ୍କ ନିକଟକୁ ଭତ୍ତା ରାଶି ପଠାଇ ସମଗ୍ର ଦେଶରେ ଚର୍ଚ୍ଚାରେ ଆସିଥିଲେ। ବର୍ତ୍ତମାନ ସେ ଆଉ ଏକ ନିଆରା ପଦକ୍ଷେପ ଗ୍ରହଣ କରିଛନ୍ତି। ନିଜ ପଞ୍ଚାୟତର ଯେ କୌଣସି ଲୋକଙ୍କ ଘରେ ଝିଅ ଜନ୍ମ ହେଲେ ସଂପୃକ୍ତ ବ୍ୟକ୍ତିଙ୍କ ଘର ପରିସରରେ ୫୦ଟି ଗଛ ଲଗାଯିବ ବୋଲି ଟ୍ୱିଟ୍ ମାଧମରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନଙ୍କୁ ଜଣାଇଛନ୍ତି। ସରପଞ୍ଚଙ୍କ ଏଭଳି ପଦକ୍ଷେପକୁ ନୂଆପଡ଼ା ଜିଲ୍ଲାପାଳ ହେମକାନ୍ତ ସୟ ଗୁରୁତ୍ୱର ସହ ଗ୍ରହଣ କରି ଖଡ଼ିଆଳ ଡିଏଫ୍‌ଓଙ୍କୁ ଚାରା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଭାଲେଶ୍ୱର ଗାଁରେ ଆଶାକର୍ମୀଙ୍କୁ ନେଇ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ ଶ୍ରୀମତୀ ଅଗ୍ରଓ୍ୱାଲ ଯୋଗଦେଇ ପଞ୍ଚାୟତରେ କୌଣସି ବ୍ୟକ୍ତି ଯେପରି ବେଆଇନ ଲିଙ୍ଗ ନିରୂପଣ ତଥା ଝିଅ ଜନ୍ମ ହେବା ଆଗରୁ ଭ୍ରୁଣହତ୍ୟା ନକରିବେ ସେନେଇ ସଚେତନ କରିଥିଲେ। ଝିଅ ଜନ୍ମକୁ ନେଇ ଲୋକଙ୍କ ମାନସିକତା ପରିବର୍ତ୍ତନ କରିବା ସହ ଉତ୍ସାହିତ କରିବାକୁ ନିଆରା ପଦକ୍ଷେପ ନିଆଯିବା ଉପରେ ସୂଚନା ଦେଇଥିଲେ। ପଞ୍ଚାୟତର କୌଣସି ବ୍ୟକ୍ତିଙ୍କ ଘରେ ଝିଅ ଜନ୍ମ ହେଲେ ତାଙ୍କ ଘରକୁ ଯାଇ ସଂପୃକ୍ତ ଝିଅର ନାଁରେ ୫୦ଟି ଗଛ ଲଗାଇବାକୁ ନିଷ୍ପତ୍ତି ନେଇଥିବା ସେ ଘୋଷଣା କରିଥିଲେ। ଏଥିସହ ସରପଞ୍ଚ ଶ୍ରୀମତୀ ଅଗ୍ରଓ୍ୱାଲ ନିଜ ଟ୍ୱିଟରରେ ଏନେଇ ସୂଚନା ଦେବା ସହ ଓଡ଼ିଶା ସରକାରଙ୍କ ଶାସନ ସଚିବ, ନୂଆପଡ଼ା ଜିଲ୍ଲାପାଳ, ଡବ୍ଲୁଓଡିସି, ମୋ ସରକାର, ଜିଲ୍ଲା କୃଷି ଅଧିକାରୀ, ଉଦ୍ୟାନ ବିଭାଗକୁ ଟ୍ୱିଟ୍ କରି ଜଣାଇଛନ୍ତି।

ସରପଞ୍ଚଙ୍କ ଏଭଳି ପଦକ୍ଷେପ ପ୍ରଚାର ହେବା ପରେ ପଞ୍ଚାୟତବାସୀ, ଜିଲ୍ଲାବାସୀ ତଥା ରାଜ୍ୟବାସୀ ପ୍ରଶଂସା କରିଛନ୍ତି। ଏନେଇ ଜିଲ୍ଲାପାଳ ଶ୍ରୀ ସୟ ଖୁସିବ୍ୟକ୍ତ କରିବା ସହ ଏହା ଏକ ଭଲ ପଦକ୍ଷେପ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଶ୍ରୀମତୀ ଅଗ୍ରଓ୍ୱାଲଙ୍କ ମତାମତ ନିଆଯିବାରୁ କିଛି ଲୋକ ଝିଅ ଜନ୍ମ ହେବ ବୋଲି ଜାଣିବା ପରେ ଭ୍ରୁଣହତ୍ୟା କରିଦେଉଥିବା ଦେଖାଯାଉଛି। ପୁଣି କିଛି ସ୍ଥାନରେ ଝିଅକୁ ଅଣଦେଖା କରାଯିବା ସହ ବାଲ୍ୟ ବିବାହ ମଧ କରିଦିଆଯାଉଛି। ଏନେଇ ଲୋକଙ୍କୁ ସଚେତନ କରିବାକୁ ଏଭଳି ପଦକ୍ଷେପ ନେଇଥିବା ସେ ପ୍ରକାଶ କରିଛନ୍ତି।

# ବ୍ୟକ୍ତିତ୍ୱ ବିକାଶ ଶିବିରରେ ଯୋଗ ଦେବେ ଠାକୁର ରାଜା ଗଜପତି ମହାରାଜ ଦିବ୍ୟ ସିଂହଦେବ

କେନ୍ଦ୍ରାପଡ଼ା, ୫/୦୪ (ନି.ପ୍ର) : କେନ୍ଦ୍ରାପଡା ଦିବ୍ୟ ଜୀବନ ସଙ୍ଘ ଶାଖା ଆନୁକୂଲ୍ୟରେ ଭାଗବତପୁର ଯାଗମଠସ୍ଥିତ କୌଶଲ୍ୟା ପଡିଆରେ ଏକ ପାଂଚ ଦିବସୀୟ ବ୍ୟକ୍ତିତ୍ୱ ବିକାଶ ଶିବିରକୁ ଆସନ୍ତା ୯ତାରିଖ ଅପରାହ୍ଣରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଉଦଘାଟନ କରିବେ ବୋଲି ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଶ୍ରମର ଅଧକ୍ଷା ଶ୍ରୀମା ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବାଲିଘାଇ ପ୍ରଜ୍ଞାମିଶନର ଶ୍ରୀ ସ୍ୱାମୀ ସମର୍ପଣାନନ୍ଦ ଗିରି, ପରିବ୍ରାଜକ ସନ୍ଥ ଶ୍ରୀ ସ୍ୱାମୀ ଉମାନନ୍ଦ ସରସ୍ୱତୀ, ଚିନ୍ମୟ ମିଶନ, କଟକର ଶ୍ରୀ ସ୍ୱାମୀ ଓମକାରାନନ୍ଦ ସରସ୍ୱତୀ, ହରିଦ୍ୱାର ସାଧନାସଦନର ଶ୍ରୀ ସ୍ୱାମୀ ରାମେଶ୍ୱରାନନ୍ଦ ସରସ୍ୱତୀ, କଟକର ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ ଓ ଦିବ୍ୟ ଜୀବନ ସଙ୍ଘ ସମନ୍ୱୟ ସମିତି ଦକ୍ଷିଣ ଓଡିଶାର ମୁଖ୍ୟ ସଂଗଠକ ଜୟଚନ୍ଦ୍ର ନାୟକ, ଜିଲ୍ଲାପାଳ ଅମୃତ ଋତୁରାଜ, କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଶିବିର ୯ତାରିଖ ଠାରୁ ୧୩ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଚାଲିବ। ଏଥିରେ ଦିବ୍ୟ ଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମ, ଋଷିକେଶ ଚିନ୍ମୟ ମିଶନ, ରାଂଚି, ହରିଦ୍ୱାର ପ୍ରଭୃତି ଆଧ୍ୟାତ୍ମିକ ଅନୁଷ୍ଠାନର ସାଧୁ, ସନ୍ଥ ଓ ଆଚାର୍ଯ୍ୟମାନେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ଅର୍ଶୀବଚନ ପ୍ରଦାନ କରିବେ। ଶିବିରରେ ୫ଶହରୁ ଉର୍ଦ୍ଧ୍ୱ (ବାଳକ, ବାଳିକା)ଯୋଗଦେଇ ଶାରୀରିକ ସୁଦ୍ଧତା, ମାନସିକ, ବିକାଶ ଓ ଆତ୍ମୋନ୍ନତି ଲାଭ କରିବା ସଙ୍ଗେ ସଙ୍ଗେ ସତ୍ୟବ୍ରତୀ, ସଦାଚାରୀ ଓ ପରୋପକାରୀ ନାଗରିକ ହୋଇ ସମାଜର ପୂର୍ଣ୍ଣାଙ୍ଗ ବିକାଶରେ ସହାୟକ ହେବେ। ଶିବିରର ପ୍ରତ୍ୟେକ ସନ୍ଧ୍ୟା ଅଧିବେଶନରେ ଆଧ୍ୟାତ୍ମିକ ସମ୍ମିଳନୀ ଓ ଭଜନ କୀର୍ତ୍ତନ, ଶ୍ରୀଜଗନ୍ନାଥ କଥାମୃତ, ଶାନ୍ତି ପାଠ, ମାନବ ଜାତି ପାଇଁ ଶିବାନନ୍ଦଙ୍କ ଅବଦାନ ସମ୍ପର୍କରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ। ଏଭଳି ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସମସ୍ତ ଶ୍ରଦ୍ଧାଳୁ ଜନସାଧାରଣ ଯୋଗଦେବାକୁ ଦିବ୍ୟ ଜୀବନ ସଙ୍ଘ, କେନ୍ଦ୍ରାପଡା ଏବଂ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶ୍ରୀମା ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ ନିବେଦନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଭାଗବତପୁର ଅ ଳର ଅବସରପ୍ରାପ୍ତ ପ୍ରଶାସକ ଅଶ୍ୱିନୀ କୁମାର ମିଶ୍ର ଓ ପ୍ରମୋଦ କୁମାର ସାହୁ, ସାମ୍ବାଦିକ ସଚ୍ଚିକାନ୍ତ ନାଥ ପ୍ରମୁଖ ଉପସ୍ଥିତ ଥିଲେ।

# ଆମ୍ବେଦକର ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

କୋରେଇ, ୫/୦୪ (ନି.ପ୍ର) : ବାବା ସାହେବ ଭୀମରାଓ ଆମ୍ବେଦକର ଜୟନ୍ତୀକୁ ଜିଲ୍ଲା ସ୍ତରୀୟ ଭାବେ ପାଳନ କରାଯିବାକୁ ଆଣି ପାଣିକୋଇଲି ଦାଣ୍ଡି ଦଳିତ ସାହିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲା ମୂଳ ନିବାସୀ ୟୁନାଇଟେଡ ଫୋରମ ପକ୍ଷରୁ ସମ୍ବିଧାନ ପ୍ରଣେତା ଡା. ଭୀମରାଓ ଓ ରାମଜୀ ଆମ୍ବେଦକରଙ୍କ ୧୩୨ ତମ ଧରାବତରଣ ଜୟନ୍ତୀ ଉପଲକ୍ଷେ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ଜିଲ୍ଲାର ସମସ୍ତ ବ୍ଲକରେ ବାଇକ ଶୋଭାଯାତ୍ରା ଆସି ପାଣିକୋଇଲିରେ ପହଂଚିବା ପରେ ଜୟନ୍ତୀ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଛି।

# ଜିଲ୍ଲାର ପଛୁଆ ବର୍ଗର ଲୋକଙ୍କ ସର୍ଭେ ନେଇ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ମାଲକାନଗିରି, ୫/୦୪ (ନି.ପ୍ର) : ଓଡ଼ିଶା ପଛୁଆ ବର୍ଗ ଆୟୁକ୍ତଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶାର ପଛୁଆ ବର୍ଗର ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ସର୍ଭେ କରିବା ନିମନ୍ତେ ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବ୍ଲକ ସ୍ତରୀୟ ମାଷ୍ଟର ଟ୍ରେନର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଏନୁମେରେଟର ଏବଂ ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ବିଶାଲ ସିଂଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ଶ୍ରୀ ମହେଶ୍ୱର ଚନ୍ଦ୍ର ନାଏକ ଓ ଅତିରିକ୍ତ ଜିଲ୍ଲାପାଳ, ସଧାରଣ, ଶ୍ରୀ ତ୍ରିନାଥ ମାଝୀ ଉପସ୍ଥିତ ଥିଲେ। ଏହି ଶିବିରରେ ରାଜ୍ୟ ସ୍ତରୀୟ ପର୍ଯ୍ୟବେକ୍ଷକ ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ସଚିବ, ଶ୍ରୀ ଦଳମଣି ପଟେଲ ଯୋଗ ଦେଇଥିଲେ। ଏହି ନିମନ୍ତେ ଜିଲ୍ଲାରେ ୫୮୦ ଗୋଟି ସର୍ଭେ କେନ୍ଦ୍ର କରାଯାଇଅଛି ଓ ଏଥିରେ ୫୮୦ ଜଣ ଏନୁମେରେଟର୍ ନିଯୁକ୍ତି ପାଇଛନ୍ତି। ସେହିପରି ତଦାରଖ କରିବା ପାଇଁ ୫୯ ଜଣ ସୁପରଭାଇଜର ନିଯୁକ୍ତି ହୋଇଛନ୍ତି। ଏହି ପ୍ରଶିକ୍ଷଣ ପରେ ଜିଲ୍ଲାରେ ଆସନ୍ତା ୧ ମଇ ଠାରୁ ୨୭ ମଇ, ୨୦୨୩ ପର୍ଯ୍ୟନ୍ତ ସାମଜିକ ପଛୁଆ ବର୍ଗ ଲୋକଙ୍କ ସର୍ଭେ କାର୍ଯ୍ୟ ଆରମ୍ଭ ହେବ। ସେହିପରି ବ୍ଲକ ସ୍ତରରେ ଅର୍ଥାତ୍ ଜିଲ୍ଲାର ୭ ଟି ବ୍ଲକ୍ ରେ ଏପ୍ରିଲ ୧୦ ରୁ ଏପ୍ରିଲ୍ ୧୩ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଅନୁଷ୍ଠିତ ହେବ। ଚିତ୍ରକୋଣ୍ଡାରେ ୮୮ ଜଣ ଏନୁମେରେଟର୍ ଓ ୭ ଜଣ ସୁପରଭାଇଜର, ଖଇରପୁଟରେ ୫୫ ଜଣ ଏନୁମେରେଟର୍ ଓ ୬ ଜଣ ସୁପରଭାଇଜର, କୋରକୁଣ୍ଡାରେ ୬୦ ଜଣ ଏନୁମେରେଟର୍ ଓ ୬ ଜଣ ସୁପରଭାଇଜର, ମାଲକାନଗିରି ରେ ୯୫ ଜଣ ଏନୁମେରେଟର୍ ଓ ୧୧ଜଣ ସୁପରଭାଇଜର, ମାଥିଲି ରେ ୧୦୦ ଜଣ ଏନୁମେରେଟର୍ ଓ ୧୦ ଜଣ ସୁପରଭାଇଜର, ପଡ଼ିଆ ରେ ୪୦ ଜଣ ଏନୁମେରେଟର୍ ଓ ୪ ଜଣ ସୁପରଭାଇଜର, କାଲିମେଳା ରେ ୧୧୫ ଜଣ ଏନୁମେରେଟର୍ ଓ ୧୧ ଜଣ ସୁପରଭାଇଜର, ବାଲିମେଳା ଏନଏସିରେ ୧୦ ଜଣ ଏନୁମେରେଟର୍ ଓ ୭ ଜଣ ସୁପରଭାଇଜର, ମାଲକାନଗିରି ପୌରାଂଚଳରେ ୧୭ ଜଣ ଏନୁମେରେଟର୍ ଓ ୨ ଜଣ ସୁପରଭାଇଜର ନିଯୁକ୍ତି ପାଇଛନ୍ତି। ପଛୁଆ ବର୍ଗର ସମସ୍ତ ଜନସାଧାରଣ ସ୍ୱଇଚ୍ଛାକୃତ ଭାବେ ଯାଇ ସର୍ଭେ କେନ୍ଦ୍ରରେ ନିଜର ତଥ୍ୟ ପ୍ରଦାନ କରି ପଞ୍ଜୀକରଣ କରିପାରିବେ। ସଚେତନତା ସୃଷ୍ଟି ନିମନ୍ତେ ସମଗ୍ର ଜିଲ୍ଲାରେ ପ୍ରଚାର ପ୍ରସାର ବ୍ୟବସ୍ଥା କରାଯାଇଛି। ସର୍ଭେ ପରେ ୨୭ ଜୁନ୍ ୨୦୨୩ ରେ ଡ୍ରାଫ୍ଟ ପ୍ରକାଶ କରାଯିବ। ଏ ନେଇ ୨୮ ଜୁନ ରୁ ୩ ଜୁଲାଇ ୨୦୨୩ ପର୍ଯ୍ୟନ୍ତ ଜନସାଧାରଣ ଅଭିଯୋଗ ଦାଖଲ କରିପାରିବେ। ସଂପୂର୍ଣ୍ଣ ପ୍ରସ୍ତୁତ ଡ୍ରାଫ୍ଟକୁ ୧୨ ଜୁଲାଇ ୨୦୨୩ ରେ ପ୍ରକାଶ କରାଯିବ। ଏହି ପ୍ରଶିକ୍ଷଣ ନିମନ୍ତେ ଜିଲ୍ଲାରୁ ଅତିରିକ୍ତ ଜିଲ୍ଲାପାଳ ସଧାରଣ, ଡେପୁଟି କଲେକ୍ଟର, ପ୍ରମୋଦ କୁମାର ବେହେରା, ଚିତ୍ରକୋଣ୍ଡା ତହସିଲଦାର, ଟି ପଦ୍ମନାଭ ଦୋରା, ଏପିଡି ହିମାଂଶୁ ମହାରଣା ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର ଭାବେ ପ୍ରଶିକ୍ଷଣ ନେଇଛନ୍ତି। ଏହି ସ୍ୱତନ୍ତ୍ର ସର୍ଭେ ନିମନ୍ତେ ଜିଲ୍ଲାପାଳ ଅଧକ୍ଷ, ଅତିରିକ୍ତ ଜିଲ୍ଲାପାଳ ଜିଲ୍ଲା ନୋଡାଲ ଅଧିକାରୀ, ଡେପୁଟି କଲେକ୍ଟର ଡେପୁଟି ଜିଲ୍ଲା ନୋଡାଲ ଅଧିକାରୀ, ସମସ୍ତ ବିଡିଓ ବ୍ଲକ ନୋଡାଲ ଅଧିକାରୀ, ନିର୍ବାହୀ ଅଧିକାରୀ ପୌରାଂଚଳ ନୋଡାଲ ଅଧିକାରୀ ଅଛନ୍ତି। ଆଜିର ଏହି ଶିବିରରେ ସମସ୍ତ ସିଡିପିଓ, ବିଡିଓ, ତହସିଲଦାର , ବିଇଓ ଓ ନିର୍ବାହୀ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିରରେ ଦୟଣାଚୋରୀ ନୀତି ଅନୁଷ୍ଠିତ

ପୁରୀ, ୫/୦୪ (ନି.ପ୍ର) : ଚୈତ୍ର ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିରରେ ଦୟଣାଚୋରୀ ନୀତି ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣଘର ଭୋଗ ଶେଷ ହେବା ପରେ ରାମକୃଷ୍ଣଙ୍କୁ ସିଂହାସନରେ ବିଜେ କରାଯାଇ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ଦ୍ୱାଦଶୀ ତିଥିରେ ଅଧିବାସ ହୋଇଥିବା କର୍ନ୍ଦପ ପଟିକୁ ମହାଜନ ସେବାୟତ ବିଜେ କରାଇ ଘଂଟ ଛତା କାହାଳୀ ସହ ବଟ ଗଛମୂଳ ପାଲିଙ୍କି ଆଗରେ ଦଣ୍ଡାୟମାନ ହୋଇଥିଲେ । ରାମକୃଷ୍ଣ ପାଲିଙ୍କିରେ ବିଜେ କରିଥିଲେ । ବିମାନବଡୁମାନେ ରାମକୃଷ୍ଣଙ୍କୁ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରିଥିଲେ। ସେଠାରେ ମହାଜନ ସେବକମାନେ ରାମକୃଷ୍ଣଙ୍କୁ ଖଟ ଉପରେ ବିଜେ କରାଇଥିଲେ । କର୍ନ୍ଦପ ପଟି ଦିଅଁଙ୍କ ଆଗରେ ବିଜେ କରାଇଥିଲେ । ସେଠାରେ ହୋମ ଭୋଗ ବନ୍ଦାପନା ହୋଇଥିଲା । ରାମ ଓ କୃଷ୍ଣ ନିଶବ୍ଦରେ ଉଦ୍ୟାନକୁ ଯାଇ ଦୟଣା ଚୋରୀ କରିଥିଲେ । ଭିତରଛୁ ମହାପାତ୍ର ରାମକୃଷ୍ଣଙ୍କ ଶ୍ରୀହସ୍ତରେ ଦୁଇ ଗଛ ଦୟଣା ଲାଗି କରିଥିଲେ । ଚାରୋଟି ଦୟଣା ପଟି ନୂଆ ତାରରେ ରଖି ଖଣ୍ଟୁଆ ଘୋଡ଼ାଇ ରାମକୃଷ୍ଣଙ୍କ ସହିତ ପାଲିଙ୍କିରେ ରଖିଥିଲେ । ବଲ୍ଲଭରୁ ରାମକୃଷ୍ଣ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରି ବଟ ମୂଳେ ପାଲିଙ୍କି ରଖାଯାଇଥିଲା । ଭୋଗ ମଣ୍ଡପ ଧୋପଖାଳ ହୋଇ ଚାନ୍ଦୁଆ ଟଣା ଯାଇଥିଲା । ଚାନ୍ଦୁଆ ତଳେ ବାଲି ବନ୍ଧ ଉପରେ ଦୟଣା,ମରୁଆ,ସୁବାସିତ ଗଛମାନ ଲଗା ଯାଇଥିଲା। ଗରୁଡ଼ ଦ୍ୱାର ଠାରେ ମହାଜନ ସେବକ ରାମକୃଷ୍ଣଙ୍କ ଶ୍ରୀହସ୍ତରେ ଲାଗି ହୋଇଥିବା ଦୟଣା ଗଛ ମଇଲମ କରିଥିଲେ । ଦୟଣା ପତ୍ରୀ ଗଛମାନଙ୍କୁ ତାଡ଼ରେ ରଖା ଯାଇଥିଲା । ବଡ଼ସିଂହାର ଭୋଗ ପରେ ମଦନମୋହନ ଠାକୁର ଭିତରକୁ ବିଜେ କରିଥିଲେ । ଶ୍ରୀଦେବୀ ,ଭୂଦେବୀ ଓ ମଦନମୋହନ ହାତରେ ତିନୋଟି ଦୟଣାଗଛ ବନ୍ଧା ଯାଇଥିଲା। ଅନ୍ୟ ତିନୋଟି ଦୟଣାଗଛକୁ ତିନୋଟି ଚାଙ୍ଗୁଡ଼ିରେ ରଖା ଯାଇଥିଲା । ପୂଜାପଣ୍ଡା ସେବକ ମେଡ଼ି ପତନି, ଫୁଲ, ଚନ୍ଦନ ଦେଇ ମଣ୍ଡଳ ଉପରେ ତିନୋଟି ଚାଙ୍ଗୁଡ଼ି ରଖିଥିଲେ । ଏହାପରେ ପାଣି ପଡ଼ିଥିଲା । ଶୀତଳ ଭୋଗ ବଢା ଯାଇ ପଂଚପଚାରରେ ମଣୋହି ହୋଇଥିଲା । ଭୋଗମଣ୍ଡପ ଦ୍ୱାର ମାନଙ୍କୁ ଚଢଉକରଣ ମୁଦ ଦେଇଥିଲେ। ଏହାପରେ ଭିତର ବଡ଼ସିଂହାର ଭୋଗ ଓ ପହୁଡ଼ ଆଳତି ହୋଇଥିଲା।

## ବାନ୍ଧନୀ ଓ ପାଟନ ପଟୋଲା ଶାଢ଼ିର ଫ୍ୟାସନ୍



ବାନ୍ଧନୀ ପ୍ରିଣ୍ଟର ଶାଢ଼ି ଓ ଡ୍ରେସ୍‌ର ଫ୍ୟାସନ ଏହି ସମୟରେ ଖୁବ୍ ଚାଲିଛି । ରଙ୍ଗିନ ଛୋଟ ଛୋଟ ପ୍ରିଣ୍ଟର ଶାଢ଼ି ଓ ଓଢ଼ଣି ନିଶ୍ଚିତ ଭାବରେ ଦେଖିଥିବେ । ଏହାକୁ ବାନ୍ଧନୀ ପ୍ରିଣ୍ଟ କୁହାଯାଏ । ଗୁଜରାଟ ଓ ରାଜସ୍ଥାନର ପାରମ୍ପରିକ ଷ୍ଟାଇଲ ଆଜିକାଲି ସବୁ ସ୍ଥାନର ମହିଳାମାନେ ପସନ୍ଦ କରୁଥିବାର ଦେଖାଯାଉଛି । ସେଲିବ୍ରିଟିମାନେ ମଧ ଏହି ପ୍ରିଣ୍ଟର ଡ୍ରେସ୍‌ରେ ନଜର ଆସନ୍ତି । ବର୍ତ୍ତମାନ ସମୟରେ ଏହି ପ୍ରିଣ୍ଟ ଲାଟେଷ୍ଟ ଟ୍ରେଣ୍ଡ ହୋଇଗଲାଣି । କେବଳ ବାନ୍ଧନୀ ନୁହେଁ, ଅନ୍ୟ ଏକ ବିଶେଷ ପ୍ରକାରର ପ୍ରିଣ୍ଟର ଶାଢ଼ି ବା ଡ୍ରେସ୍ ମଧ ସମସ୍ତେ ପସନ୍ଦ କରୁଛନ୍ତି, ତାହା ହେଲା ପାଟନ ପଟୋଲା ଶାଢ଼ି ।





♦ପଟୋଲା ଶାଢ଼ିର ବିଶେଷତ୍ୱ ହେଲା ହେବ । ଏହାର ସିଧା ଓ ଓଲଟା ପାଇଁ ଏହାକୁ ଡବଲ୍ ଇକତ କୁହାଯାଏ ସୂତାର ଲମ୍ବା ଓ ଚଉଡ଼ାକୁ କ୍ରସ୍ କରି ସିଧା ଓ ଓଲଟା ମଧରେ ପାର୍ଥକ୍ୟ ଜଣା

♦କୁହାଯାଏ ସେ ସୋଲଙ୍କି ବଂଶର ଜଲନା ବାହାରରୁ ୭୦୦ ବୁଣାକାରଙ୍କୁ କହିଥିଲେ । ସେ ସମୟରେ ରାଜା ପଟୋଲା ସିଲ୍‌କର ପଟ୍ଟା ପିନ୍ଧୁଥିଲେ । ପାଟନରେ କେବଳ ତିନିଜଣ ଏପରି ଯେଉଁମାନେ ଅରିଜିନାଲ ପାଟନ କାରବାର କରୁଛନ୍ତି ।

♦ଏହି ଶାଢ଼ିର ଅନ୍ୟ ଏକ ବିଶେଷତ୍ୱ କେବେ ମଧ ହାଲୁକା ହୁଏନାହିଁ । ନର୍ତ୍ତକୀ, ହାତୀ, ଘୋଡ଼ା, ଓସ୍ତ ପତ୍ର, ଆକୃତିର ଡିଜାଇନ କରାଯାଇଥାଏ ।

♦ଗୁଜରାଟରେ ବାନ୍ଧନୀ ପ୍ରିଣ୍ଟ ସହିତ ମହିଳାମାନେ ବେଶି ପସନ୍ଦ କରନ୍ତି । ଇତିହାସ ଅନେକ ପୁରୁଣା । ପଟୋଲା, ଏକ ପ୍ରକାରର ରେଶମୀ ଶାଢ଼ି, ପୂର୍ବରୁ ନିର୍ଦ୍ଧାରିତ ସ୍ଥାନରେ ଗଣ୍ଠି ବାନ୍ଧି । ଗୁଜରାଟର ଟ୍ରେଡମାର୍କକୁ ପଟୋଲା କରିବା ପ୍ରଣାଳୀ ପାଇଁ ଦାମୀ ବୋଲି ଏହି ଶାଢ଼ି ବା ଡ୍ରେସ୍‌କୁ ତିଆରି କରିବା

ଏହାର ଦୁଇଟି ଯାକ ପାର୍ଶ୍ୱରୁ ପିନ୍ଧି ଗୋଟିଏ ପ୍ରକାରର । ଏହି କାରଣ । ଡବଲ ଇକତ (ଏକା ଭଳି) ବୁଣାଯାଏ, ଯାହାଦ୍ୱାରା ଏହାର ପଡ଼େନାହିଁ ।

ରାଜା କୁମାରପାଳ ମହାରାଷ୍ଟ୍ରର ପାଟନରେ ରହିବାକୁ ବିଶେଷ ଅବସରରେ ବର୍ତ୍ତମାନ ସମୟରେ ପରିବାର ଅଛନ୍ତି ପଟୋଲା ଶାଢ଼ିର

ହେଉଛି ଏହାର ରଙ୍ଗ ପଟୋଲା ଶାଢ଼ିରେ ଶୁଆ ଇତ୍ୟାଦି

ପଟୋଲା ଶାଢ଼ିକୁ ଏହି ପ୍ରିଣ୍ଟର ଗୁଜରାଟର ଯାହାକୁ ବୁଣିବା ରଙ୍ଗ ଦିଆଯାଏ ଶାଢ଼ି ତିଆରି କୁହାଯାଏ । ପ । ଇ ଁ

ବ୍ୟବହାର କରାଯାଉଥିବା ରେଶମୀ ସୂତା କର୍ଣ୍ଣାଟକ ବା ପଶ୍ଚିମ ବଙ୍ଗରୁ କିଣାଯାଏ । ଏହି ସୂତା ଦ୍ୱାରା ଶାଢ଼ିର ଚମକ ଅନେକ ଗୁଣ ବଢ଼ିଥାଏ ।

## ସମଲିଙ୍ଗୀ ପଶୁ-ପକ୍ଷୀ !





ପଶୁ-ପକ୍ଷୀମାନେ ମଧ୍ୟ ସମଲିଙ୍ଗୀ ପ୍ରବଣ ହୋଇପାରନ୍ତି । ସମଲିଙ୍ଗୀ ପ୍ରବଣତା ଥିବା ପ୍ରାୟ ପାଞ୍ଚ ଶହ ପ୍ରଜାତିର ପଶୁ-ପକ୍ଷୀଙ୍କୁ ପ୍ରାଣୀବିଜ୍ଞାନୀମାନେ ଚିହ୍ନଟ କରିଛନ୍ତି । ମଣିଷର ନିକଟତର କହାଯାଉଥିବା ବୋନୋବୋକ୍ ବାନରଙ୍କ ମୁକ୍ତ ଓ ଅବାଧ ଯୌନ-କ୍ରିୟା ଦେଖି ବିଜ୍ଞାନୀମାନେ ବିସ୍ମିତ ହେଇଛନ୍ତି । ଏହି ଶାନ୍ତିପ୍ରିୟ ପ୍ରାଣୀ ଅଯଥା ଲଢ଼େଇ-ଝଗଡ଼ାରେ ନ ମାତି ଶରୀରକୁ ଉପଭୋଗ କରିବା ଉପରେ ଗୁରୁତ୍ୱ ଦିଅନ୍ତି । ଦୈହିକ ଉପଭୋଗର ଆନନ୍ଦ ନିଅନ୍ତି । ଏହି ପ୍ରଜାତିର ସ୍ତ୍ରୀ ପ୍ରାଣୀଙ୍କ ମଧ୍ୟରେ ସମଲିଙ୍ଗୀ ଯୌନ-ସଂପର୍କ ଅତି ସାଧାରଣ । ସ୍ତନ୍ୟପାୟୀ ସାମୁଦ୍ରିକ ଜୀବ ବୋତଲ-ନାକିଆ ଡଲଫିନ୍ ମଧ୍ୟ ସମଲିଙ୍ଗୀ । ଏହି ପ୍ରଜାତିର ପୁରୁଷମାନେ ନିଜ ନିଜ ଭିତରେ ଏପରିକି ମୁଖ-ମୈଥୁନ ମଧ୍ୟ କରନ୍ତି । ଅନ୍ୟ ସାମୁଦ୍ରିକ ପ୍ରାଣୀଙ୍କ ଭିତରେ ଧୂସର ତିମି ଏବଂ ୱାଲରସ୍‌ଙ୍କମାନେ ସମଲିଙ୍ଗୀ ସଂପର୍କ ସ୍ଥାପନ କରନ୍ତି । ଏହି ପୁରୁଷ ୱାଲରସ୍‌ମାନେ ଯୁଗ୍ମ ଅବସ୍ଥାରେ ପାଣିରେ ଶୁଅନ୍ତି । ଆମେରିକାରେ ଦେଖାଯାଉଥିବା ବଣ-ମହିଷ କ୍ଷେତ୍ରରେ ମଧ୍ୟ ଏହା ସାଧାରଣ । ଏହି ପ୍ରଜାତିର ମହିଷୀମାନେ ବର୍ଷରେ ମାତ୍ର ଥରଟିଏ ମହିଷ ସହ ମିଳିତ ହେଉଥିବାରୁ, ମହିଷମାନେ ବର୍ଷ ତମାମ ସମଲିଙ୍ଗୀ ଯୌନ-କ୍ରୀଡ଼ା କରନ୍ତି । ଅନ୍ୟ ତୃଣଭୋଜୀଙ୍କ ମଧ୍ୟରେ କେତେକ ପ୍ରଜାତିର ହରିଣର, ଜିରାଫ୍ ଏବଂ ମାକାକ୍ସ ବାନର ଏଭଳି ଅସ୍ୱାଭାବିକ ସଂପର୍କ ରଖନ୍ତି । ପକ୍ଷୀଙ୍କ ଭିତରେ ଗିନି କୁକୁଡ଼ା ଏବଂ ଇଉରୋପୀୟ ରାଜହଂସ ସମଲିଙ୍ଗୀ ।

## ବ୍ୟବହାର କରିନପାରିବାରୁ ଫୋନ୍ ଫେରାଇ ଦେଲା ଚୋର



ଦାମୀ ଫୋନ୍ ହଜିଯିବା ପରେ ପୁଣି ମିଳିବା ବାସ୍ତବରେ କୌଣସି ଚମତ୍କାରଠୁ କମ୍ ନୁହେଁ । ଏଭଳି ଏକ ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି । ନିକଟରେ ଜଣେ ବ୍ୟକ୍ତିଙ୍କ ସ୍ମାର୍ଟଫୋନ୍ ଏକ ଦୋକାନରେ ଚୋରି ହୋଇଯାଇଥିଲା । ଚୋରି କରିଥିବା ବ୍ୟକ୍ତି ଜଣକ କିଛି ଦିନ ପରେ ଫୋନ୍‌ଟିକୁ ଉକ୍ତ ବ୍ୟକ୍ତିଙ୍କୁ ଫେରାଇ ଦେଇଛି । ତେବେ ଏହାର କାରଣ ସବୁଠୁ ମଜାଦାର । ଚୋର ବ୍ୟବହାର କରିନପାରିବାରୁ ସ୍ମାର୍ଟଫୋନ୍‌ଟିକୁ ଫେରାଇ ଦେଇଛି । ଗତ ସେପ୍ଟେମ୍ବର ୪ ତାରିଖରେ ପୂର୍ବ ବୁର୍ଦ୍ଧୱାନ ଜିଲ୍ଲା ସ୍ଥିତ ଜମାଲପୁରର ଏକ ମିଠା ଦୋକାନରେ ଜଣେ ୨୨ ବର୍ଷୀୟ ଯୁବକ ଭୁଲବଶତଃ ୪୫ ହଜାର ଟଙ୍କାର ନିଜ ସ୍ମାର୍ଟଫୋନ୍ ଛାଡ଼ିଦେଇଥିଲେ । ସଙ୍ଗେ ସଙ୍ଗେ ଦୋକାନ କାଉଣ୍ଟରରୁ ତାହା ଚୋରି ହୋଇଗଲା । ଏହା ପରେ ଫୋନ୍ ମାଲିକ ଥାନାରେ ଅଭିଯୋଗ କଲେ । କିନ୍ତୁ ପୁଲିସ ଉକ୍ତ ମିଠା ଦୋକାନରେ ଫୋନ୍‌ଟିକୁ ପାଇଲା ନାହିଁ । ଅନ୍ୟ ଫୋନ୍‌ରେ ନିଜ ଫୋନ୍‌କୁ ଫୋନ୍ କରିବାକୁ ବ୍ୟକ୍ତି ଜଣକ ଚେଷ୍ଟା କଲେ, କିନ୍ତୁ ତାହା ସ୍ୱିଚ୍ଡ ଅଫ୍ ଥିଲା । ତେବେ ଗତ ରବିବାର ପୁଣି ଥରେ ନିଜ ଫୋନ୍‌କୁ ଫୋନ୍ କରିବା ପରେ ଚୋରି କରିଥିବା ବ୍ୟକ୍ତି ଜଣକ ଫୋନ୍ କଲ୍ ରିସିଭ୍ କଲେ ଏବଂ ବ୍ୟବହାର କରିନପାରିବାରୁ ଫୋନ୍ ଫେରାଇବାକୁ ଚାହୁଁଛନ୍ତି ବୋଲି କହିଲେ । ଫୋନ୍ ମାଲିକ ଚୋରର ଏ କଥା ଶୁଣି ପ୍ରଥମେ ବିଶ୍ୱାସ କରିପାରିଲେ ନାହିଁ । ଏହା ପରେ ସଙ୍ଗେ ସଙ୍ଗେ ପୁଲିସ ସାହାଯ୍ୟରେ ସେହି ଦିନ ଚୋରି କରିଥିବା ବ୍ୟକ୍ତିଙ୍କ ଘରକୁ ଯାଇ ନିଜ ଫୋନ୍ ଆଣିଲେ । ବ୍ୟକ୍ତି ଜଣକ ଫୋନ୍ ଫେରାଇ ଦେଇଥିବାରୁ ଫୋନ୍ ମାଲିକ ତା' ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ପୁଲିସକୁ ଅନୁରୋଧ କଲେ । ତେଣୁ ପୁଲିସ ଫୋନ୍ ଚୋର ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ନାହିଁ ।

## ମୋଟାପଣର କାରଣ



କାନାଡ଼ାର ଗବେଷକ ଦଳ ନିକଟରେ ସଂଖ୍ୟାଧିକ ଲୋକଙ୍କୁ ନେଇ ଏକ ପରୀକ୍ଷା କରିଥିଲେ। ନାନାପ୍ରକାର ପରୀକ୍ଷାନିରୀକ୍ଷା ସହ ସନ୍ତୁଳିତ ଭୋଜନରେ କେତେଜଣଙ୍କ ଓଜନ ନିୟନ୍ତ୍ରଣ ହୋଇଥିଲା। ହେଲେ ଅନ୍ୟ କେତେଜଣଙ୍କ ଓଜନ କମିବା ବଦଳରେ ଦିନକୁ ଦିନ ବଢ଼ିବାକୁ ଲାଗିଲା।

ଗବେଷକମାନେ ଏହାର କାରଣ ଖୋଜିବାକୁ ତତ୍‌କ୍ଷଣାତ୍ ଲାଗିପଡ଼ିଲେ।

ଆମେରିକାରେ ଉପଲବ୍ଧ ହେଉଥିବା ଏକ ନାମକରା କମ୍ପାନୀକୁ ହ୍ୟାଣ୍ଡ ୱାଶ କାରଣରୁ ଲୋକେ ମୋଟା ହେଉଥିବାର ତଥ୍ୟ ଜଣାପଡ଼ିଲା। ହ୍ୟାଣ୍ଡ ୱାଶରେ ଟ୍ରିକଲୋସାନ୍ ନାମକ ଆଣ୍ଟି-ବ୍ୟାକ୍ଟେରିଆ ତତ୍ତ୍ୱ ହର୍ମୋନ୍ ସିଷ୍ଟମକୁ ପ୍ରଭାବିତ କରୁଥିବାରୁ ଲୋକେ ମୋଟା ହେଉଥିବାର ଗବେଷଣ୍ରୁ ପ୍ରକାଶ। ଆମେରିକାର କେତୋଟି ଅଂଚଳରେ ଏହି ଏହି ହ୍ୟାଣ୍ଡ ୱାଶ୍ ବିକ୍ରି ନେଇ କଟକଣା ଲାଗୁ କରାଯାଇଛି।

ସୋସିଆଲ ସାଇଟରେ ଅନ୍-ଲାଇନ୍ ରହୁଥିବାବେଳେ ଯୁବପିଢ଼ି ଆବଶ୍ୟକତାଠାରୁ ଅଧିକ ଖାଉଥିବାର ପ୍ରକାଶ।

ନିଜ ପ୍ରିୟ ବ୍ୟଂଜନକୁ ଟେଲିଭିଜନ କିମ୍ୱା ରେଷ୍ଟୋରାଁରେ ଦେଖିବା ମାତ୍ରେ ଏଡ୍ରେନାଲିନ୍ ଓ ଏଡ୍ରେନାଲାଇନ୍ ନାମକ ହରମୋନ୍ ବାହାରୁଥିବାରୁ ମଧ୍ୟ ମୋଟାପଣ ବଢ଼ିଥାଏ।

ଲୁଣ ଅଧିକ ପରିମାଣରେ ଖାଉଥିବା ଲୋକଙ୍କ ପେଟ ଫୁଲିବା



ସହ ଓଜନ ବଢ଼େ।

ପ୍ଲାଷ୍ଟିକ ବୋତଲରେ ପାଣିପିଇବା ମଧ୍ୟ କ୍ଷତିକାରକ। ଏଥିରେ ଥିବା ଏକ ପ୍ରକାର ରାସାୟନିକ ଦ୍ରବ୍ୟ ମୋଟା କରାଉଥିବାର ଗବେଷକଙ୍କ ମତ।

## ଗୋଟିଏ ବି ଗାଡ଼ି ଚାଲେ ନାହିଁ ଏହି ଗାଁରେ

ନେଦରଲ୍ୟାଣ୍ଡସ୍‌ର ଗୋଟିଏ ଛୋଟ ଗାଁ ଗିୟେଥୁର୍ନ । ଆୟତନରେ ଛୋଟ ହୋଇପାରେ । ଅଥଚ ଏହା ଦେଖିବାକୁ ଏତେ ସୁନ୍ଦର ଓ ସବୁଜିମାରା ଯେ ଥରେ ଏଠାକୁ ଗଲେ ଫେରି ଆସିବାକୁ ମନ ହେବ ନାହିଁ । ପର୍ଯ୍ୟଟକମାନଙ୍କ ପାଇଁ ଲୋକପ୍ରିୟ ଏହି ଗାଁ । କିନ୍ତୁ ଏଠାକୁ ଅତି ସୀମିତ ସଂଖ୍ୟକ ପର୍ଯ୍ୟଟକ ଆସିଥାଆନ୍ତି । ଯଦିଓ କୋଭିଡ-୧୯ ମହାମାରୀ ପରଠାରୁ ଏହି ଗାଁରେର ପର୍ଯ୍ୟଟକଙ୍କ ପାଦ ପଡ଼ିନାହିଁ । ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ନୁହେଁ, ଆଉ ଗୋଟିଏ ବିଶେଷ କାରଣ ପାଇଁ ଏହି ଗାଁର ଏତେ ପରିଚୟ । ଏହି ଗାଁ ମଧରେ ଯାତାୟତ କରିବା ପାଇଁ ଗୋଟିଏ ଗୋଟିଏ ପ୍ରାନ୍ତରେ ପହଞ୍ଚି ଯାଆନ୍ତି । ଏହା ମଧରେ ଯେଉଁ ନୌକା ବ୍ୟବହାର କରାଯାଏ, ଗ୍ରାମର ଶାନ୍ତ ପରିବେଶ ବଜାୟ ରଖିବାରେ ସେଗୁଡ଼ିକରେ ଶବ୍ଦହୀନ ଇଞ୍ଜିନ ଖଞ୍ଜାଯାଇଥାଏ । ଏହି ବିଶେଷତ୍ୱ ହିଁ ଗ୍ରାମଟିକୁ ଅନନ୍ୟ କରିଛି । ଏହି ଗ୍ରାମରେ ସବୁଠାରୁ ଜୋରରେ ଯଦି କିଛି ଶୁଣାଯାଏ ତେବେ ତାହା ହୁଏତ କୌଣସି ପକ୍ଷୀର କାକଳି ହୋଇଥିବ । କାହିଁକି ଏହି ଗ୍ରାମରେ କୌଣସି ରାସ୍ତା ନାହିଁ? ଏହି ଗ୍ରାମକୁ ନେଦରଲ୍ୟାଣ୍ଡସ୍‌ର ଭେନିସ ବୋଲି ମଧ କୁହାଯାଏ । ତେବେ ଭେନିସ ଭଳି ପ୍ରାକୃତିକ ଭାବେ ଏହି ଗାଁ ଗଢ଼ି ଉଠିନଥିଲା ।





ବିଶେଷ କାରଣ ପାଇଁ ଏହି ଗାଁର ଏତେ ପରିଚୟ । ଏହି ଗାଁ ମଧରେ ଯାତାୟତ କରିବା ପାଇଁ ଗୋଟିଏ ବୋଲି ସଡ଼କ ପଥ ନାହିଁ । ସଡ଼କ ନଥିବାରୁ ଗାଡ଼ି ମଧ ନାହିଁ । ଆଉ ଗାଡ଼ି ନଥିବାରୁ ଏହି ଗାଁରେ କୌଣସି କୋଳାହଳ ନାହିଁ । ସାରାଦିନ ଶାନ୍ତ ଥାଏ ଏଠାକାର ପ୍ରକୃତି । ଯାତାୟତ ପାଇଁ ଯଦି ରାସ୍ତା ନଥାଏ, ତେବେ ଗାଁର ଲୋକମାନେ ଯାତାୟତ କିଭଳି ଭାବେ କରନ୍ତି ? ସବୁକିଛି ଜଳପଥରେ । ଅର୍ଥାତ୍ ଗାଁର ପ୍ରତି ପ୍ରାନ୍ତରେ ଜଳପଥର ବ୍ୟବସ୍ଥା କରାଯାଇଛି । ଏହି ଜଳପଥ ସାହାଯ୍ୟରେ ହିଁ ଏହି ଗାଁର ଲୋକମାନେ ଗୋଟିଏ ପ୍ରାନ୍ତରୁ ଆଉ ଏହି ଗାଁରେ ଯେତେବେଳେ ପ୍ରଥମେ ଲୋକମାନେ ବସବାସ କରିବା ଆରମ୍ଭ କରିଥିଲେ ସେହି ସମୟରେ ଗାଁ ମଧରେରର ଅନେକ ସ୍ଥାନରେର ମାଟି ତଳେ ଫମ୍ପା ଅଂଶ ଥିଲା । ଗାଁରେ ବସବାସ ଆରମ୍ଭ କଲାବେଳେ ଲୋକମାନେ ସେହି ସବୁ ସ୍ଥାନକୁ ଖୋଳିବା ଆରମ୍ଭ କରିଥିଲେ । ବର୍ଷ ବର୍ଷ ଧରି ସେହି ଫମ୍ପା ସ୍ଥାନଗୁଡ଼ିକ ଖୋଳିଲା ପରେ ଗାଁ ମଧରେର ସ୍ଥାନରେ ଛୋଟ ଛୋଟ ହ୍ରଦ ସୃଷ୍ଟି ହୋଇଗଲା । ଧୀରେ ଧୀରେ ସେହି ହ୍ରଦଗୁଡ଼ିକୁ ଯୋଡ଼ି କେନାଲ୍ ଭଳି ତିଆରି କରାଗଲା । ଗାଁ ଭିତରେ ଭିନ୍ନ ଭିନ୍ନ ଦିଗରେ ଏହି କେନାଲ ଗୁଡ଼ିକ ଯାଇଥିବାରୁ ଆଉ ପାଦ ଚଲା ରାସ୍ତା ରହିଲା ନାହିଁ । ଏମିତିକି ଲୋକମାନେ ସାମ୍ନା ଘରେ ରହୁଥିବା ପଡ଼ୋଶୀଙ୍କ ଘରରକୁ ଯିବାକୁ ଚାହିଁଲେ କାଠ ଓ ଲୁହାରେ ତିଆରି ଛୋଟ କଲଭର୍ଟ ଉପରେ ଯାତାୟତ କରିଥାଆନ୍ତି । ଗାଁଟି ଏକ ଛୋଟ ଦ୍ୱୀପ ଭଳି ମନେହୁଏ । ପୂରା ଗାଁରେର ଛୋଟ ଛୋଟ ୧୫୦ଟି ସେତୁ ତିଆରି ହୋଇଛି । ତେବେ ଏହି ଗାଁ ବିଷୟରେ ୧୯୮୫ ମସିହାରେର ପ୍ରଥମ ଥର ପାଇଁ ବାହାର ଦୁନିଆର ଲୋକମାନେ ଜାଣିବାକୁ ପାଇଲେ । ଡଚ୍ ଫିଲ୍ମ ନିର୍ମାତା ବାର୍ଟ ହାନଷ୍ଟ୍ରା ତାଙ୍କ କମେଡି ଫିଲ୍ମ 'ଫ୍ୟାନଫେୟାର'ର ସୁଟିଂ ଏହି ଗ୍ରାମରେ କରିଥିଲେ । ଏହି ଗାଁର ଲୋକସଂଖ୍ୟା ଅଢ଼େଇ ହଜାର ପାଖାପାଖି ହେବ । ଅତି ଆବଶ୍ୟକ ନ ହେଲେ ଏହି ଗାଁର ଲୋକମାନେ ସହରକୁ ଯାଆନ୍ତି ନାହିଁ । ବରଂ ସରକାରଙ୍କ ତରଫରୁ ଏହି ଗାଁର ଲୋକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦିଆଯାଏ । ଗାଁର ଲୋକମାନେ ଅତ୍ୟନ୍ତ ସରଳ ଓ ନିରାଡମ୍ବର ଜୀବନ ଅତିବାହିତ କରିଥାଆନ୍ତି । ଏହି ଲୋକମାନଙ୍କ ଅନୁସାରେ ସେମାନଙ୍କ ଚାହିଦା ଆଦି ସ୍ୱଳ୍ପ ହୋଇଥିବାରୁ ସେମାନେ କେବେ ବି ମନଦୁଃଖରେ ରହନ୍ତି ନାହିଁ । ସ୍ୱଳ୍ପରେ ସନ୍ତୁଷ୍ଟ ରହୁଥିବାରୁ ଏହି ଗାଁର ଲୋକମାନେ ସବୁବେଳେ ହସଖୁସିରେ ଜୀବନ ବିତାଇ ଥାଆନ୍ତି । ପର୍ଯ୍ୟଟକମାନଙ୍କ ସହିତ ଏହି ଗାଁର ଲୋକମାନଙ୍କ ବ୍ୟବହାର ଅତ୍ୟନ୍ତ ନମ୍ର ହୋଇଥାଏ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୬ ଏପ୍ରିଲ ୨୦୨୩, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ସହିବାର ଗୁଣ...

ଏକ ଚିତ୍ରପଟ- ବର୍ତ୍ତମାନ ସମୟର ଅତି ତିକ୍ତ ଭାବରେ ବିଭାଜିତ ହୋଇ ଯାଇଥିବା ଭାରତୀୟ ରାଜନୀତିର ଆଙ୍କି ହୋଇ ଚାଲିଛି ଦେଶର ପୃଷ୍ଠଭୂମି ରୂପକ କ୍ୟାନ୍‌ସ୍ ଉପରେ। ସରଗରମ ହୋଇ ଉଠିଛି ପରିସ୍ଥିତି; ଏଇ ବର୍ଷରେ ଆଗକୁ ଅଛି କେତେଗୁଡ଼ିଏ ରାଜ୍ୟର ବିଧାନସଭା ନିର୍ବାଚନ, ତା' ପରକୁ ଆସନ୍ତା ବର୍ଷ ଲୋକସଭା ନିର୍ବାଚନ। ବିରୋଧୀ ଦଳମାନଙ୍କ ଅଭିଯୋଗ- ସରକାର ଗଣତନ୍ତ୍ରର ସମସ୍ତ ନୀତି ନିୟମ ଭଙ୍ଗ କରି ଏହାକୁ ଧ୍ୱଂସ କରିଦେବାକୁ ଇଚ୍ଛା କରୁଛନ୍ତି । ଶାସକ ଦଳ ବିରୋଧୀ ଦଳମାନଙ୍କର ଏ କଥାର ପ୍ରତିବାଦ କରିବାକୁ ଯାଇ ସେମାନଙ୍କୁ ଦୁର୍ନୀତିଗ୍ରସ୍ତମାନଙ୍କର ଏକ ମେଣ୍ଟ ବୋଲି କହୁଛନ୍ତି। ଆଉ ଏସବୁ ଆକ୍ଷେପ ପ୍ରତିଆକ୍ଷେପ ମିଶି ସାଧାରଣ ଜନତାଙ୍କ ପାଇଁ ଖୋରାକ ଯୋଗାଇ ଚାଲିଛି ଆଲୋଚନାର ଉପାଦାନମାନ । ଏଥି ସହିତ ଯଦି କୌଶଳପୂର୍ଣ୍ଣ ସମ୍ପର୍କ, କୂଟନୀତି, ଓ ଈଶ୍ୱରଙ୍କୁ ଯୋଡ଼ି ଦିଆଯାଏ, ତା'ହେଲେ ଜଣେ ସମ୍ବେଦନଶୀଳ ବ୍ୟକ୍ତି ଅନେକ ପ୍ରକାରର ଚିତ୍ର ପାଇ ପାରିବେ, କିନ୍ତୁ ସେସବୁ ସୁନ୍ଦର ହେବ ବୋଲି କଦାଚିତ୍ କୁହାଯାଇ ପାରିବ । କ୍ୟାନ୍‌ସ୍ ଉପରେ ଏସବୁ ରଙ୍ଗର ମିଶ୍ରଣ ପରିପ୍ରେକ୍ଷୀରେ କୁହାଯାଇପାରେ ଯେ ଉଦ୍ରେଚିତ ଏବଂ ପରସ୍ପର ପ୍ରତି ସମ୍ମାନାସ୍ପଦ ଭାବ ବିନିମୟର ଆଶା କରାଯିବାର ପରିସର ଏକ ଦୂରନ୍ତ ସ୍ୱପ୍ନ, ପ୍ରତ୍ୟେକ ଜିନିଷ ଯାହା ମିଳିବ, ତାହା ହୁଏତ ମତାନ୍ତର ହୋଇଥବ, ନଚେତ୍ ଅସନ୍ତୋଷ ବ୍ୟକ୍ତ କରିବା ଭଳି । ସବୁର ଫେଣ୍ଟାଫେଣ୍ଟି ବହନ କରି ଆଣିବ ଏକ ଶୂନ୍ୟ-ଫଳାଫଳ ମିଳୁଥିବା ଖେଳ, ପରସ୍ପର ପ୍ରତି ଘୃଣା-ପୂରିତ ତର୍କ, ଏବଂ ପରିଶେଷରେ ଏକ ଲଢ଼େଇକୁ। ଭାରତ ବର୍ତ୍ତମାନ ନିଜକୁ ଏଇ ପରିସ୍ଥିତିରେ ପାଉଛି- ଉଭୟ ରାଜନୀତି ଏବଂ ଜନମତର ପରିସରରେ। ଏହା ସୃଷ୍ଟି ହୋଇଛି ବିଦେଶରେ ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟରୁ ଏବଂ ପରେ ପରେ ତାଙ୍କ ଉପରେ ସୁରଟର ଏକ କୋର୍ଟଙ୍କର ଦଣ୍ଡ ବିଧାନରୁ, ଯାହାକୁ ନେଇ ଆମେରିକା ଓ ଜର୍ମାନୀ ସମେତ କିଛି ବିଦେଶୀ ରାଷ୍ଟ୍ର ସେମାନଙ୍କର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଏସ୍ ଜୟଶଙ୍କର- ବର୍ତ୍ତମାନ ସମୟର ଜଣେ ଚର୍ଚ୍ଚିତ ଚେହେରା। ବିଦେଶ ନୀତି ପରିସରରେ ଜଣେ ରାଜନୀତିକ ଷ୍ଟାର, ଯାହାଙ୍କ ବିପୁଳ ଲୋକପ୍ରିୟତା ତାଙ୍କର ଧୂମତ୍ତା, ନିଜ ଦେଶରେ ହେଉ କି ବିଦେଶରେ, ଯେ କୌଣସି ପ୍ରକାର ପ୍ରଶ୍ନର କୂଟନୀତିକ ଭାବରେ ତ୍ୱରିତ ଉତ୍ତର ପ୍ରଦାନ, ଶାନ୍ତଶିଷ୍ଟ ବ୍ୟବହାର ଅଥଚ ବଳିଷ୍ଠ ଯୁକ୍ତି ଉପସ୍ଥାପନ ସମସ୍ତଙ୍କୁ ବିସ୍ମିତ କରି ଦେଇଥାଏ । ନିକଟରେ ବେଙ୍ଗାଲୁରୁରେ ତାଙ୍କୁ କିଛି ଯୁବକ ଏକ ଅଣଆନୁଷ୍ଠାନିକ ସର୍ବସାଧାରଣ ଭାବ ବିନିମୟ କାର୍ଯ୍ୟକ୍ରମରେ ଯେତେବେଳେ ରାହୁଲ ଗାନ୍ଧୀଙ୍କ ମାନହାନି ମୋକଦ୍ଦମାରେ ଦଣ୍ଡିତ ହେବା, କାରାଦଣ୍ଡ ପାଇବା ଏବଂ ତାଙ୍କର ସଂସଦ ପଦ ଚାଲିଯିବା ସହିତ ବିଦେଶୀ ରାଷ୍ଟ୍ରମାନଙ୍କର ଏହା ଉପରେ ପ୍ରତିକ୍ରିୟା ବାବଦରେ କିଛି ପ୍ରଶ୍ନ ପଚାରିଲେ, ନିଜର ସ୍ୱଭାବ ଅନୁରୂପ ଶ୍ରୀଯୁକ୍ତ ଜୟଶଙ୍କର ସେମାନଙ୍କ ଉପରେ ଖପ୍‌ପା ହୋଇ ଯାଇଥିଲେ ଏବଂ ଧୀର ଅଥଚ ଶାଣିତ ସ୍ୱରରେ ସେମାନଙ୍କ ଉପରେ ନିଜର କ୍ରୋଧ ଓ ବିରକ୍ତିକୁ ପ୍ରକାଶ କରିଥିଲେ । ଲୋକମାନଙ୍କର ଏକ ଗୋଷ୍ଠୀଙ୍କ ଉଦ୍ଦେଶ୍ୟରେ ମଧ୍ୟ ସେ କହିଥିଲେ, 'ପାଶ୍ଚାତ୍ୟ ରାଷ୍ଟ୍ରମାନେ ଭାବୁଛନ୍ତି ଯେ ଅନ୍ୟ ଦେଶଙ୍କ ଆଭ୍ୟନ୍ତରୀଣ ବ୍ୟାପାର ଉପରେ ମତାମତ ଦେବା ସେମାନଙ୍କର ଈଶ୍ୱର-ଦତ୍ତ ଅଧିକାର।' ତେବେ ତାଙ୍କର ଏହି ବକ୍ତବ୍ୟ ପରିପ୍ରେକ୍ଷୀରେ ଏତିକି କୁହାଯାଇପାରେ କି, ଦୀର୍ଘକାଳୀନ ସୂତ୍ରରେ ଏହା ଏକ ନିରାଶାଜନକ ଏବଂ ବିପରୀତ ଫଳଦାୟୀ କଥା ହେବ, ଯଦି ଭାରତ ମଧ୍ୟ ବିଶ୍ୱାସ କରୁଥାଏ ଯେ ଅତ୍ୟଧିକ ସମ୍ବେଦନଶୀଳତା ଏକ ସୁଗୁଣ, ବିଶେଷକରି ବିଦେଶ ବ୍ୟାପାର କ୍ଷେତ୍ରରେ । ତେଣୁ ଯେତେବେଳେ ସେମାନଙ୍କୁ କୌଣସି ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ କିଛି କହିବାକୁ ପ୍ରଶ୍ନ ପଚରାଯାଏ, ବିଶେଷକରି ଆପାତତଃ ଅଧିକ ମୁକ୍ତ ଗଣମାଧ୍ୟମ ଦ୍ୱାରା, ସେତେବେଳେ ସେମାନେ ନିଜର ପ୍ରତିକ୍ରିୟା ପ୍ରକାଶ କରିଥାନ୍ତି । କୌଣସି ପରିସ୍ଥିତିରେ ବିକାଶ ଉପରେ ଲକ୍ଷ୍ୟ ରଖୁବାକୁ କ୍ୱଚିତ୍ ହସ୍ତକ୍ଷେପ ସହିତ ସମାନ ଭାବରେ ବିବେଚନା କରାଯାଇ ପାରିବ । ଶ୍ରୀଯୁକ୍ତ ଜୟଶଙ୍କର ଉପରୋକ୍ତ ପ୍ରଶ୍ନ ପରିପ୍ରୋକ୍ଷୀରେ ବକ୍ତବ୍ୟ ରଖିଥିଲେ- ହାୟ ! ସେମାନଙ୍କ ବିଷୟରେ କେହି କିଛି ମନ୍ତବ୍ୟ ଦେଲେ କେମିତି ଲାଗେ, ପାଶ୍ଚାତ୍ୟ ରାଷ୍ଟ୍ରମାନେ ତାହା ଅନୁଭବ କରି ପାରୁଥାନ୍ତେ କି ! ଏହି ଅବସରରେ ସେ ମଧ୍ୟ ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରିବାକୁ ଯାଇ କହିଥିଲେ, 'ଭାରତରେ ସମସ୍ୟା ରହିଛି ବୋଲି କହି ଆମେ ସମଗ୍ର ବିଶ୍ୱବାସୀଙ୍କୁ ସେଥିରେ ମୁଣ୍ଡ ଖେଳାଇବାକୁ ସହୃଦୟ ଆମନ୍ତ୍ରଣ ଜଣାଇବାର ପ୍ରଥା ବନ୍ଦ କରିବା ଉଚିତ । ସମସ୍ୟାର ଏକ ଅଂଶ ହେଉଛନ୍ତି ସେମାନେ ଏବଂ ସମସ୍ୟାର ଅନ୍ୟ ଏକ ଅଂଶ ହେଉଛୁ ଆମେ... ଉଭୟର ପରିସମାପ୍ତ ଘଟିବା ବିଧେୟ।' ଶ୍ରୀଯୁକ୍ତ ଜୟଶଙ୍କରଙ୍କର ଏଭଳି ପ୍ରତିକ୍ରିୟା ସୂଚାଉ ନାହିଁ କି, ଆମେମାନେ ସମାଲୋଚନାର ଯେ କୌଣସି ସ୍ତରକୁ ମଧ୍ୟ ସହ୍ୟ କରିବାକୁ ଅକ୍ଷମ ? କହିବା ବାହୁଲ୍ୟ, ଓଡ଼ିଆରେ ଥିବା କଥାଟିଏ- 'କହିବା ଲୋକ ତ ମହତ ନୁହଁଇ, ସହିବା ଲୋକ ତ ବଡ଼' ନ୍ୟାୟରେ ଆମେ ସମସ୍ତେ ଅସନ୍ତୋଷର ସ୍ୱର ପ୍ରତି କାନ ଡେରି, ଗଣତନ୍ତ୍ରର ଏକ ବଳିଷ୍ଠ ମାସଂପେଶୀକୁ ଅଧିକ ବିକଶିତ କରିବା ଆବଶ୍ୟକ। ଏମିତି ଏକ ମାଂସପେଶୀ ତିଆରି କରିବା ଉଚିତ, ଯାହା ଆମକୁ ସହଜରେ ଅପମାନିତ ବୋଧ କରିବାକୁ ଦେବନାହିଁ, ଏବଂ ଆମ ନିଜର ଚିନ୍ତାଧାରା ଓ ଦୃଷ୍ଟିକୋଣ ବ୍ୟତୀତ ଅନ୍ୟ ଯେ କୌଣସି ଦୃଷ୍ଟିକୋଣକୁ ହସି ଉଡ଼ାଇ ଦେବା ଅଥବା ସେଗୁଡ଼ିକୁ ସହୃଦୟତାର ସହିତ ଗ୍ରହଣ କରିନେବାକୁ ଆମକୁ ଶକ୍ତି ପ୍ରଦାନ କରୁଥିବ। ସର୍ବୋପରି, ଏକଥା ମଧ୍ୟ ପୁରାତନ ହିନ୍ଦୁ ଧର୍ମର ଏକ ଜ୍ଞାନଗର୍ଭକ ବାଣୀ କହିଛି- ବିଶ୍ୱର କୋଣ ଅନୁକୋଣରୁ ଉତ୍ତମ ଚିନ୍ତାଧାରାଗୁଡ଼ିକ ଆମ ନିକଟକୁ ଆସିବାକୁ ଦିଆଯାଉ ।

# ପ୍ରଥମ କ୍ୟୁନିଫର୍ମର ଲିଖିତ ପ୍ରେମ କାହାଣୀ


ଡକ୍ଟର ଲକ୍ଷ୍ମଣ ସାହୁ






'ଇନ୍ନାଙ୍କ ଅବତରଣ ପ୍ରାୟତଃ ଇନର୍ନାଙ୍କ ଡେସେଣ୍ଟ୍ ଟୁ ନେଦରୱାର୍ଲ୍ଡ / ଅଣ୍ଡରୱାର୍ଲ୍ଡ " ଭାବରେ କୁହାଯାଏ । ଏହା ହେଉଛି ସାହିତ୍ୟର ଏକ ଅଂଶ ଯାହା ପ୍ରାଚୀନ ମେସୋପୋଟାମିଆରେ ଆବିଷ୍କୃତ ହୋଇଥିଲା ଓ ସେହି ଅଞ୍ଚଳର ସାହିତ୍ୟିକ କାନନର ଏକ ଅଂଶ ବିଶେଷ । କହିବାକୁ ଗଲେ ପ୍ରଥମେ କ୍ୟୁନିଫର୍ମରେ ଲେଖାଯାଇଥିବା ଏବଂ ମାଟି ଟାବଲେଟରେ ଖୋଦିତ ଏହି କାହାଣୀଟି କବିତା ଆକାରରେ ଯୁଗ ଯୁଗ ଧରି ଅଦ୍ୟାବଧି ଚାଲିଆସିଛି। କାହାଣୀଟି ରୋମାଣ୍ଟିକ ପାଲଟିଛି।

କାହାଣୀ "ଇନ୍ନାଙ୍କ ଅବତରଣ" ନାୟକ, ଇନ୍ନା ନାମକ ଜଣେ ମହିଳାଙ୍କୁ ଅନୁସରଣ କରିଛି । ଯେତେବେଳେ ସେ ନବବିବାହିତା ଭଉଣୀ ଏରେଶକିଗାଲଙ୍କ ପରିଦର୍ଶନ ଏବଂ ପରୀକ୍ଷଣ କରିବାକୁ ଅଣ୍ଡରୱାର୍ଲ୍ଡକୁ (ଅନ୍ୟ ଅର୍ଥରେ ପାତାଳ ପୁରକୁ) ଓହ୍ଲାଉଥିଲେ। ବହୁ ଭିନ୍ନ ଅର୍ଥ ଏବଂ ବ୍ୟାଖ୍ୟା କବିତାରେ ବର୍ଣ୍ଣିତ ହୋଇଛି ଯେ ଏହାର ଲୁକ୍କାୟିତ ଅର୍ଥ ଏବଂ ସାଙ୍କେତିକ ସନ୍ଦର୍ଭ ରହିଛି ।

ବିଗତ ୫୫୦୦ବର୍ଷ ତଳର ଏହାକୁ 'ପୁରୁଣା-ସାହିତ୍ୟ-ମାଷ୍ଟରପିସ୍-ଇନ୍-ଇନ୍-ଇନ୍-ଇନ୍-ଅଣ୍ଡରୱାର୍ଲ୍ଡ-'

ପ୍ରେମ ଯୌନ ଓ ଯୁଦ୍ଧର ଦେବୀ ଭାବେ ମଧ୍ୟ କାହାଣୀକୁ ଅଭିହିତ କରାଯାଇପାରେ ।

ଇନ୍ନା ସୁମେରୀୟ ପୁରାଣରେ ଜଣେ ଦେବୀ । ଏପରିକି ଆକ୍କାଡିଆନ୍ ପାନଥ୍ରେ ଈଶ୍ୱର ଭାବରେ ମଧ୍ୟ ଜଣାଶୁଣା । ସେ ମେସୋପୋଟାମିଆନ୍ ପାନଥ୍ରନ୍ ର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଦେବତା ଭାବରେ ପରିଗଣିତ ହୋଇଥିଲେ । ସେ ମୁଖ୍ୟତଃ ଯୌନ/ ପ୍ରେମର ଦେବୀ ଭାବରେ ଜଣାଶୁଣା, ଯଦିଓ ସେ ଯୁଦ୍ଧର ଦେବୀ ହେବାର ସୁନାମ ମଧ୍ୟ ରଖିଛନ୍ତି ।

ଇନ୍ନା ସବୁଠାରୁ ଜଟିଳ ମେସୋପୋଟାମିଆନ୍ ଦେବତା ବୋଲି କୁହାଯାଏ । ଯେହେତୁ ତାଙ୍କର ଗୁଣ ଅଛି ଯାହା ପରସ୍ପରର ବିରୋଧ କରେ। ବେଳେବେଳେ ସେ ପିତୃପୁରୁଷଙ୍କ ଅଧୀନରେ ଜଣେ ଯୁବତୀ ଭାବରେ ଚିତ୍ରିତ ହୋଇଥିଲେ । ଯଦିଓ ଅନ୍ୟମାନଙ୍କ କ୍ଷେତ୍ରରେ, ସେ ଜଣେ ଉଚ୍ଚାଭିଳାଷୀ ବ୍ୟକ୍ତିତ୍ୱ ଭାବରେ ଚିତ୍ରିତ ହୋଇଥିଲେ । କୁହାଯାଇପାରେ ସେ ନିଜର ପ୍ରଭାବ କ୍ଷେତ୍ରକୁ ବିସ୍ତାର କରିବାକୁ ଚେଷ୍ଟା କରିଥିଲେ । ଏହି ଶେଷ ଗୁଣ ଇନ୍ନାନାର ଅବତରଣରେ ଦୃଶ୍ୟମାନ ହେବ ବୋଲି କୁହାଯାଏ ।

ଇନ୍ନାଙ୍କ ଅବତରଣ ଖ୍ରୀ.ପୂ ୩୫୦୦ (୩୫୦୦ B.C.) ମଧ୍ୟରେ କିଛି ସମୟରେ ରଚନା କରାଯାଇଥିବାର ଅନୁମାନ କରାଯାଏ । ଯଦିଓ ୧୯୦୦ ଖ୍ରୀ.ପୂ (୧୯୦୦ B.C.) ବୋଲି ଏସଂପର୍କରେ ପରାମର୍ଶ ଦିଆଯାଇଛି ଯେ ସମ୍ଭବତଃ ଏହା ହୁଏତ ପୂର୍ବ ଦିନରେ ସୃଷ୍ଟି ହୋଇଥାଇପାରେ ।

ଏହି କାହାଣୀ ରୂପକ କବିତାରେ ୪୧୫ ଧାଡି ଅଛି, ଏବଂ ତୁଳନାତ୍ମକ ଭାବରେ, ବାବିଲୀୟ ଈଶ୍ୱରଙ୍କ ବଂଶ ୧୪୫ ଧାଡିରେ କାହାଣୀକୁ କୁହାଯାଇଛି । ପ୍ରସଙ୍ଗ କ୍ରମେ ପରାମର୍ଶ ଦିଆଯାଇଛି ଯେ ପାର୍ଥକ୍ୟ ପିତୃପୁରୁଷଙ୍କ ପ୍ରଭାବ ହେତୁ ହୋଇଥିଲା । ଯାହା ଦ୍ୱିତୀୟ ସହସ୍ର ବର୍ଷରେ ବି.ସି ।

ଇନ୍ନାଙ୍କ ଅବତରଣ ନିମ୍ନ ଧାଡିରୁ ଆରମ୍ଭ ହୁଏ, "ମହାନ ସ୍ୱର୍ଗରୁ ସେ ନିମ୍ନ ମହାନ ଉପରେ ମନ ସ୍ଥିର କଲେ। ମହାନ ସ୍ୱର୍ଗରୁ ଦେବୀ ତା'ର ମହାନ ନିମ୍ନରେ ମନ ସ୍ଥିର କଲେ । ଅର୍ଥାତ୍ ମହାନ ସ୍ୱର୍ଗରୁ ଇନ୍ନା ନିମ୍ନ ମହାନ ଉପରେ ତାଙ୍କ ମନ ସ୍ଥିର କଲେ । ମୋର ମାଲିକ ସ୍ୱର୍ଗ ତ୍ୟାଗ କରି ପୃଥିବୀ ପରିତ୍ୟାଗ କରି ଅଣ୍ଡରୱାର୍ଲ୍ଡକୁ ଓହ୍ଲାଇଲେ। ଇନ୍ନା ସ୍ୱର୍ଗକୁ ପରିତ୍ୟାଗ କରି ପୃଥିବୀକୁ ତ୍ୟାଗ କରି ଅଣ୍ଡରୱାର୍ଲ୍ଡକୁ ଓହ୍ଲାଇଲେ ।" ଅଣ୍ଡରୱାର୍ଲ୍ଡରେ ଇନନାଙ୍କ ଆଗ୍ରହର ଗୋଟିଏ ବ୍ୟାଖ୍ୟା ହେଉଛି ଯେ ସେ ସେହି କ୍ଷେତ୍ରରେ ନିଜର ଶକ୍ତି ବିସ୍ତାର କରିବାକୁ ଆଶା କରୁଛନ୍ତି, ଯାହାର ରାଣୀ ତାଙ୍କ ଭଉଣୀ ଏରେଶକିଗାଲ୍ ଅଟନ୍ତି ।

ଯେତେବେଳେ ସେ ଅଣ୍ଡରୱାର୍ଲ୍ଡର ଫାଟକରେ ପହଞ୍ଚିଲେ, ଇନ୍ନା ଦ୍ୱାରପାଳ ନେଟିଙ୍କୁ ଜଣାଇଲେ ଯେ ସେ ଗୁଗାଲାନାର ଅନ୍ତିମ ସଂସ୍କାରର ସାକ୍ଷୀ ହେବାକୁ ଆସିଛନ୍ତି । ସେ ହେଉଛନ୍ତି ଏରେଶ୍କିଗାଲଙ୍କ ସ୍ୱାମୀ ।

ଯେତେବେଳେ ଏରେଶକିଗାଲ ଏହି ଖବର ପାଇଛନ୍ତି, ସେତେବେଳେ ସେ ଆଦୌ ସନ୍ତୁଷ୍ଟ ନୁହଁନ୍ତି । ସେ ପ୍ରତିଶୋଧ ପରାୟଣ ହୋଇଉଠିଛନ୍ତି । ସଂଗେ ସଂଗେ ଅଣ୍ଡରୱାର୍ଲ୍ଡର ସାତୋଟି ଫାଟକକୁ ତାଙ୍କ ଭଉଣୀ ବିରୁଦ୍ଧରେ ବନ୍ଦ (ବୋଲ୍ଟ) କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଶେଷରେ ଇନ୍ନାଙ୍କୁ କେବଳ ଗୋଟିଏ ଥରରେ ଗୋଟିଏ ଗେଟ୍ ଅତିକ୍ରମ କରିବାକୁ ଅନୁମତି ଦିଆଯାଇଛି । ଏବଂ ପ୍ରତ୍ୟେକ ଫାଟକ ପୂର୍ବରୁ ତାଙ୍କୁ ତାଙ୍କ ରାଜ ବସ୍ତ୍ରର ଏକ ଖଣ୍ଡ / ସେ ପରିଧାନ କରିଥିବା ରାଜକୀୟ ବସ୍ତ୍ର ଗୋଟିଏ ପରେ ଗୋଟିଏ ଖୋଲି ବାହାର କରିବାକୁ / କାଢ଼ିବା ଆବଶ୍ୟକ ବୋଲି ନିର୍ଦ୍ଦେଶ ଦେଇଛନ୍ତି ।

ଇନ୍ନା ଏଥିରେ ତିଳେ ମାତ୍ର ବିଚଳିତ କି ଭାଙ୍ଗି ପଡ଼ିନଥିଲେ । ନିଜ ପ୍ରେମର ପାଇଁ ସେ ଏରେଶକିଗାଲର ସିଂହାସନ କକ୍ଷରେ ପହଞ୍ଚିବା ବେଳକୁ ତାଙ୍କୁ ଉଲଗ୍ନ କରାଯାଇଥିଲା ଏବଂ ସେ ଶକ୍ତିହୀନ ହୋଇ ପଡିଥିଲେ । ଏରେଶକିଗାଲ ତାଙ୍କ ଭଉଣୀକୁ ଚତୁରତା ସହ ପରାସ୍ତ କରିଥିଲେ । ଶେଷରେ ଯିଏ "ଏକ ଶବରେ ପରିଣତ ହୋଇଥିଲେ" । ସେ "ଏକ ହୁକ ଉପରେ ଝୁଲୁଥିଲେ"। ଅଣ୍ଡରୱାର୍ଲ୍ଡରେ ପ୍ରବେଶ କରିବା ପୂର୍ବରୁ, ଇନ୍ନା ତାଙ୍କ ସେବକ ନିନସୁବୁରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ସେ ଆଶାହୀନ କମ ସମୟରେ ଫେରିବାରେ ବିଫଳ ହେଲେ ତାଙ୍କୁ କିପରି ସାହାଯ୍ୟ କରିବେ ?

ଏହା, ନିନ୍ସୁବୁର ସାହାଯ୍ୟ ପାଇଁ ଇନ୍ନାଙ୍କ ପିତା ଦେବତା ଏନ୍ଲିଙ୍କ ନିକଟକୁ ଯାଇଥିଲେ । ତାଙ୍କ ପିତା ପଠାଇଥିବା ସେବକମାନଙ୍କ ଦ୍ୱାରା ଇନ୍ନା ସଫଳତାର ସହ ପୁନଃର୍ଜୀବିତ ହୋଇଥିଲେ ମଧ୍ୟ ସେ ଅଣ୍ଡରୱାର୍ଲ୍ଡକୁ ପ୍ରବେଶ କରିବା ପରି ସହଜରେ ଛାଡି ପାରନ୍ତି ନାହିଁ । ତାଙ୍କୁ ଆଉ ଏକ ବିକଳ୍ପ ଖୋଜିବାକୁ ପଡ଼ିଲା । ଏବଂ ଇନ୍ନାଙ୍କର ସେବକମାନେ ଇନ୍ନାର ଅନେକ ଅନୁଗାମୀ ହେବାକୁ ଚେଷ୍ଟା କଲେ । ଯଦିଓ ଦେବୀ ଇନ୍ନା ସେମାନଙ୍କୁ ଏପରି କରିବା ବନ୍ଦ କରିଥିଲେ । କାରଣ ସେମାନେ ସମସ୍ତେ ତାଙ୍କ ଆନୁମାନିକ ମୃତ୍ୟୁ ପାଇଁ ଶୋକ କରୁଥିଲେ ।

ଶେଷରେ, ଇନ୍ନା ତାଙ୍କ ସ୍ୱାମୀ ଡୁମୁଜୀଙ୍କୁ ଭେଟିଥିଲେ, ଯିଏ ସ୍ପଷ୍ଟ ଭାବରେ ଶୋକରେ ନଥିଲେ । କାରଣ ସେ "ଏକ ଚମତ୍କାର ବସ୍ତ୍ର ପରିଧାନ କରି ସିଂହାସନରେ ବସିଥିଲେ" । ଏହା ଇନ୍ନାଙ୍କୁ କ୍ରୋଧିତ କରିଥିଲା, କାରଣ ସେ ହିଁ ତାଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲା । ଡୁମୁଜି ତାଙ୍କୁ ଉଦ୍ଧାର କରିବା ପାଇଁ ସୂର୍ଯ୍ୟ ଦେବତା ଉଟୁଙ୍କୁ ପ୍ରାର୍ଥନା କଲେ ଏବଂ ଏକ ସର୍ପରେ ପରିଣତ ହେଲେ ।

ତଥାପି, ସେ ଖସିଯିବାକୁ ଚେଷ୍ଟା କରୁଥିବାବେଳେ ତାଙ୍କୁ ଅଣ୍ଡରୱାର୍ଲ୍ଡକୁ ଅଣାଯାଇଥିଲା । ଡୁମୁଜିଙ୍କ ଭଉଣୀ ଗେଶ୍ଟିନ୍ନା , ତାଙ୍କ ଭାଇଙ୍କ ସ୍ଥାନ ନେବା ପାଇଁ ସ୍ୱେଚ୍ଛାସେବୀ ଏବଂ ଶେଷରେ ନିଷ୍ପତ୍ତି ନିଆଗଲା ଯେ ଡୁମୁଜି ଏବଂ ତାଙ୍କ ଭଉଣୀ ପ୍ରତ୍ୟେକ ଅଣ୍ଡରୱାର୍ଲ୍ଡରେ ଅଧା ବର୍ଷ ବିତାଇବେ। ପ୍ରକୃତରେ ଗ୍ରୀକ୍ ପୁରାଣ ପରି, ଏହି ଘଟଣା ମୂଳକ କାହାଣୀଟି ଅନ୍ୟପକ୍ଷରେ ଋତୁ ପରିବର୍ତ୍ତନକୁ ବୁଝାଇବା ପାଇଁ ବ୍ୟବହୃତ ହୁଏ ।

ରହସ୍ୟମୟ ଏହି କାହାଣୀ ପ୍ରାଚୀନ ମେସୋପୋଟାମିଆରୁ ପ୍ରତ୍ନତତ୍ତ୍ୱବିତ୍ମାନେ ଆଇସଲ୍ୟାଣ୍ଡର ମର୍ମାଏଡ୍ କଙ୍କାଳକୁ ଆବିଷ୍କାର କରି ଶତାବ୍ଦୀ ଶତାବ୍ଦୀ ଧରି ଲୋକ ଲୋଚନରୁ ଦୂରେଇ ରହିଥିବା ପୁରୁଣା ରହସ୍ୟର ସମାଧାନ କରିବାରେ ସଫଳ ହୋଇଛନ୍ତି , ବାସ୍ତବରେ ତାହା ଅଭିନନ୍ଦନୀୟ । ଯାହା ହୁଏତ ବିଶ୍ୱର ପ୍ରଥମ କ୍ୟୁନିଫର୍ମର ଲିଖିତ ପ୍ରେମ କାହାଣୀ ଭାବେ ଗ୍ରହଣ କରାଯାଇପାରେ..!!!


ଉ ଅଧ୍ୟକ୍ଷ, ମହାନଦୀ ବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ -୪
ମୋ: ୯୦୪୦୧୫ ୧୪୭୫


# ଋଷି ପ୍ରତିମ କବି ଗଙ୍ଗାଧର


ବୈଷ୍ଣବ ମେହେର




ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କାବ୍ୟକବିତାରେ ଭରି ରହିଥିବା କର୍ମଯୋଗୀ ଭାବ, ଆଶାବାଦୀ, ଈଶ୍ୱର ବିଶ୍ୱାସୀ, ମଣିଷ ପାଇଁ ଯେତିକି ପ୍ରେରଣାଦାୟୀ ତା'ଠାରୁ ବେଶ ଅଧିକ ଉତ୍ସାହପ୍ରଦ କବିଙ୍କ ବ୍ୟକ୍ତିତ୍ୱ ଓ ଜୀବନଧାରାରେ ପରିପୃଷ୍ଟ ଶିଷ୍ଟତା, ସଦାଚାର, ନମ୍ରତା, ଧୈର୍ଯ୍ୟ, ବିନୟ, ନିଷ୍କପଟ, ସରଳ, ଆମାୟିକ ପଣର ଉତ୍କର୍ଷତା । ବ୍ୟକ୍ତିଗତ ଜୀବନରେ ଅନେକ ଦୁଃଖଦ ସ୍ଥିତିକୁ ମର୍ମେ ମର୍ମେ ଅନୁଭବ କରିଥିବା କବି ଗଙ୍ଗାଧରଙ୍କ ଲେଖନୀରେ ସେସବୁ ମାର୍ମିକ ଅନୁଭବ ହିଁ ପ୍ରତିଫଳିତ ହୋଇଥିବା ଦେଖାଯାଏ। କବିଙ୍କ ଭାଷାରେ 'ମୁଁ ଏ ସଂସାରର ଔଷଧ ଗଛ' ! ବାସ୍ତବରେ ଋଷି ପ୍ରତିମ ଗଙ୍ଗାଧର ବଂଚୁଥିବା ଜୀବନ ଶୈଳୀ ଓ ରଚିଥିବା ସୃଷ୍ଟି ସମ୍ଭାର ମାଧ୍ୟମରେ ସେ ଔଷଧୀୟ ବୃକ୍ଷ ସମ ସଂସାରର କଳୁଷିତର ନିରାକରଣ ନିମିତ୍ତ ପ୍ରୟାସ କରିଛନ୍ତି । ସକଳ ନୈରାଶ୍ୟତା କେବେ କବିଙ୍କୁ ବିମୂଖ କରିପାରି ନାହିଁ ବରଂ ତାଙ୍କୁ ପରିଚିତ କରାଇ ଦେଇଛି ଅମୃତର ବିନ୍ଦୁ ସହ । କେବଳ କାବ୍ୟାଦର୍ଶ କିମ୍ବା କବିପ୍ରତିଭା ବଳରେ ତତ୍କାଳିନ ସମାଜରେ କବି ଗଙ୍ଗାଧର ଜନପ୍ରିୟ ହୋଇ ପାରିଥିଲେ, ତାହା ନୁହେଁ ବରଂ ନିଜ ଜୀବନରେ ସାଧୁତା, ସମ୍ମାନବୋଧ, ସହନଶୀଳତା, ବିନମ୍ରତା ଭାବ ଯୋଗୁଁ ସେ ସମସ୍ତଙ୍କ ଅତିପ୍ରିୟ ହୋଇପାରିଥିଲେ । ଥରେ କବି ତାଙ୍କ ପ୍ରିୟବନ୍ଧୁ ବ୍ରଜମୋହନ ପଣ୍ଡାଙ୍କ ନିକଟକୁ ପ୍ରେରଣ କରିଥିବା ଗୋଟିଏ ପତ୍ରରେ ଲେଖିଥିଲେ, ମୁଁ ଉଚ୍ଚପଦ ବା ଉନ୍ନତ ବେଶଭୂଷା ଲାଳସୀ ନୁହେଁ । ଦରିଦ୍ର ଭାବରେ ଜୀବନ କଟାଇବାକୁ ଲଜ୍ଜିତ ବି ନୁହେଁ । ସାଧୁତା ରକ୍ଷା ମୋ ଜୀବନର ଏକ ମାତ୍ର ଲକ୍ଷ୍ୟ । ଏକଦା କବିଙ୍କ ବନ୍ଧୁ ଲରମ୍ଭାରେ ସ୍ଥାପିତ ସ୍କୁଲରେ କବିଙ୍କ ପୁତ୍ର ଭଗବାନ ମେହେରଙ୍କୁ ଅସ୍ଥାୟୀ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟ କରିବାକୁ ପଠାଇ ଦେବାକୁ କବିଙ୍କୁ ପତ୍ର ଲେଖିଥିଲେ । ଏହାର ଉତ୍ତରରେ କବି କିନ୍ତୁ ଲରମ୍ଭା ସ୍କୁଲ 'ଡି' କାଉନସିଲ ଅଧୀନ ଥିବାରୁ ଏବଂ ତାଙ୍କ ପୁତ୍ର ଏନଟ୍ରାସ ପାଶ କରି ନ ଥିବାରୁ ଏହି ପଦବୀ ପାଇଁ ତାର ଯୋଗ୍ୟତା ନ ଥିବା ଦର୍ଶାଇ ଭଗବାନଙ୍କୁ ଲରମ୍ଭା ଯିବାକୁ ବାରଣ କରିଥିଲେ । ଏହିପରି ଭାବରେ ପୁତ୍ର ପାଇଁ ଆସିଥିବା ଏକ ଆୟକ୍ଷମ ବୃତ୍ତିକୁ ମଧ୍ୟ ସେ ଉପେକ୍ଷା କରି ନିଜ ସାଧୁତାର ପରିଚୟ ଦେଇଥିଲେ । ୧୮୮୫ ମସିହାରେ ବରପାଲିର ଜମୀଦାର ରାୟବାହାଦୁର ଲାଲା ନୃପରାଜ ସିଂହଙ୍କ ଜମିଦାରୀରେ କବି ଜଣେ ଅମୀନ ଭାବରେ ନିଯୁକ୍ତି ପାଇ ଥିଲେ । ସେହି ସମୟରେ ଜମିଦାର ଓ ତାଙ୍କ ମୋକ୍ତାରଙ୍କ ନାମରେ ଏକ ଗ୍ରାମକୁ ଅନଧିକାର ପ୍ରବେଶ ଅଭିଯୋଗ ମୋକଦ୍ଦମାରେ ଅଭିଯୁକ୍ତ କରାଯାଇଥିଲା। ସେତେବେଳେ ଜମିଦାରଙ୍କ ତରଫରୁ ତାଙ୍କ ସପକ୍ଷରେ କୋର୍ଟରେ ସଫାଇ ଦେବାକୁ ଗଙ୍ଗାଧରଙ୍କୁ ପ୍ରବର୍ତ୍ତା ଯାଇଥିଲା । ଗଙ୍ଗାଧର କିନ୍ତୁ ନିଜ ସାଧୁତାର ଅନୁରୂପ କୋର୍ଟରେ ସବୁ ସତକଥା କହିବାରୁ ଜମିଦାର ଖଲାସ ହେବା ପରିବର୍ତ୍ତେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଏହା କବି ଗଙ୍ଗାଧରଙ୍କ ଅପୂର୍ବ ସାହସ ଏବଂ ସଙ୍କୋଚତାର ପରିଚୟ ଦିଏ । ସୀମିତ ଦରମାରେ କଷ୍ଟେମଷ୍ଟେ ପରିବାର ପ୍ରତିପୋଷଣ କରୁଥିବା କବି ନିଜ ପୁସ୍ତକ ବିକ୍ରୀରୁ ପ୍ରାପ୍ତ ଅର୍ଥକୁ ସମାଜସେବାରେ ହିଁ ବିନିଯୋଗ କରୁଥିଲେ । କବିବର ରାଧାନାଥ ରାୟଙ୍କ ପ୍ରଚେଷ୍ଟାରେ ୧୮୯୬ ମସିହାରେ ଗଙ୍ଗାଧରଙ୍କ ଇନ୍ଦୁମତୀ କାବ୍ୟ ସ୍କୁଲ ପାଠ୍ୟପୁସ୍ତକ ରୂପେ ଗୃହୀତ ହୋଇଥିଲା । ଫଳରେ ଏହି ପୁସ୍ତକ ବର୍ଷକୁ ବେଶ କିଛି ଖଣ୍ଡ ବିକ୍ରୟ ହେବାର ସମ୍ଭାବନା ଥିଲା । ତଥାପି ଗଙ୍ଗାଧର ନିଜ ଖର୍ଚ୍ଚରେ ଛପାଇଥିବା ପୁସ୍ତକ ଇନ୍ଦୁମତୀର ୧୦୦ ଖଣ୍ଡ କପି 'ଉତ୍କଳ ସାହିତ୍ୟ' ପତ୍ରିକାକୁ ଦାନ କରି ଦେଇଥିଲେ । ସକଳ ଯାତନା, ନିର୍ଯ୍ୟାତନା ଓ ଅସୁମାରି ଦୁଃଖ ସତ୍ତ୍ୱେ କବି ଗଙ୍ଗାଧରଙ୍କ ଲେଖନୀର ତେଜ କେବେ ମଳିନ ପଡ଼ି ନାହିଁ । ୧୮୮୭ରେ ବରପାଲିରେ ହଇଜା ଲାଗିଥିବାରୁ ପରିବାର ବର୍ଗଙ୍କୁ ରୋଗରୁ ରକ୍ଷା କରିବାକୁ ଗଙ୍ଗାଧର ବରପାଲି ନିକଟସ୍ଥ ରାବନଗୁଡ଼ା ଚାଲି ଯାଇଥିଲେ। କିନ୍ତୁ ସେଠାକାର ଗ୍ରାମବାସୀ ଗଙ୍ଗାଧର ପରିବାରକୁ ଆଶ୍ରୟ ଦେବା ପାଇଁ ମନା କରିବାରୁ ସେମାନେ ବାଧ୍ୟହୋଇ ଏକ ଆମ୍ବତୋଟାରେ ଆଶ୍ରୟ ନେଇଥିଲେ । ସପ୍ତାହବ୍ୟାପି ଖୋଲା ସ୍ଥାନରେ ବର୍ଷାପାଣି ଓ ଥଣ୍ଡାରେ ରହି ଗର୍ଭବତୀ କବିପତ୍ନୀ ଶାନ୍ତାଦେବୀ ଅସୁସ୍ଥ ହୋଇ ପଡ଼ିଲେ ଓ ତାଙ୍କର ଜୀବନ ପ୍ରଦୀପ ଲିଭିଗଲା । ପ୍ରାଣପ୍ରିୟାଙ୍କ ଆକସ୍ମିକ ବିଚ୍ଛେଦରେ ବିରହୀ ସ୍ୱାମୀ ହୃଦୟର ମରମ ବେଦନା କବିଙ୍କ ପରବର୍ତ୍ତି ଲେଖନୀରେ ଉଚ୍ଛୁଳି ପଡ଼ିଲା । କବିଙ୍କ ଶ୍ରେଷ୍ଠ କାବ୍ୟ ତପସ୍ୱିନୀରେ ବିଜନ ପ୍ରାଙ୍ଗଣରେ ବିରହୀ ଶ୍ରୀରାମଚଂଦ୍ରଙ୍କ ପତ୍ନୀ ସ୍ମୃତିରେ ଅଶ୍ରୁ ବିସର୍ଜନ ହିଁ ଗଙ୍ଗାଧରଙ୍କ ବାସ୍ତବ ଜୀବନର କରୁଣ ଅଭିବ୍ୟକ୍ତି ବୋଲି କୁହାଯାଏ ।

ଶେଷ ପର୍ଯ୍ୟାୟରେ ଶାନ୍ତିରେ ବଂଚିବାର ଆଶା ନେଇ କବି ନିଜ ଜନ୍ମମାଟି ବରପାଲିକୁ ଆସିଥିଲେ । କିନ୍ତୁ ବରପାଲି ର ଅତ୍ୟାଚାରି ଜମିଦାର ତାଙ୍କୁ ଶାନ୍ତିରେ ରହିବାକୁ ଦେଉ ନଥିଲେ ।


(ଅବଶିଷ୍ଟାଂଶ ପୃଷ୍ଠା-୧୫ରେ)





## ଶେଷ ଦେଖା


ସିଦ୍ଧେଶ୍ୱର ତ୍ରିପାଠୀ


ପାଗକୁ କିଅବା ଭରଷା ସଜନୀ
ପାଗତ ବଦଳିଯିବ
ହେଲେ ଏଇପାଗ ଆମମନେ ଦିନେ
ଆଣିଥିଲା ଅନୁରାଗ ।

ଅଦିନ ବରଷା ଝରି ଯାଇଥିଲା
ଚମକୁ ଥିଲା ସେ ଜହ୍ନ
ଆଖି ସାଥେ ଆଖି ମିଶିଗଲା ପରେ
ଚୋରି ହୋଇଥିଲା ମନ ।

ସେ ସ୍ମୃତି ସବୁକୁ ସାଇତି ରଖିବ
ଅବା ମନୁ ଲିଭାଇବ
ପାଗକୁ କିଅବା ଭରଷା ସଜନୀ
ପାଗତ ବଦଳିଯିବ ।

ଓଠରେ ଓଠକୁ ରଖିଥିଲ ତୁମେ
ପ୍ରେମ ରଙ୍ଗ ଥିଲ ମାଖି
ଶେଷ ସମୟର ବିଦାୟ ବେଳାରେ
ଭିଜିଥିଲା ଚାରି ଆଖି ।

କିଏ ଜାଣେ ଆଉ ଜୀବନ ବାଟରେ
ସତେକିବା ଦେଖା ହେବ
ପାଗକୁ କିଅବା ଭରଷା ସଜନୀ
ପାଗତ ବଦଳି ଯିବ ।


କବିର ଘର, କୁଣ୍ଡିଲୋ
କେରଙ୍ଗ, ଖୋର୍ଦ୍ଧା
ମୋ: ୭୦୦୮୩୧୫୦୪୦


## ଶୁଦ୍ଧ ଭକ୍ତେ ଭଗବାନ


ସତ୍ୟ ସିଂ ବାଗ




ଭକତ ଭକ୍ତିର
ଅପାର ମୟ ଅସୀମା
ତା ଭକ୍ତି ହିଁ ତା ଶକ୍ତି
ଧନ୍ୟ ତାର ବୃତାନ୍ତ ମହିମା !
ଦୃଢ ବିଶ୍ୱାସରେ
ଭକ୍ତି ହୁଏ ଜାଗ୍ରତ
ସୁଖେ ଦୁଃଖେ ବି
ଅତୁଟ ସଦା ତା ମହତ !
ନିଗୁଢ଼େ ଶ୍ରଦ୍ଧା ପ୍ରେମେ
ସମର୍ପଣେ ପରିପୂର୍ଣ୍ଣ
ଶୁଦ୍ଧ ଭକ୍ତେ ଭଗବାନ...

ହନୁଜୀ ରାମ ଭକତେ
ଅଷ୍ଟସିଦ୍ଧି ନବନିଧି ର ଦାତା
ଅତୁଳନୀୟ ବଳ ଧାରିହୋଇ
ରାମ ନ୍ନାମ ରାସାୟନର ପ୍ରଣତା !

ଭକ୍ତ ପ୍ରହଲ୍ଲାଦ ଡାକେ
ନୃସିଂହ ରୂପ ଅବତାରି
ଭକ୍ତି ଭାବ ରକ୍ଷାକଲ
ହିରଣ୍ୟ କଶ୍ୟପକୁ ମାରି !!
ନିଗୁଢ଼େ ଶ୍ରଦ୍ଧା ପ୍ରେମେ
ସମର୍ପଣେ ପରିପୂର୍ଣ୍ଣ
ଶୁଦ୍ଧ ଭକ୍ତେ ଭଗବାନ...

ଲାଜ ଲଜ୍ୟା ତିଳେମାତ୍ରେ
ନହୋଇ କିଞ୍ଚିତ
ମୀରା ଦେଇର ପ୍ରେମ
ଭକତି ଚିରକାଳ ବିଖ୍ୟାତ !
ଭକ୍ତ ଗଜହସ୍ତୀ ର
ବିପଦକୁ ଉଦ୍ଧାରିଲେ ଶ୍ରୀହରି
ଦାସିଆର ନେଲେ ନଡ଼ିଆ
ପ୍ରେମ ଭାବ ବୁଝି ଜଗତଧାରି !
ନିଗୁଢ଼େ ଶ୍ରଦ୍ଧା ପ୍ରେମେ
ସମର୍ପଣେ ପରିପୂର୍ଣ୍ଣ
ଶୁଦ୍ଧ ଭକ୍ତେ ଭଗବାନ...

ଭକ୍ତ ପ୍ରେମେ ଭଗବାନ
ନିରନ୍ତର ଆତୁର
ଭକ୍ତ ସମର୍ପି ଭଗବାନେ
ନିଶ୍ଚିନ୍ତ ଭାବ ବିଭୋର !
ଭକତି ବଳେ କେତେ
ମୁହାନ କେତେ ଭକତଗଣ
ଏ ମାୟାଜଗତୁ ମୁକତି
ଲଭଇ ହୋଇ ଭଗବାନେ ଲୀନ !!
ନିଗୁଢ଼େ ଶ୍ରଦ୍ଧା ପ୍ରେମେ
ସମର୍ପଣେ ପରିପୂର୍ଣ୍ଣ
ଶୁଦ୍ଧ ଭକ୍ତେ ଭଗବାନ...


ଗ୍ରା / ପୋ - ତେରେସିଂହା
ଭାୟା - ରିଷିଡା
ଜି - କଳାହାଣ୍ଡି
ପିନ - ୭୬୬୦୩୧
ମୋ - ୬୩୫୩୩୭୪୫୦୯


## ମିଳେ କଣ ଏଇ ଜୀବନରେ


ବାଉରିବନ୍ଧୁ ଲେଙ୍କା




ଯେତେ ଦିନ ଚାଲିଛି ଏ ନିଶ୍ୱାସ
ପ୍ରଶ୍ୱାସ
କେବେ ମିଳେ ପ୍ରେମ ପୁଣି କେବେ
ଅପଯଶ ?
କେଉଁଠାରେ ହୃଦୟରେ ହୃଦୟ ମିଶିବ
କେଉଁଠି ରହିବ ଆତ୍ମୀୟତାର
ଅଭାବ ?
କେଉଁଠାରେ ଜୀବନରେ ମିଳିବ
ପ୍ରଶଂସା
କେଉଁଠି ମିଳିବ ଖାଲି ନିନ୍ଦା ଓ
ହତାଶା ?
କେଉଁଠି ମିଳିବ ଅସରନ୍ତି ଶୁଭକାମନା
କେଉଁଠି ମିଳିବ ଭାବନାରେ
ଦୁର୍ଭାବନା ?
କେଉଁଠାରେ ପର ଲୋକ ଆପଣାର
ହେବେ
କେଉଁଠି ଆପଣା ଲୋକ ଗୋଡକୁ
ଟାଣିବେ ?
କେଉଁଠାରେ ଖୁସାମଦୀଆର ଖୁସାମଦ
କେଉଁଠି ପଛରେ ଗାଳି ଆଉ
ଅପବାଦ ?
କର୍ମପଥେ ଚାଲୁଥା ତୁ ସତ୍ୟ ଅନୁସରି
ଅବଶ୍ୟ ମିଳିବ ଫଳ ତୋ ମନ
ଯେପରି ?
ସ୍ୱଭାବରେ ରଖିଥା ତୁ ଶୁଦ୍ଧତାର ସ୍ପର୍ଶ
ନିଶ୍ଚୟ ଲଭିବୁ ମନେ ତୃପ୍ତି ଓ
ସନ୍ତୋଷ ?
ଅଅଅଅଅଅଅଅଅ


ଦି ପର୍ଲ ରେସିଡେନ୍ସି, ଦୁର୍ଗାମାଧବ
ନଗର, ଭୁବନେଶ୍ୱର
ମୋ: ୯୮୫୩୫୩୫୮୪୪

# ଦରଗଢା ମଣିଷ

## କିରଣ ମିଶ୍ର



ଗାଁଟା ସାରା ତାଙ୍କୁ ସମସ୍ତେ ମାଧା ବୋଲି ଡାକନ୍ତି। ସେଇ ଗୋଟାଏ ନାମ ପିଲାଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କ ପାଟିରେ। ସେଥିରେ ତାଙ୍କର କିଛି ଫରକ ପଡେନି। କେହି କେହି ଯଦି ଅତି ବଡ଼ ହେଲ ମାଧା ଭାଇନା ବୋଲି ଡାକିଥାନ୍ତି। ସେ ଡାକରେ ସେ ଉତଫୁଲ୍ଲିତ ହୋଇଯାନ୍ତି ନି, କି ମାଧା ଡାକରେ ଦୁଃଖି ହୋଇଯାନ୍ତିନି। ମାଧା ଓ ମାଧା ଭାଇନା ଡାକରେ ତାଙ୍କ ଦୃଷ୍ଟିରେ କିଛିବି ଫରକ୍ ନଥାଏ। ଆମେ ବି ତାଙ୍କୁ ମାଧା ଭାଇନା ଡାକୁ। ଯଦିଓ ସଂପର୍କରେ ଆମର ମାମୁଁ ହେବେ।

ଦେଖିବାକୁ ଗୋରା, ଠିଆ ନାକ, ସାଢ଼େ ପାଞ୍ଚ ଫୁଟ୍ ଉପରେ ଉଚ୍ଚତା ଓ ବଳିଷ୍ଠ ଚେହରା। ମୁଣ୍ଡର ଚୁଟି ଗୁଡାକ କିନ୍ତୁ କହଁରିଆ। ସବୁବେଳେ ପରିଧାନର ବସ୍ତ୍ର ହେଉଛି ଗୋଟେ ନୀଳ ରଙ୍ଗର ଖୋର୍ଦ୍ଧା ଲୁଙ୍ଗି ଓ କାନ୍ଧରେ ଗୋଟେ ଗାମୁଛା । ଯଦି କେତେବେଳେ ଭଉଣୀ ଘରକୁ ବୁଲି ଯା'ନ୍ତି, ତେବେ ଗୋଟେ ଧଳା ଧୋତି, ଆଉ ଦେହରେ ଖଣ୍ଡେ ହାପ୍ ସାର୍ଟ, କାନ୍ଧରେ ଗାମୁଛା ଖଣ୍ଡକ କିନ୍ତୁ ନିଶ୍ଚିତ ଥାଏ।କେହି କେବେ ଦେଖିନି ତେଲ ଲଗାଇ ସେ ମୁଣ୍ଡଟି କୁଣ୍ଡାଇ ଥିବାର, କି ଗୋଡ଼ରେ ହଳେ ଚପଲ ପିନ୍ଧି କୁଆଡେ ଯିବାର। ତାଙ୍କର ଗୋଟିଏ ଦୁର୍ବଳତା ତାସ୍ ଖେଳ।

ଗାଁ ପିଲାମାନେ ତାସ୍ ଖେଳିବା ସମୟରେ ସେ ଖୁବ୍ ଆଗ୍ରହରେ ବସି ଦେଖନ୍ତି। ବେଳେବେଳେ ଯଦି ଖେଳାଳି ସଂଖ୍ୟା କମିଯାଏ, ତେବେ ତା' ସ୍ଥାନ ସେ ପୂରଣ କରନ୍ତି (ଅବଶ୍ୟ ନିହାତି ଆବଶ୍ୟକ ପଡିଲେ)। ତାସ୍‌ର ମାଗୁଣି ଖେଳରେ ଏତେ ମୁଣ୍ଡ ଖଟାଇବାକୁ ପଡେନି, ତଥାପି ଭୁଲ୍ ଭାଲ୍ ଖେଳୁଥିବାରୁ ସମସ୍ତେ ଗାଳି ଦେଉଥାନ୍ତି। ସାଥୀ ଖେଳାଳି ଯୋର୍ ରେ କହୁଥାଏ,'ମାଧା ଭାଇନା ଏକା ଟା ନଖେଳି ଛୋଟଟେ କାହିଁକି ଖେଳିଲ, ଗଲା ଆମର ଗଣ୍ଡାଟେ ହାତଛଡ଼ା ହୋଇଗଲା'। ପାନଖିଆ ଦାନ୍ତରେ ହସି ଦିଅନ୍ତି। କିନ୍ତୁ କେବେ ବି ରାଗନ୍ତି ନି ! କି କାହା କଥା ଧରନ୍ତିନି।

ଭଗବାନ ସିନା ସୁନ୍ଦର ଚେହେରା ଦେଲେ, କିନ୍ତୁ ଗୋଟିଏ ଜିନିଷ ଦେବାରେ ଟିକେ କୃପଣ କରିଦେଲେ। ଯାହା ବୋଧେ ତାଙ୍କ ଜୀବନର ଗତିପଥକୁ ଭିନ୍ନ ମୋଡ଼ ଦେଇଥିଲା।

ତାହା ହେଉଛି ତାଙ୍କୁ ଟିକେ କମ ଶୁଣାଯାଏ। ନିମ୍ନ ମଧ୍ୟବିତ୍ତ ପରିବାରର ସାନ ପୁଅ। ପରିବାରରେ ବାକି ତିନି ଭଉଣୀ ଓ ଦୁଇ ଭାଇ କିନ୍ତୁ ତାଙ୍କ ପରି ନୁହନ୍ତି। ଅର୍ଥାତ୍ ସେମାନେ ସମସ୍ତେ ନର୍ମାଲ୍।

କମ ଶୁଣା ଯାଉଥିବାରୁ ବୁଝିବା ଶକ୍ତି ବି କମ୍ ରହୁଥିଲା। ସାଧାରଣ ଲୋକ ଭଳି ସେ ନଥିଲେ। ବୁଦ୍ଧି ବି ଟିକେ କମ୍ ଥିଲା। ସେଇ କାରଣ ହିଁ ତାଙ୍କୁ ମାଧବରୁ ମାଧିଆ ଆଉ ଶେଷରେ ମାଧା କରିଦେଲା। ମାମୁଁ, କକେଇ, ଦଦେଇ, ଭାଇନା ଡାକଗୁଡାକ ହଜିଗଲା ମାଧା ଡାକ ଭିତରେ। ଆଉ ନନା ବା ବାପା ଡାକଟା ତ ତାଙ୍କ ଜୀବନରୁ ବହୁତ ଦୂରରେ ରହିଗଲା। ସତ କହିବାକୁ ଗଲେ ସମସ୍ତେ ତାଙ୍କୁ ବୋକା ହିସାବରେ ଗଣତି କରନ୍ତି। ତେଣୁ କାଳକ୍ରମେ ତାଙ୍କର ସୁନ୍ଦର ନାମ ମାଧବ ଟି ଅପଭ୍ରଂଶ ହୋଇ ମାଧା ରେ ପରିଣତ ହୋଇଗଲା। ଉଦାସିଆ ମଣିଷ ଆଉ ଅଚଳନ୍ତି ଚାରେଣି ଭିତରେ ବୋଧେ କିଛି ଫରକ୍ ନଥାଏ। ପଇସା ଭିତରେ ଅଚଳନ୍ତି ଚାରେଣିର ମୂଲ୍ୟ ନଥିଲା ଭଳି, ମଣିଷଙ୍କ ଭିଡରେ ତାଙ୍କର ଅସ୍ତିତ୍ୱ ବି ସେମିତି ଅଚଳନ୍ତି ଚାରେଣିର ଭଳି। ସବୁଠି ଥାଇ ବି ନଥିଲା ଭଳି।

ଜନ୍ମବେଳେ ଗୋରା ବର୍ଣ୍ଣରେ ପୁଅଟିଏ ଦେଖି ମା' ବହୁତ ଖୁସି ଥିଲେ। ରକ୍ଷଣଶୀଳ ଯୌଥ ପରିବାରର ବାପା ମାନେ ଖୁସି ପ୍ରକଟ କରି ନପାରିଲା ପରି, ନନା ତାଙ୍କର ପୂର୍ବରୁ ଦୁଇ ପୁଅ ଥିବାରୁ ଖୁସି ପ୍ରକାଶ କରିପାରି ନଥିଲେ। ସେ ସମୟର କଥା ଯେଉଁ ସମୟରେ ସାଂସାରିକ ଜୀବନରେ ଛୁଆ ହେବାଟା ଏକ ସାଧାରଣ କଥା। ସ୍ତ୍ରୀ ଲୋକ ଓ ସେମିନ୍ ଭିତରେ କିଛି ଫରକ୍ ନଥାଏ। ଫି ସାଲ ଗୋଟିଏ ଗୋଟିଏ ଛୁଆ ହେବା ଏକ ସାଧାରଣ ଘଟଣା । ତେଣୁ ଷଷ୍ଠ ସନ୍ତାନ ଭାବେ ଜନ୍ମ ଗ୍ରହଣ କରିଥିବା ପୁଅ ପାଇଁ ବା କୋଉ ଖୁସି ଥିଲା ! ! କେବଳ ଜନ୍ମ ଦେଇଥିବା ମା' ସୁନ୍ଦର ଗୋରା ତକତକ ପୁଅଟିକୁ ଦେଖି ଖୁସି ହୋଇ ଯାଇଥିଲେ। କିନ୍ତୁ ଦୁଇ ତିନି ବର୍ଷ ବୟସ ବେଳକୁ ପୁଅଟିକୁ କମ୍ ଶୁଣା ଯାଉଛି ପରିବାର ଜାଣି ପାରିଥିଲା। ବୋଉଙ୍କର ଚିନ୍ତା ସେଇ ଦିନଠାରୁ ବଢ଼ି ଯାଇଥିଲା। କମ ଶୁଣିଥିବା ସହ ବୁଝିବା ଶକ୍ତି ବି କମ୍ ଥିଲା। ତେଣୁ ପାଠଶାଠ ବି ହାତରେ ହେଲାନି। ନନା, ଭାଇମାନେ ପାଠ ହେଉନଥିବାରୁ ବିରକ୍ତ ହେଉଥିଲେ, କିନ୍ତୁ ସେ କ'ଣ କରିବେ ଯେ , ବିଧାତା ତାଙ୍କୁ ସେମିତି ଗଢ଼ିଥିଲା। କେବଳ ଘର କାମ କରିବାକୁ ସକ୍ଷମ ଥିଲେ। ଏଇ ଯେମିତି ଗାଈ ବଳଦଙ୍କୁ ଖାଇବାକୁ ଦେବା, ଗାଈ ଦୁହିଁବା, ମାଟି ହାଣି ଶାଗ ପଟାଳି କରିବା, ବଜାର ସଉଦା କରିବା, ନଡ଼ିଆ ଓ ଆମ୍ବ ତୋଳା ସମୟରେ ଠିଆ ହେବା, କାଠ ହାଣିବା ଏଇପରି କାମ ଯେଉଁଥିରେ ବୁଦ୍ଧିର କାମ ବେଶି ନଥାଏ, ସେପରି କାମ ସବୁ କରିଥାନ୍ତି। କଥା କିନ୍ତୁ ଖୁବ୍ କମ୍ କହିଥାନ୍ତି। ବେଳେବେଳେ ନଜାଣିବା ଲୋକ ତାଙ୍କୁ ମୂକ ବୋଲି ବି ଭାବିନେବ। କାହାର ଆବଶ୍ୟକ ପଡି ନଥାଏ ତାଙ୍କ ସହିତ ଦୁଃଖ ସୁଖ ହେବାକୁ, କି ତାଙ୍କର ବି ଦରକାର ପଡି ନଥାଏ କାହା ବିଷୟରେ ଜାଣିବାକୁ।

ସମୟକ୍ରମେ ଭାଇ ଭଉଣୀ ବଡ଼ ହେଲେ। ଭଉଣୀମାନେ ବିବାହ କରିଲେ, ବଡ଼ ଭାଇ ଚାକିରି କରି ତାଙ୍କ ସଂସାର ନେଇ ବାହାରେ ରହିଲେ। ଘରେ ରହିଗଲେ ସାନ ଭାଇଙ୍କ ପରିବାର, ମା' ଓ ମାଧା। ସାନ ଭାଇନା ସ୍ୱଳ୍ପ କିଛି ଜମିବାଡିର ଆୟ ଓ ଛୋଟ ଚାକିରିଟିରେ ନିଜର ଚାରୋଟି ପିଲା, ମା' ଓ ଭାଇଙ୍କୁ ନେଇ କଷ୍ଟେମଷ୍ଟେ ପରିବାର ଚଳାନ୍ତି। ସାଧାରଣତଃ ନିପାରିଲା ସନ୍ତାନ ପ୍ରତି ମା'ର ଦୁର୍ବଳତା ଥାଏ।ମାଧା ଭାଇନାଙ୍କ ମା'ଙ୍କର ଦୁର୍ବଳତା ମଧ୍ୟ

ମାଧା ଭାଇନାଙ୍କ ପ୍ରତି ଥିଲା। ସବୁବେଳେ ତାଙ୍କ ପାଇଁ ଚିନ୍ତା କରନ୍ତି।

କହିବାକୁ ଗଲେ ଖୁବ୍ ଭଲ ପାଆନ୍ତି ତାଙ୍କୁ। ଏକମାତ୍ର ଚିନ୍ତା ଥାଏ ତାଙ୍କ ଅନ୍ତେ ସଂସାରରେ ତାଙ୍କର ସେଇ ପୁଅଟି କେମିତି ଚଳିବ।

ସମୟ କାହାର ସୁବିଧା ଅସୁବିଧା ପରଖେନି, ତା ବେଳ ଆସିଲେ ସେ ଠିକ୍ ଚାଲିଆସେ। ମାଧା ବୋଉଙ୍କର ଶେଷ ସମୟ ବି ଆସିଲା। ଶେଷ ଶଯ୍ୟାରେ ପଡ଼ିଥିବା ସମୟରେ ମାଧା ଭାଇନାଙ୍କ ଚିନ୍ତାହିଁ ତାଙ୍କର ଥିଲା। ଯେଉଁ ଦିନ ସେ ଚାଲିଗଲେ ସମସ୍ତେ ଭାବୁଥିଲେ ମାଧା ଭାଇନା ନିଶ୍ଚୟ କାନ୍ଦିବେ, ଭାଙ୍ଗିପଡିବେ। ସଂସାରରେ ତାଙ୍କୁ ସବୁଠୁ ଭଲ ପାଉଥିବା ଲୋକଟି ଛାଡି ଚାଲିଗଲା ଭାବି। କିନ୍ତୁ ସେତେବେଳେ ବି ସେ ସମସ୍ତଙ୍କ ଭାବନାକୁ ଭୁଲ୍ ସାବ୍ୟସ୍ତ କରିଦେଇଥିଲେ।ନା ତାଙ୍କ ଆଖିରୁ ଲୁହ ବାହାରିଥିଲା, ନା ସେ ସ୍ଥାଣୁ ପାଲଟି ଯାଇଥିଲେ। ସମସ୍ତେ ବତେଇ ଚାଲୁଥିବା କାମ ସେ କରୁଥିଲେ । ତା ଭିତରେ ଦୁଃଖଟା ଥିଲା କି ନଥିଲା ଜଣା ପଡୁ ନଥିଲା। ସେ ଯେ ଜଣେ ଭାବନା ବିବର୍ଜିତ ମଣିଷ ବୋଲି ସମସ୍ତେ ଭାବନ୍ତି।

ଏ କଥା ସତ୍ୟ ଯେ ଜୀବନର ଗତିପଥ ଉତ୍ଥାନ ପତନ ସହିତ ରହିଥାଏ, ତାଙ୍କ ଜୀବନର ଗତି କିନ୍ତୁ ଗୋଟିଏ ସରଳ ରେଖା ପରି ମନେ ହୁଏ। ନା ଉତ୍ଥାନ ଥିଲା, ନା ପତନ ଥିଲା।ନା ସୁଖ ଥିଲା,ନା ଦୁଃଖ ଥିଲା।ନା ହସ ଥିଲା ନା କାନ୍ଦ ଥିଲା। ତାଙ୍କ ଜୀବନ ଏକ ନିଃର୍ଲିପ୍ତ, ନିଃରାଶକ୍ତ, ନିଃର୍ଲୋଭ ଜୀବନ, ଯେଉଁଥି ପାଇଁ ଦୁଃଖ ତାଙ୍କଠାରୁ ବହୁତ ଦୂରରେ।

ଦିନେ ସାଇ ଝିଅ ସୁନନ୍ଦା ଶାଶୁ ଘରକୁ ବାପଘରକୁ ବୁଲିବାକୁ ଆସିଥାଏ। ମାଧା ଭାଇନାଙ୍କ ଝିଆରୀ ଝିଅଟିର ସାଙ୍ଗ ହୋଇଥିବାରୁ ସେ ତାଙ୍କ ଘରକୁ ବୁଲି ଆସିଥିଲା। ବାଡି ପିଣ୍ଡାରେ ସମସ୍ତେ ଗପ ପରେ ମଜି ଯାଇଥାନ୍ତି। ହଠାତ୍ କୂଅର ଦାଲୋଗଁ କିନା କିଛି ପଡ଼ିବାର ଶବ୍ଦ ଶୁଣାଗଲା।

ଶବ୍ଦ ଶୁଣିବା ପରେ ସମସ୍ତଙ୍କ ଚେତନା ଫେରି ଆସିଲା। ପାଖରେ ସୁନନ୍ଦା ପାଞ୍ଚ ବର୍ଷର ପୁଅ ନଥାଏ। ସମସ୍ତ ଦୌଡିଲେ କୂଅ ମୂଳକୁ। ସମସ୍ତେ କୂଅକୁ ଝୁଙ୍କି ଚାହିଁ ହାଉଳି ଛାଡୁଛନ୍ତି। ପାଟି ତୁଣ୍ଡରେ ମାଧା ଭାଇନା ବି ପହଞ୍ଚି ଯାଇଥାନ୍ତି କୂଅ ମୂଳରେ। ପିଲାଟିକୁ କୂଅ ଭିତରେ ଡୁବ ମାରୁଥିବା ଦେଖି ମାଧା ଭାଇନା କୂଅ ଫନ୍ଦରେ ଗୋଡ଼ ଦେଇ ଦେଇ ତଳକୁ ଓହ୍ଲାଇ ଗଲେ। ଆଉ ଛୋଟ ଛୁଆଟିକୁ ଧରି ତାଙ୍କର ବଳିଷ୍ଠ କାନ୍ଧ ଉପରେ ବସାଇ ଉପରକୁ ଉଠି ଆସିଲେ। ସମସ୍ତେ ବୋକା ହୋଇ ଚାହିଁ ଥାନ୍ତି। ଯାହାକୁ ସମସ୍ତେ ବୋକା କହୁଥିଲେ, ସେଦିନ ସେ କିନ୍ତୁ ସମସ୍ତଙ୍କୁ ବୋକା କରି ଦେଇଥିଲା। କେହି ଭାବି ନଥିଲେ ଝିଅଟି କେମିତି ଉଦ୍ଧାର ପାଇବ। ତାସ୍ ଖେଳରେ ଭୁଲ୍ ଖେଳୁଥିବା ଲୋକଟା ଜୀବନ ରକ୍ଷା ଖେଳରେ କିନ୍ତୁ ସମସ୍ତଙ୍କୁ ହରାଇ ଦେଇଥିଲା। ଆଗରୁ ଅନେକ ଥର କୂଅ ଭିତରେ ପଶି ଗରା ବାଲ୍ଟି କାଢିଥିବା ଅଭିଜ୍ଞତା ଥିଲା, ତାହା ସେଦିନ କାମରେ ଆସିଲା। ସୁନନ୍ଦା କାନ୍ଦି କହୁଥିଲା, 'ମାଧା ଭାଇନା ତୁମେ ନଥିଲେ ଆଜି ମୋ ଝିଅକୁ ମୁଁ ପାଇ ନଥାନ୍ତି, ତୁମ ଋଣ ଶୁଝି ପାରିବିନି'।

ମାଧା ଭାଇନା କିନ୍ତୁ ସେ ପ୍ରଶଂସାର ଉର୍ଦ୍ଧ୍ୱରେ ଥିଲେ। ତାଙ୍କ ମୁଖମଣ୍ଡଳରେ କିଛି ଗୋଟେ ପ୍ରଶଂସନୀୟ କାମ କରିଥିବାର ଭାବଭଙ୍ଗୀ ପ୍ରକାଶ ପାଉ ନଥିଲି।ଘଟଣାଟି ତାଙ୍କ ପାଇଁ ସାଧାରଣ ଥିଲା। ଠିକ୍ ଗରାଟେ ପାଣିରୁ ଉଦ୍ଧାର କଲା ଭଳି। ତାଙ୍କର କିଛି ପ୍ରତିକ୍ରିୟା ନଥିଲେ ବି ସମସ୍ତଙ୍କ ମନରେ ଏ ଭାବନା ଆସୁଥିଲା,ଏମିତି ଦରଗଜା ମଣିଷଗୁଡାକ ବେଳେ ବେଳେ ଅନ୍ୟ ପାଇଁ ନିଜ ଜୀବନକୁ ବି ବାଜି ଲଗାଇଦେଇ ପାରନ୍ତି, ହୁଏତ ଯାହା ସମସ୍ତେ କରି ନପାରନ୍ତି।


+ସିଟି ମହିଳା ମହାବିଦ୍ୟାଳୟ
ଭୁବନେଶ୍ୱର
ମୋ: ୭୯୭୮୯୪୫୩୧୮


## ଆଜିର କବିତା

### ଜୀବେଦୟା ଭାବ ଜଗତେ ଶ୍ରେଷ୍ଠ

#### ରଞ୍ଜିତା ରାଉଳ



ମାନବ ଜୀବନ ଶ୍ରେଷ୍ଠ ଜୀବ ଭାବେ
ଜଗତରେ ଲଭିଥାଏ
ଜୀବେଦୟା ଭାବ ହୃଦୟେ ରଖିଲେ
ଶ୍ରେଷ୍ଠ ପରିଚୟ ପାଏ ।
ଜୀବ ପ୍ରତି ସଦା ଦୟା ଭାବ ରଖି
ସୁରକ୍ଷା ପ୍ରଦାନ ହିତ
ବିନାଶ ନକରି ବିକାଶ ଦିଗରେ
ହେଉଥିବା ଅଗ୍ରଗତ ।
ସରଳ ଜୀବନ ସାଧୁବାଦ ଜ୍ଞାନ
ଜଗତ କଲ୍ୟାଣ ପାଇଁ
ଯୁଗ ଯୁଗ ପାଇଁ ସର୍ବୋଚ୍ଚ ସମ୍ମାନେ
ଇତିହାସ ରଚେ ସେହି ।
ଏ ମର୍ତ୍ତ୍ୟମଣ୍ଡଳେ ସାଧୁସନ୍ଥ ସଙ୍ଗେ
ଚିନ୍ତନ ମନ ନିର୍ମଳେ
ସୁବିଚାର ଏବଂ ଈଶ୍ୱର ବିଶ୍ୱାସେ
କୋଟି ପୁଣ୍ୟ ତୀର୍ଥ ମିଳେ ।
ନିଷ୍ଠୁର ପଣକୁ ଜଳାଞ୍ଜଳି ଦେଲେ
ମନେ ଆଣେ ଶାନ୍ତି ପ୍ରୀତି
ଉତ୍ସର୍ଗୀକୃତ ଓ ଦୟାଭାବ ଥିଲେ
ବୈକୁଣ୍ଠ ପୁର ଯେ, ପ୍ରାପ୍ତି ।


+ଅନୁଗୋଳ
ମୋ: ୮୫୯୮୮୦୧୫୨୦


### ନାରୀ

#### ବର୍ଷାରାଣୀ ମହାମଲ୍ଲିକ



ସବୁ ସହିଯାଏ ନୀରବ ରେ ରୁହେ
ଯନ୍ତ୍ରଣା ଜାତନା ସହି,
କେତେ ତାର କଷ୍ଟ ତଥାପି ସେ ତୁଷ୍ଟ
ଲୁହନଈଁ ଗଲେ ବି ବହି।

ଜନ୍ମଠାରୁ ସିଏ ଆମରଣ ଯାଏ
କେତେ ଦହଗଞ୍ଜ ହୁଏ
କିନ୍ତୁ ହସୁଥାଏ ସ୍ମିତ ହସ ଦେଇ
ଅନ୍ତରେ ବାହୁନି କାନ୍ଦେ।

ଜନ୍ମରୁ ଯେମିତି ଶିଖାଯାଏ ତାକୁ
ସହିବାଟା ତାର ଧର୍ମ,
ନିଜ କର୍ତ୍ତବ୍ୟର ଊଣା ନ କରିଣ
ସାଧେ ଆପଣାର କର୍ମ।

କେତେବେଳେ ଝିଅ କେତେବେଳେ ମାଆ
ପୁଣି ଭଉଣୀ ଓ ଅର୍ଦ୍ଧାଙ୍ଗିନୀ,
କେତେ ରୂପେ କେତେ ବେଶେ ଆସି ସିଏ
ସାଜେ ଆମ ଦୁଃଖ ହାରିଣୀ।

କେତେ ଭ୍ରୂଣ ହତ୍ୟା ନାରୀ କନ୍ୟାଙ୍କର
ଚାଲିଛି ଏ ସମାଜରେ,
ଯୌତୁକ ଯାତନା ଶାରୀରିକ ନିର୍ଯ୍ୟତନା
କେତେ ଚାପ ତାର ମୁଣ୍ଡରେ।

ବାହାର ଲୋକଙ୍କ କଥା ଦୂରେ ଥାଉ
ସିଏ ସୁରକ୍ଷିତ ନୁହଁ ନିଜ ଘରେ,
ଏକାକୀ କୁଆଡ଼େ ଯାଉଥିଲେ ସିଏ
ପାପ ଦୃଷ୍ଟି ପଡ଼େ ତା ଉପରେ।

ନାରୀ ପାଇଁ ସବୁ ସୁଖ
ନାରୀ ହରିନିଏ ଦୁଃଖ,
ନାରୀ ଜନନୀ ଭଗିନୀ
ନାରୀ ହିଁ ତ ସର୍ବଶ୍ରେଷ୍ଠ।

କେତେ ଅତ୍ୟାଚାର କେତେ ନିଷ୍ଠୁର
ହେବ ଏ ନାରୀ ଉପରେ
ତାର ବି ଜୀବନ ଅଛି ଜାଣିରଖ
ବଞ୍ଚିବାକୁ ଦିଅ ତାକୁ ଥରେ।

ସର୍ବଂସହା ବୋଲି ଜଗତ କୁହଇ
ତା ବୋଲି କଣ ସେ ସହିବ ?
ସିଏ ପରା ନାରୀ ବୋଲି ସଦା
ଯନ୍ତ୍ରଣାରେ ବି ହସିବ
ନ୍ୟାୟ ମାଗେ ନାରୀ ସମାଜ ସାମ୍ନାରେ
ମାଗୁଛି ତାହାର ଦାବି
ତାକୁ ମଧ୍ୟ ବଞ୍ଚିବାକୁ ଦିଅ ଖୁସିରେ
ଆଉ କିଛି ନ ଭାବି।


+ବରଗଡ଼
ମୋ: ୮୨୬୦୬୫୯୩୩୨


### ଅବୁଝା ମନ

#### ଝରଣା ବାରିକ



ଏକା ଏକା ଯେବେ ବାଟ ଚାଲୁଥିଲି
ସାଥି ମିଳିଗଲ ତୁମେ
ସେହି ଦିନଠାରୁ ଦୁହେଁ ଦୁହିଁଙ୍କର
ହୃଦୟେ ରହିଛୁ ଆମେ।

ସେନେହ ମମତା ପ୍ରେମରେ ଭରିଛି
ଆମ ସମ୍ପର୍କର ଡୋରି
ଜଣେ ଦୁଃଖି ହେଲେ ଅନ୍ୟର ଆଖିରୁ
ଲୁହ ଯାଉଥାଏ ଝରି।

ତୁମ ପରଶରେ କଣ୍ଟା ଭରା ପଥ
ବରଷଇ ଖାଲି ଫୁଲ,
ତୁମରି ହସରେ ମିଳିଯାଏ ମତେ
ଭଲପାଇବାର ମୂଲ।

କୁହେ ନାହିଁ କିଛି ବୁଝି ଯାଅ ସବୁ
ମନେ ମୋର ଯାହା ଅଛି,
ହାତ ଧରି ମତେ ନିଅ ସେହି ପଥେ
ଖୋଜେ ମୁହିଁ ଯାହା କିଛି।

ତୁମରି ମୁହଁକୁ ଚାହିଁ ଦେଲେ ଥରେ
ସୁଖରେ କଟେ ମୋ ଦିନ,
ତୁମେ ରୁଷି ଗଲେ ଲୁହ ଢାଳେ ବସି
ଅବୁଝା ହୁଏ ମୋ ମନ।


+ସମଲ, ତାଳଚେର, ଅନୁଗୋଳ


# ପ୍ରେମର ପରିଭାଷା

## ସ୍ମିତା ପଣ୍ଡା

ମୁଁ ଶ୍ରୁତିଲେଖାକୁ ଭଲ ପାଏ। ଯଦିଓ ହିରଣ୍ମୟୀଙ୍କ ସହ ମୋର ପ୍ରେମ ବିବାହ ହୋଇଛି ଓ ଆମେ ଏକ ଛୋଟ ସଂସାର ବି ତୋଳି ସାରିଛୁ ତଥାପି ଆଜି କାଲି କାହିଁକି କେଜାଣି ଶ୍ରୁତିଲେଖା କଥା ବହୁତ ମନେପଡ଼େ।

ହିରଣ୍ମୟୀ ଓ ମୁଁ ଗୋଟାଏ ମହାବିଦ୍ୟାଳୟରେ ଅଧ୍ୟାପକ ଓ ଅଧ୍ୟାପିକା। ସେ ମନସ୍ତତ୍ତ୍ୱ ବିଭାଗରେ ଆଉ ମୁଁ ଅର୍ଥନୀତି ବିଭାଗରେ। ହିରଣ୍ମୟୀ ସୁନ୍ଦରୀ, ଉଚ୍ଚଶିକ୍ଷିତା,ମାର୍ଜିତ ବ୍ୟବହାର ସର୍ବୋପରି ମତେ ଭଲ ପାଉଥିବା ମଣିଷଟିଏ। ଏବେ କିନ୍ତୁ ବହୁ ବର୍ଷ ପରେ ଶ୍ରୁତିଲେଖା ଆସି ଛିଡା ହୁଏ ଆମର ଏଇ ସମ୍ପର୍କ ମଝିରେ। ସେ ତ ଆସେନି ବରଂ ମୁଁ ତାକୁ ଟାଣିଟାଣି ଆଣି ଛିଡା କରାଏ ଆମ ଦୁହିଁଙ୍କ ଭିତରେ। ମୁଁ ଜାଣେନି ମନସ୍ତତ୍ତ୍ୱ ବିଭାଗର ଅଧ୍ୟାପିକା ସ୍ତ୍ରୀ ମୋର କେବେ ମୋର ଅନ୍ୟମନସ୍କତା, ଚିଡ଼ଚିଡ଼ା ପଣକୁ ନେଇ କିଛି ବିଶ୍ଳେଷଣ କରନ୍ତି କି ନା କିନ୍ତୁ ଦିନ ରାତି ଲାଭକ୍ଷତି ହିସାବ କରୁଥିବା ମୋ ପରି ଲୋକଟା ଏବେ ବେହିସାବି ଜୀବନ ଜିଉଁଥାଏ।

ଶ୍ରୁତିଲେଖା ମୋ ପିଲା ଦିନର ବାନ୍ଧବୀ ଯିଏ ମତେ ମାଆ ପରି ଅଭୟବାଣୀ ଶୁଣାଏ, ଭଉଣୀ ପରି ସ୍ନେହ ଆଦର କରିପାରେ, ଆଉ ପ୍ରେମିକା ପରି ଭଲ ପାଇବା ଓଜାଡି ଦେଇ ଥାଏ।ଯୋଉ ଶ୍ରୁତିଲେଖାର ଭଲ ପାଇବାକୁ ମୁଁ ବୁଝି ପାରିନଥିଲି ବା ନ ବୁଝିବାର ଅଭିନୟକରୁଥିଲି ଆଜି ସେ ମୋ ଭାବନାରେ, ମୋ ଚିନ୍ତା ଚେତନାରେ ଅହରହ ମତେ ଛଟପଟ କରାଏ। ଅଧ ରାତିରେ ମୁଁ ଉଠି ପଡ଼ି ବହି ଆଲମିରାରୁ ଗୋଟେ ପରେ ଗୋଟେ ବହି ଟାଣି ଆଣେ ଯାହା ସେ ମୋତେ କଲେଜ୍ ପଢ଼ିବା ବେଳେ ଉପହାର ଦେଇଥିଲା। ଆଜି ସେହି ପୁରୁଣା ବହି ଭିତରୁ ମୁଁ ଅଣ୍ଡାଳି ଅଣ୍ଡାଳି ଖୋଜି ହେଉଥାଏ



କୋଉଠି କାଳେ ସେ ଛାଡ଼ି ଦେଇଥିବ ତା ଭଲ ପାଇବାର ସ୍ମୃତି ଟିକକ ଯାହା ସେ କେବେ କହି ପାରିନି। ନା, ସେସବୁ କିଛି ମିଳେନା ମତେ । କୋଉଠି ଗୋଟେ ଗାର ବି ପଡ଼ି ନଥାଏ ସେ ସବୁରେ। ଇଚ୍ଛାହୁଏ ସେତେବେଳେ ସେ ଚକାଚକ୍ ବହିଗୁଡ଼ିକ ଉପରେ ସେ ଛାଟି ଦେଇଥାନ୍ତା କି ମେଞ୍ଚାଏ କାଳି, ସେଇ କଳା କାଳି ଭିତରେ ମୁଁ ଖୋଜି ହୁଅନ୍ତି ଏବେବି କୋଉଠି ସେ ଲୁଚି ରହିଛି ମତେ ଅପେକ୍ଷା କରି।

ଯେତେବେଳେ ଘରେ ମତେ ସମସ୍ତେ ବାଧ୍ୟ କରୁଥିଲେ ବିଜ୍ଞାନ ପଢ଼ିବା ପାଇଁ ଏପରିକି ବାପା ସେଇ ରାଗରେ ମୋ ସହିତ କଥାବାର୍ତ୍ତା କରିବା ବନ୍ଦ୍ କରି ଦେଇଥିଲେ ଆଉ ମୁଁ ଗୋଟେ ମାନସିକ ଅବସାଦ ଭିତରେ ଥିଲି, ସେଇ ମାନସିକ ଅବସାଦ ଭିତରୁ ଗୋଟେ ପ୍ରେରଣାର ଉତ୍ସ ହୋଇ ବାହାରକୁ ଟାଣି ଆଣିଥିଲା ସେ। ମୋ କୃତିତ୍ୱରେ ମୋ ଠାରୁ ଅଧିକ ଖୁସି ହେଉଥିଲା, ମୁଁ କେମିତି ପଢିବି, କଣ କରିବି କଣ ନ କରିବି ତାର ତାଲିକା କରି ଦେଉଥିଲା ସେ। ପୋଷ୍ଟଗ୍ରାଜୁଏସନ୍ ରେଆମେ ଦୁହେଁ ଅଲଗା ଅଲଗା ୟୁନିଭରସିଟି ରେ ରହିଗଲେ ବି ସେ ବରାବର ମୋ ଭଲମନ୍ଦ ଖବର ବୁଝୁଥିଲା ଆଉ ତା ହଷ୍ଟେଲ ଖର୍ଚ୍ଚରେ ମୋ ପାଇଁ ଭଲ ଭଲ ବହି କିଣି ପଠାଉଥିଲା। ହୁଏତ ତା ଅଜାଣତରେ କେତେବେଳେ ତା ହୃଦୟ ସେ ମତେ ଦେଇ ସାରିଥିଲା।

ଆଜିକାଲି ବହୁତ ଖୋଜେ ତାକୁ , ଯାହାକୁ ମୁଁ ସମୟ ବେଳେ ଖୋଜିବାକୁ ଚେଷ୍ଟା କରିନି। ଫେସବୁକ୍, ଇନଷ୍ଟାଗ୍ରାମ, ଟ୍ୱିଟର ସବୁ ପ୍ଲାଟଫର୍ମ ରେ ଘଣ୍ଟା ଘଣ୍ଟା ସର୍ଚ୍ଚ କରେ,ସବୁ ସାଙ୍ଗ ମାନଙ୍କୁ ପଚାରେ ତ ସାଙ୍ଗ ମାନେ କହନ୍ତି, 'ତୁ ତ ତା'ର ସବୁଠୁ ଅଧିକ କ୍ଲୋଜ୍ ଥିଲୁ ତୁ ଯଦି ଜାଣିନୁ ଆମେ କେମିତି କହିବୁ ?' ଦିନେ ସାଙ୍ଗ ମାନଙ୍କ ଭିତରୁ ଜଣେ ଗ୍ରୁପ୍ ରେ ମେସେଜ ଦେଲା, ଶ୍ରୁତିଲେଖାର ଫୋନ୍ ନମ୍ବରକୁ ଆଡ୍ ? କରିବାକୁ । ସେହି ସାଙ୍ଗଠାରୁ ଜାଣିବାକୁ ପାଇଲି ସେ ଏବେ ରାଉରକେଲାରେ ରହୁଛି। ଗୋଟେ ବେସରକାରୀ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଅଛି। ଶ୍ରୁତିଲେଖା ସେଦିନ ଆଶ୍ଚର୍ଯ୍ୟ ହୋଇଥିଲା ଆଉ ଖୁସି ବି।ଦୁହେଁଯାକ ଏକାଠି ଖାଇଲୁ ପରସ୍ପରର ଭଲ ମନ୍ଦ ପଚାରି ବୁଝିଲୁ । ଫେରିବା ବାଟରେ ତା'କୁ ପଚାରିଲି,'ମତେ ତମେ ଏତେ ଭଲ ପାଉଥିଲ କିନ୍ତୁ କହିଲନି କ'ଣ ପାଇଁ ?' ସେ କିଛି କହିଲାନି କେବଳ ନିରବ ରହିଲା। ପୁଣି ପଚାରିଲି, 'ତମକୁ କେବେ କଷ୍ଟ ହୋଇନି ମୋ'ଠୁ ଦୂରେଇ ଯାଇ ?' ସେ ହସିଲା ଆଉ କହିଲା 'ହୋଇଛି ବହୁତ୍ କଷ୍ଟ ହୋଇଛି କିନ୍ତୁ ତମଠାରୁ କମ୍।' ମୁଁ ଆଶ୍ଚର୍ଯ୍ୟ ହୋଇ ତା ମୁହଁକୁ ଅନାଇଲି। ସେ ପୁଣି କହିଲା,'ମୁଁ ମୋ ଭଲ ପାଇବା ପାଇଁ କଷ୍ଟ ପାଉ ଥିଲି, ଯାହା ମୁଁ ପାଇ ପାରି ନଥିଲି କିନ୍ତୁ ତମେ ତମ ଭଲ ପାଇବା ପାଇ ମଧ୍ୟ ଯେଉଁ କଷ୍ଟ ପାଉଛ ତାହା କ'ଣ କମ୍ କଷ୍ଟ ? ତମ ପ୍ରେମକୁ ତମେ କଷ୍ଟ ବୋଲି ଭାବୁଛ ଆଉ ତମ କଷ୍ଟକୁ କୁ ପୁଣି ପ୍ରେମ ବୋଲି ଭାବୁଛ। ପ୍ରତ୍ୟେକଙ୍କୁ ନିଜ ନିଜ ଯାଗାରେ ରହିବାକୁ ଦିଅ।' ମୋର ହିରଣ୍ମୟୀଙ୍କ କଥା ମନେ ପଡ଼ଗଲା। ଲାଗିଲା ତାଙ୍କ ପ୍ରତି ମୁଁ ଅନ୍ୟାୟ କରିଛି । ଶ୍ରୁତିଲେଖା ଆଜି ମୋ ଆଖି ଖୋଲି ଦେଇଛି। ପ୍ରେମର ଏକ ସୁନ୍ଦର ପରିଭାଷା ଆଜି ସେ ବୁଝେଇ ଦେଇ ଯାଇଛି। ଶ୍ରୁତିଲେଖାକୁ ତା ଘରେ ଡ୍ରପ କରି ଏଥର ମୁଁ ଭୁବନେଶ୍ୱର ଅଭିମୁଖେ ଗାଡ଼ି ବୁଲେଇଲି । ଏତିକି ବେଳେ ଗାଡ଼ି ପାଖରେ କେହିଜଣେ ମୋ ପସନ୍ଦ୍ ର ଗୀତ ଗାଇଗାଇ ଭିକ୍ଷା ମାଗି ଚାଲିଥାଏ... 'ଜବ କୋଇ ବାତ୍ ବିଗଡ ଯାଏ ଜବ କୋଇ ମୁସକିଲ୍ ପଡଯାଏ.....।'


+ନରସିଂହପୁର,କଟକ
ମୋ:୭୦୦୮୨୪୩୬୭୨

# ବର୍ଷା ଜଳ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା

କନ୍ଧମାଳ , ୫/୦୪ (ନି.ପ୍ର): ଫୁଲବାଣୀ ସହରର ପୋଲିସ୍ ହାଇସ୍କୁଲ ଫୁଲବାଣୀ ଠାରେ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ବର୍ଷା ଜଳ ଉପରେ ଚିତ୍ରାଙ୍କନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ କାଯ୍ୟକର୍ମକୁ ମୂଖ୍ୟ ଅତିଥି ଭାବରେ ପୋଲିସ ହାଇସ୍କୁଲ ଫୁଲବାଣୀ ର ପ୍ରଧାନ ଶିକ୍ଷକ ଦେବୀ ପ୍ରସାଦ ଶତପଥୀ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଶିକ୍ଷକ ସନ୍ତୋଷ କୁମାର ମିଶ୍ର ଏବଂ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ର ସହ କର୍ମି ସତ୍ୟବାନ ଦଳବେହେରା, ସ୍ୱଚ୍ଛା ସେବୀ ରିତୀମା ବାଘ, ପ୍ରମୁଖ ଯୋଗ ଦେଇଥିଲେ । ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା ଏଥିର ପି ପ୍ରେମ କୁମର ପ୍ରଥମ, ସୋମନାଥ ନାୟକ ଦ୍ୱିତୀୟ, ଆଲୋକ ଦିଗାଲ ତୃତୀୟ ହୋଇ ଥିଲେ ସେହିପରି କୁ ଇ ଜ ରେ ଅଙ୍କିତ ଦିଗାଲ ପ୍ରଥମ, ଆଶିଷ ମହାନନ୍ଦ ଦିତୀୟ ଏବଂ ଜ୍ୟୋତି ମୟୀ ମିଶ୍ର ତୃତୀୟ ହୋଇ ଥିଲେ । ମୂଖ୍ୟ ଅତିଥି ଅନୁଷ୍ଠିତ କାର୍ଯ କ୍ରମ ର ମୂଖ୍ୟ ଲକ୍ଷ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରିଥିଲେ । ବୈଠକ ରେ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ର ସହ କର୍ମୀ ସତ୍ୟବାନ ଦଳବେହେରା ମୁଖ୍ୟ ଅତିଥି ଅନ୍ୟାନ୍ୟ ଅତିଥି ଓ ଉପସ୍ଥିତ ଥିବା ଛାତ୍ର ଛାତ୍ରୀ ମାନଙ୍କ କୁ ସ୍ୱାଗତ କରିଥିବା ବେଳେ ସ୍ୱେଚ୍ଛାସେବୀ ମେଘକ୍ଷରଣି ମହାପାତ୍ର ଧନ୍ୟ ବାଦଅର୍ପଣ କରି ଥିଲେ ।

# ସହରରେ ପଲ ପଲ ବୁଲା କୁକୁର : ମାସକରେ ୯୦୦ ଜଣଙ୍କୁ ଟିକା



ଜୟପୁର, ୫/୦୪ (ନି.ପ୍ର): ବ୍ରହ୍ମପୁରରେ ଅଚାନକ କୁକୁର ପଲ ଆକ୍ରମଣ କରିବା ଫଳରେ ୨ଜଣ ମହିଳା ଓ ଜଣେ ଶିଶୁ ଆହତ ହୋଇଥିଲେ । ଏହି ଘଟଣା ପରେ ଜୟପୁରରେ ବି ଏଭଳି ହେବା ସମ୍ଭାବନାକୁ ଏଡାଇ ହେବ ନି ବୋଲି ଲୋକେ ଚିନ୍ତାରେ ପଡ଼ିଛନ୍ତି । ସହର ସାରା ମାଳମାଳ ବୁଲା କୁକର ପଲ । ଗତ ମାସକ ମଧରେ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ୯୦୦ଜଣ କୁକୁର କାମୁଡା ଟିକା ନେଇଛନ୍ତି । ଏହା ବାଦେ ଆଉ କିଛି ଲୋକେ ସହରର ମେଡିକାଲ ଷ୍ଟୋର ଗୁଡିକରୁ ରେଭିଫୋର ନାମକ ଟିକା କିଣିକି ନେଇଥିବା ବି ସୂଚନା ମିଳିଛି ।

ଏହି କୁକୁର ପଲ ବୁଲୁଥିବା ବେଳେ ବହୁ ସମୟରେ ଲୋକଙ୍କୁ ଆକ୍ରମଣ କରିବାକୁ ବି ଦଉଡାଉଥିବା ଦେଖିବାକୁ ମିଳିଛି । ତା ସାଙ୍ଗକୁ ଅଚାନକ ଭାବେ କାମୁଡୁଥିବା ବି ଦେଖିବାକୁ ମିଳିଛି । ବ୍ରହ୍ମପୁରରେ ହେବା ଭଳି ସମାନୁରୁପ ଘଟଣା ସହରରେ ବହୁ ବାର ହେବା ସହ ସ୍କୁଲରୁ ପିଲାଙ୍କୁ ନେଇ ଆସୁଥିବା ବହୁ ଅଭିଭାବକ ଏଭଳି କୁକୁର ପଲର ଶୀକାରର ସମ୍ମୁଖୀନ ହୋଇ ବାଇକରୁ ଖସି ପଡ଼ିବା ବି ନଜିର ରହିଛି । ଏପରିକି ଅଚାନକ ଭାବେ ବୁଲା କୁକୁର ଏବଂ କୁକୁର ପଲ ବାଇକ୍ ସମ୍ମୁଖକୁ ପଳାଇ ଆସିବା ପରେ ବ୍ରେକ ଦେଇ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ବି ଦେଖିବାକୁ ମିଳିଛି । ଅପରପକ୍ଷରେ ସହରରେ କେତେ ସଂଖ୍ୟକ ବୁଲା କୁକୁର ରହିଛନ୍ତି ତାହାର ସର୍ଭେ ପୌରପାଳିକା ପକ୍ଷରୁ କିମ୍ବା ପଶୁ ସଂପଦ ବିଭାଗ ପକ୍ଷରୁ ସେଭଳି କରାଯାଇ ନାହିଁ । ତେବେ ପଡୋଶୀ ଛତିଶଗଡ ଅଂଚଳରୁ ସବୁ ବର୍ଷ ପରି ଏବର୍ଷ ମଧ ଶତାଧିକ ବୁଲା କୁକୁରଙ୍କୁ କଣ୍ଟେନର ଟ୍ରକରେ ଆଣି ସହର ଏବଂ ସହର ନିକଟବର୍ତ୍ତୀ ଗାଁ ଗୁଡିକରେ ଛାଡି ପଳାଇଥିବା ବି କିଛି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ତେବେ ଆନିମାଲ୍ ବାର୍ଥ କଣ୍ଟ୍ରୋଲ ଯୋଜନାରେ କୁକୁର ବନ୍ଧ୍ୟାକରଣ କେନ୍ଦ୍ର ଜୟପୁରରେ ଖୋଲିବାର ଥିଲା । ତେବେ ତାହା ଶେଷ ମୂହର୍ତ୍ତରେ ବନ୍ଦ ହୋଇଯାଇଛି । ଗତ ମାସକ ମଧରେ ସହର ଏବଂ ସହର ଆଖ ପାଖ ଗାଁର ୯୦୦ଜଣ କୁକୁର କାମୁଡାର ଶୀକାର ହୋଇ ଜିଲ୍ଲା ମୁଖ୍ୟଚିକିତ୍ସାଳୟରୁ ଟୀକା ନେଇଥିବା କହିଛନ୍ତି ଜୟପୁର ଜିଲ୍ଲା ମୁଖ୍ୟଚିକିତ୍ସାଳୟର ଡିଏମଓ ରବିନ୍ଦ୍ର ନାଥ ମିଶ୍ର । ପ୍ରତ୍ୟେକ ଦିନ ୩୦ରୁ ୪୦ଜଣ ଟୀକା ନେଉଥିବା କହିଛନ୍ତି ଡିଏମଓ । ସହରର ସାହି ଓ ଗଳିକନ୍ଦିରେ ପଲ ପଲ କୁକୁର ବୁଲୁଥିବା ସୂଚନା ସହ ଅଭିଯୋଗ ବି ମିଳିଛି । ବୁଲା କୁକୁରଙ୍କୁ ଧରିବା ପାଇଁ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଅଭାବ ସାଙ୍ଗକୁ ଧରିବା ପାଇଁ ତାଲିମର ବି ଆବଶ୍ୟକତା ରହିଛି ବୋଲି କହିଛନ୍ତି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ । ଏ ନେଇ ଜିଲ୍ଲାପ୍ରଶାସନକୁ ବି ଅବଗତ କରିଛୁ ବୋଲି କହିଛନ୍ତି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ । ଅବ୍ୟବହୃତ କଲ୍ୟାଣ ମଣ୍ଡପରେ ଆନିମାଲ୍ ବାର୍ଥ କଣ୍ଟ୍ରୋଲ ଯୋଜନାରେ କୁକୁର ବନ୍ଧ୍ୟାକରଣ କେନ୍ଦ୍ର ଖୋଲାଯିବା ପାଇଁ ଯୋଜନା ରହିଥିଲା । ତେବେ ତାହା ବସ୍ତି ଅଂଚଳରେ ରହିଥିବାରୁ ଶେଷ ମୂହର୍ତ୍ତରେ ବାତିଲ ହୋଇଯାଇଛି । ଏହି ଯୋଜନାଟି ନିଗମ ଅଂଚଳରେ କାର୍ଯ୍ୟକାରୀ ହେଉଥିଲେ ହେଁ ଗତ କିଛି ମାସ ମଧରେ ପୁରୀ, ବାଲେଶ୍ୱର, ଭଦ୍ରକ, ବଲାଙ୍ଗୀର ଆଦି ପୌରାଂଚଳରେ ବି କାର୍ଯ୍ୟକାରୀ ହୋଇଛି । ଏହା ହେବା ପରେ ଜୟପୁରରେ ବି ଏହା ହେବାର ଆଶା ରହିଛି ବୋଲି କହିଛନ୍ତି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ।

## ପୁରୀରେ ପହଂଚିଲା ୮୨୦୦ ଇଭିଏମ ମେସିନ

ପୁରୀ, ୫/୦୪ (ନି.ପ୍ର): ସ୍ୱରାଷ୍ଟ୍ର ବିଭାଗର ନିର୍ଦ୍ଦେଶ କ୍ରମେ ଆଗାମୀ ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲାରେ ୮୨୦୦ ଇଭିଏମ ମେସିନ ଆସି ପହଂଚିଛି ।ଏଥିରେ ୪୧୦୦ ଗୋଟି ବାଲାଟ ୟୁନିଟ ଓ ୪୧୦୦ ଗୋଟି କଂଟ୍ରୋଲ ୟୁନିଟ ସାମିଲ ଅଛି । ଏଗୁଡିକ ପେଣ୍ଡକଟା ସ୍ଥିତ ଇଭିଏମ ଗୋଦାମ ନିକଟରେ ପହଂଚିବା ପରେ ଜିଲ୍ଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ନିର୍ବାଚନ ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର ଇଭିଏମ ମେସିନ ଗୁଡିକୁ ପ୍ରତ୍ୟକ୍ଷ କରିଥିଲେ ।ଅପର ପକ୍ଷରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ରହି ମେସିନ ଗୁଡିକୁ ମଧ ଦେଖିଥିଲେ । ଇସିଆଇଏଲ, ହାଇଦ୍ରାବାଦ ଦ୍ୱାରା ପ୍ରସ୍ତୁତ ଏହି ମେସିନଗୁଡିକୁ କଡା ସୁରକ୍ଷା ମଧ୍ୟରେ ହାଇଦ୍ରାବାଦରୁ ଅଣାଯାଇଥିଲା । ସେହିପରି କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଏହାକୁ ଗୋଦାମରେ ରଖାଯାଇଛି ବୋଲି ଡେପୁଟି କଲେକ୍ଟର ଶ୍ରୀ ପାତ୍ର ଜଣାଇଛନ୍ତି ।

# ମା' ନେଙ୍କୁରୁଶୁଣୀ ପୀଠରେ ହନୁମାନଙ୍କ ବାର୍ଷିକ ଉତ୍ସବ

କୋରେଇ, ୫/୦୪ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଂଚାୟତର ଓଟିନ୍ଦା ରୋଡରେ ଥିବା ମା ନେଙ୍କୁରୁଶୁଣୀ ପୀଠ ଠାରେ ଆଜି ହନୁମାନଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ପରି ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି । ପୀଠରେ ପ୍ରତିଷ୍ଠା କରାଯାଇଥିବା ହନୁମାନଙ୍କ ପ୍ରତିମୂର୍ତ୍ତି ନିକଟରେ ଯଜ୍ଞ ଆରମ୍ଭ କରାଯାଇଥିଲା ବେଳେ କ୍ରମଶଃ ଏହାର କାର୍ଯ୍ୟକ୍ରମର ଆକାର ବୃଦ୍ଧି ପାଇପାରେ ଲାଗିଛି । ଭକ୍ତ ମାନଙ୍କ ଦ୍ୱାରା ପୀଠ ନିକଟରେ ମହାବୀର ମୂର୍ତ୍ତି ସ୍ଥାପନା କରାଯାଇଥିବା ବେଳେ ଶିବ ମନ୍ଦିର କାର୍ଯ୍ୟ ଆଗେଇ ଚାଲିଛି । ଆଜି ସକାଳୁ ବିଧି ଅନୁଯାୟୀ ଯଜ୍ଞ କାର୍ଯ୍ୟ ଆରମ୍ଭ ହେବା ସହ ସମୂହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଯଜ୍ଞ ସହିତ ନାମଯଜ୍ଞ ମଧ୍ୟ କରାଯାଇଥିଲା । ପୂଜକ ଭାବେ ପରମାନନ୍ଦ ଶତପଥି, ରାଧାକାନ୍ତ ଶତପଥି ଓ ପ୍ରଶନ୍ନ ପଣ୍ଡା ଯଜ୍ଞ କାର୍ଯ୍ୟ ଆରମ୍ଭ କରିଥିଲେ । ମନୋଜ କୁମାର ବେହେରା ସସ୍ତ୍ରୀକ ଯଜ୍ଞର କର୍ତ୍ତା ଭାବେ ଯୋଗଦେଇଥିବା ବେଳେ ପ୍ରଭୁଙ୍କ କୃପାରୁ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା । ମାଙ୍କ ପ୍ରତ୍ୟକ ଦିନର ସେବକ ନେଙ୍କୁରୀ ମାଝୀ କାର୍ଯ୍ୟକ୍ରମରେ ସମସ୍ତ ସହଯୋଗ କରିଥିଲେ । କମିଟି ପକ୍ଷରୁ ଉତ୍ସବ ମହାରାଣା, ସତ୍ୟାନନ୍ଦ ମହାରଣା, ଦୀପକ ବେହେରା, କୁଳମଣି ଦାସ, ନରୋତମ ସାମଲ, ସୁକାନ୍ତ ପ୍ରଧାନ, ସୋମନାଥ ନାୟକ, ବିଶ୍ୱଜିତ ମହାନ୍ତି, ଶୋଭିନ ପରିଡା, ମନୋଜ ବେହେରା, ସନ୍ତୋଷ ପାତ୍ର, ସରୋଜ ଶତପଥି, ଭାସ୍କର ସାହୁ, ନରୋତମ ସାମଲ, ବ୍ରହ୍ମାନନ୍ଦ ସାହୁ, ମାୟାଧର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସହଯୋଗ କରିଥିଲେ ।

# ସଂସ୍କୃତରେ ବିଜ୍ଞାନ ଶୀର୍ଷକ ଆଭାସୀ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୫/୦୪ (ନି.ପ୍ର): ତୁଳସୀ ମହିଳା ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ "ସଂସ୍କୃତରେ ବିଜ୍ଞାନ"ଶୀର୍ଷକ ଜାତୀୟ ଆଭାସୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଡ଼ଃ ପ୍ରମିଳାରାଣୀ ବେହେରା ଏଥିରେ ଅଧକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବିଭାଗୀୟ ମୁଖ୍ୟ ଡ଼ଃ ପଦ୍ମଜା କବି ଶତପଥୀ ବିଷୟର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ । ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡ଼ଃ ଅମୀୟ କୁମାର ମହାନ୍ତି ସଂସ୍କୃତ ବିଜ୍ଞାନ ଉପରେ ଆଲୋକପାତ କରିଥିଲେ । ସୀତାରାମ ବୈଦିକ ସଂସ୍କୃତ ମହାବିଦ୍ୟାଳୟର ପ୍ରାଧାପକ ଡ଼ଃ ଶଶି ଭୂଷଣ ବେହେରା ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇ ଆଷ୍ଟ୍ରୋ ମେଡିସିନ ସଂସ୍କୃତର ଦାନ ଓ ଆର୍ୟୁବେଦ, କମ୍ପ୍ୟୁଟରରେ ସଂସ୍କୃତ ଭାଷାର ପ୍ରୟୋଗ ଆଦି ବିଷୟରେ ମୁଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ । ଏସ୍‌ଭିଏମ୍ ଅଟୋନମସ୍ କଲେଜର ପ୍ରାକ୍ତନ ପ୍ରାଧାପକ ଡ଼ଃ ନିର୍ମଳ ସୁନ୍ଦର ମିଶ୍ର, ଡ଼ଃ ମଥୁରୀ ଚରଣ ନାୟକ, କଲେଜର ସମସ୍ତ ଅଧାପକ, ଅଧାପିକା, ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ । ସଂସ୍କୃତ ବିଭାଗର ଅଧାପକ ଡ଼ଃ ପ୍ରମୋଦ କୁମାର ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଅଧାପିକା ସୌମ୍ୟକାନ୍ତି ମିତାଶ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦୁଝର ସଡକ ଓ ପରିବହନ ଏନ୍‌ଫୋର୍ସମେଂଟର ଚଢାଉ ଜାରି : ଦୁଇ ଦିନରେ କଟିଲା ୬୬୮ ଚାଲାଣ

କେନ୍ଦୁଝର , ୫/୦୪ (ନି.ପ୍ର): କେନ୍ଦୁଝର ସଡକ ଓ ପରିବହନ ବିଭାଗ ର ଏନଫୋର୍ସମେଂଟ ପକ୍ଷରୁ ଆରଟିଓ ଙ୍କ ନେତୃତ୍ୱ ଓ ପରାମର୍ଶରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚକିଂ ଜୋରଦାର ହୋଇଥିବା ବେଳେ ଇତି ମଧରେ ଗତ ଦୁଇ ଦିନରେ ଆମାନିଆ ଗାଡି ଚାଳକ / ଚାଳିକା ମାନଙ୍କ ନାମରେ ୬୬୮ ଚାଲାଣ କଟିଛି । ରାଜ୍ୟରେ ଦୁର୍ଘଟଣା ଶୂନ୍ୟ ଓ ଦୁର୍ଘଟଣାରେ ମୃତାହତ ଶୂନ୍ୟ ସପ୍ତାହ ପାଳନ ହେଉଥିବା ବେଳେ କେନ୍ଦୁଝର ପରିବହନ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚେକିଂ ତଥା ଧରପଗଡ ଜାରି ରହିଛି । ଇତି ମଧ୍ୟରେ ଗତ ୨ ଓ ୩ ତାରିଖ ଦୁଇଦିନ ପରିବହନ ବିଭାଗ ଏନଫୋର୍ସସମେଂଟ ଉଇଙ୍ଗର ଚେକିଂ ଚାଲୁରହିଛି । ଇତି ମଧରେ ଏହି ଦୁଇ ଦିନରେ ଓଭର ସ୍ପିଡରେ ଗାଡି ଚାଳନା କାରଣରୁ ୪୮ ଗାଡିକୁ ଧରାଯାଇଥିବା ବେଳେ ଅନୁରୁପ ଭାବେ ବିନା ହେଲମେଟ୍ ରେ ଗାଡି ଚଳାଇବା ଅପରାଧରେ ସର୍ବମୋଟ ୩୨୪ ଜଣ ଧରାପଡିଛନ୍ତି , ସିଟ୍‌ବେଲଟ୍ ନବାନ୍ଧିବା କାରଣରୁ ୪୬ ଜଣ , ଗାଡି ଚଳାଇବା ବେଳେ ମୋବାଇଲ ଫୋନ ବ୍ୟବହାର ଘଟଣାରେ ୫ ଜଣ , ମଦ୍ୟପାନ କରି ଗାଡି ଚାଳନା ପାଇଁ ୫୩ ଜଣ , ବେଆଇନ ଭାବେ ମାଲ ବୋଝାଇ ଗାଡିରେ ଯାତ୍ରୀ ପରିବହନ ଅପାରାଧରେ ୧୪ ଜଣ ଗାଡି ଚାଳକ , ଓଭର ଲୋଡ ଘଟଣା ରେ ୨୪ ଜଣ , ବାଇକରେ ୩ ଜଣ ବସି ଯିବା ଘଟଣାରେ ୧୬ ଜମହକ ନାମରେ ଚାଲାଣ କଟାଯାଇଛି । ଅନୁରୁପ ଭାବେ ଅପ୍ରାପ୍ତ ବୟସ୍କ ବାଳକ ବାଳିକା ମାନେ ଗାଡି ଚାଳନା ପାଇଁ ୪ ଜଣ ଧରା ପଡିଥିବା ବେଳେ ଡ୍ରାଇଭିଙ୍ଗ ଲାଇସେନ୍ସ ନଥାଇ ଗାଡି ଚାଳନା ପାଇଁ ୬୩ ଜଣ , ଏବଂ ଅନ୍ୟାନ୍ୟ କାରଣରୁ ୩୭ ଜଣ ଆଦି ଧରାପଡିବା ସହ ସମସ୍ତଙ୍କ ଚାଲାଣ ମଧ କଟାଯାଇଥିବା ପରିବହନ ବିଭାଗ ତଥା ଆର.ଟି. ଓ ବିଭାଗ ସୂତ୍ରରୁ ସୂଚନା ମିଳିଥିବା ବେଳେ ଏ ବାବଦରେ କେତେ ଅର୍ଥ ଆଦାୟ ହୋଇଛି ସେ ସଂପର୍କରେ କୌଣସି ସୂଚନା ଦିଆଯାଇନାହିଁ ।

## ନାଗ ସାପ ଉଦ୍ଧାର

କୋରେଇ, ୫/୦୪ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ବାଲିପଶି ମୌଜା ତଥା ୧୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ଏକ ହ୍ୟୁମପାଇପ ଫ୍ୟାକେଟ୍ରିରୁ ଏକ ନାଗସାପ ଉଦ୍ଧାର କରାଯାଇଛି । ରାଜୁ ବାରିକଙ୍କ ଫ୍ୟାକେଟ୍ରିରେ ୫ ଫୁଟରୁ ଉର୍ଦ୍ଧ ନାଗସାପର ଗର୍ଜ୍ଜନରେ ସମସ୍ତେ ଭୟଭୀତ ହୋଇଥିଲେ । ସାପକୁ ଦେଖିବା ପରେ ଏନେଇ ପାଣିକୋଇଲି ଥାନାକୁ ଖବର ଦିଆଯାଇଥିଲା । ପାଣିକୋଇଲି ଥାନା କନେଷ୍ଟବଳ ମନମୋହନ ବାରିକ ଘଟଣାସ୍ଥଳେ ପହଂଚି ସେହି ସାପଟିକୁ ଧରିଆଣି ଏକ ନିକାଂଚନ ସ୍ଥାନରେ ଛାଡିଥିଲେ । ସାପଟିକୁ ଉଦ୍ଧାର ବେଳେ ଦେଖିବା ପାଇଁ ଲୋକମାନଙ୍କର ଭିଡ ଜମିଥିଲା ।

## ସଂଜୀବନୀ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୫/୦୪ (ନି.ପ୍ର): କେନ୍ଦ୍ରାପଡା ସହର ଉପକଣ୍ଠ ମାରୁତିଛକ ସ୍ଥିତ ସଂଜୀବନୀ ବିଦ୍ୟା ମନ୍ଦିରର ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଶ୍ରୀରାମନବମୀ ଅବସରରେ ପ୍ରତିଷ୍ଠା ଦିବସରେ ବିଦ୍ୟାଳୟ ପରିସରରେ ମା' ଶାରଳାଙ୍କ ମେଳା ଅନୁଷ୍ଠିତ ହୋଇଥିଲା । ଏହିଦିନ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଆଚାର୍ଯ୍ୟ,ଆଚାର୍ଯ୍ୟାଙ୍କ ଗହଣରେ ବିଦ୍ୟାଳୟର ଅଧକ୍ଷ ଚିତରଞ୍ଜନ ଆଚାର୍ଯ୍ୟଘଟ ଆବାହନ କରିଥିଲେ । ଘଂଟଘଂଟା ଓ କୀର୍ତନରେ ଘଟକୁ ବିଦ୍ୟାଳୟକୁ ଅଣାଯିବା ପରେ ମେଳା ଆରମ୍ଭ ହୋଇଥିଲା । ସନ୍ଧ୍ୟାରେ ପୂର୍ଣ୍ଣାହୂତୀ ପରେ ଘଟ ବିସର୍ଜନ କରାଯାଇଥିଲା । ପରଦିନ ବିଦ୍ୟାମନ୍ଦିରର ସମ୍ପାଦକ ନିର୍ମଳ ଚନ୍ଦ୍ର ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ୱାମୀ ଓମକାରନନ୍ଦ ସରସ୍ୱତୀ, କ୍ରିୟାଯୋଗ ଚିନ୍ମୟ ମିଶନ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ କଥାକାର ପ୍ରତାପ ନାୟକ, ସମ୍ମାନୀତ ଅତିଥି ଭାବେ ଅଚ୍ୟୁତ ଆଶ୍ରିତ ବାବା ମହେଶ୍ୱର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟର ଆଚାର୍ଯ୍ୟା ସ୍ନେହଲତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧକ୍ଷ ଚିତରଞ୍ଜନ ବାର୍ଷିକ ବିବରଣୀ ପାଠ ଓ ଆଚାର୍ଯ୍ୟା ସୁଭାସିନୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ବିଦ୍ୟାଧର ମହାପାତ୍ରଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ସମସ୍ତ ଆଚାର୍ଯ୍ୟ,ଆଚାର୍ଯ୍ୟାମାନେ ସହଯୋଗ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ଗଂଜାମରେ ଦଣ୍ଡଯାତ୍ରା

ଗଂଜାମ, ୫/୦୪ (ନି.ପ୍ର): ବାର ମାସରେ ତେର ପର୍ବ ପାଳନ ହୁଏ ଗଞ୍ଜାମରେ ଯାହାକି ଦଣ୍ଡ ଯାତ୍ରା ହେଉଛି ଅନ୍ୟତମ । ଗଞ୍ଜାମର ଅନେକ ଗ୍ରାମରେ ଆଜି ଆରମ୍ଭ ହୋଇଯାଇଛି ଏହି ଦଣ୍ଡ ନାଚ । ସାଧାରଣତଃ ଚୈତ୍ର ପ୍ରତିପଦା ଠାରୁ ମାସନ୍ତ ପର୍ଯ୍ୟନ୍ତ ହୁଏ ଦଣ୍ଡ ନାଚ । ଯାହା ସଂକ୍ରାନ୍ତି ତିଥିରେ ମେରୁ ଯାତ୍ରା ଭାବେ ଶେଷ ହୁଏ । ମାନସିକଧାରୀମାନେ ନିଜ ଅଂଚଳର ଦଣ୍ଡ ନାଚ ଦଳ ସହ ସାମିଲ ହେବା ପାଇଁ ନିବେଦନ କରିଥାନ୍ତି । ଯାତ୍ରା ପୂର୍ବଦିନ ଦଣ୍ଡୁଆମାନେ ଦେବୀ ମନ୍ଦିରରେ ଅଧିଆ ପଡ଼ିବା ସହ ନିର୍ଜଳ ଉପବାସ ରୁହନ୍ତି । ପର ଦିନ ମାଆଙ୍କ ମୁଖ୍ୟ ଆୟୁଧ ଦଣ୍ଡ ମିଳିବା ପରେ ପାଟ ଦଣ୍ଡୁଆଙ୍କ ସହ ଗ୍ରାମ ପରିକ୍ରମା କରି ପୋଖରୀରେ ସ୍ନାନାଦି ପରେ କାନ୍ଦୁଲ କାଠିକୁ ଘଷି ସେଥିରୁ ଅଗ୍ନି ଉତ୍ପନ୍ନ କରନ୍ତି । ଅଗ୍ନିସ୍ଥାପନ ସହ ଆରମ୍ଭ ହୁଏ ଦଣ୍ଡ ଯାତ୍ରା । ମାଆଙ୍କ ପୂଜା, ହୋମ, ଭୋଗ ଅର୍ପଣ କରାଯାଏ । ଦଳ ସହ ସର୍ବଦା ଥାଏ ଶକ୍ତିଙ୍କ ପ୍ରତୀକ ପ୍ରଭା ଓ ମହାଦେବଙ୍କ ମୂର୍ତି । ପାଳ ଗୁଡ଼ାଇ ଗୁଡ଼ାଇ ତିଆରି କରାଯାଇଥାଏ ଚମ୍ପାବଡ , ଯେଉଁଥିରେ ଦଣ୍ଡ ନାଚ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଅଗ୍ନି ସର୍ବଦା ପ୍ରଜ୍ୱଳିତ ରହିଥାଏ । ପୂଜା, ଦୀପ ପ୍ରଜ୍ୱଳନ, ରୋଷେଇ ଆଦି ପାଇଁ ଏଥିରୁ ହିଁ ଅଗ୍ନି ସଂଯୋଗ କରାଯାଏ । ଖୋଲା ପଡ଼ିଆ, ଗ୍ରାମ/ବସତି ବାହାରେ, ନିକାଂଚନ ଜାଗାରେ ରହିଥାନ୍ତି ଦଣ୍ଡୁଆ । ଭୋଜନ, ଶୟନ, ବିଚରଣ ସବୁକିଛି ଧରାବନ୍ଧା ନିୟମ ଭିତରେ କରିବାକୁ ହୁଏ । ଭୋଜନ ପାଇଁ କଟା ବଟା ମନା, ଥରେ ହିଁ ପ୍ରସାଦ ରୋଷେଇ ଓ ସେବନ ହୁଏ । ସେହି ସମୟରେ କୌଣସି ଶବ୍ଦ ନ ହେବା ବିଧେୟ । ନାରୀ ସଙ୍ଗ, ମୈଥୁନ, ଆମିଷ ଆଦି ସମ୍ପୂର୍ଣ୍ଣ ବାରଣ । ଦଣ୍ଡୁଆମାନଙ୍କ ପାଇଁ ନାରୀ ହେଉଛନ୍ତି ମାତୃ ବା ଦୈବୀଶକ୍ତିର ପ୍ରତୀକ । ନିଷ୍ଠାପର ଜୀବନ ଜୀଉଁଥିବାରୁ ଯାତ୍ରା ବେଳେ କୌଣସି ଛୁଆଁଅଛୁଆଁ, ମୃତ୍ୟୁ ବା ଜନ୍ମଜନିତ କଟକଣା ଏମାନଙ୍କ ଉପରେ ଲାଗୁ ହୁଏନି । ଦଣ୍ଡୁଆମାନଙ୍କ ହାତରେ ଥିବା ଦଣ୍ଡ ଓ ମୟୁର ପୁଚ୍ଛରେ ପିଲାମାନେ ଝାଡ଼ି ହେଲେ ରୋଗ ଓ ପାପରୁ ମୁକ୍ତି ମିଳେ ବୋଲି ବିଶ୍ୱାସ ରହିଛି ।

ଦଣ୍ଡ ନାଚରେ ପ୍ରତ୍ୟହ ପାଳିତ ହୁଏ ୧୬ଟି ବିଧି ବା ଦଣ୍ଡ । ଯାତ୍ରା ଆୟୋଜକଙ୍କ ଘର ଆଗରେ ପତାକା ସ୍ଥାପନରୁ ଆରମ୍ଭ ହୁଏ ପ୍ରକ୍ରିୟା । ମଧାହ୍ନରେ ଧୂଳି ଦଣ୍ଡ ବେଳେ ପ୍ରଚଣ୍ଡ ଖରାରେ ମାଟି ବା ଧୂଳିରେ ଗଡ଼ି ଶରୀରକୁ କଷ୍ଟ ଦେଇ ନାଚ ହୁଏ । ତା ପରେ ପୋଖରୀରେ ପାଣି ଦଣ୍ଡ ଓ ନିଜ ରହଣୀସ୍ଥଳରେ ଅଗ୍ନି ଦଣ୍ଡ କରିବା ପରେ ମଧରାତ୍ରରେ ପୁଣି କର୍ତାଙ୍କ ଘରକୁ ଆସନ୍ତି ଦଣ୍ଡୁଆ । ସେଠାରେ ପୂଜାର୍ଚ୍ଚନା ସହ ହୁଏ ନୃତ୍ୟ ପ୍ରଦର୍ଶନ । ସମ୍ପୂର୍ଣ୍ଣ ଶୟନ ନିଷେଧ ଥିବାରୁ ଅର୍ଦ୍ଧଚେତନ ଅବସ୍ଥାରେ ଥିବା ଦଣ୍ଡୁଆଙ୍କୁ ନୃତ୍ୟ ଜରିଆରେ ଭଗବାନଙ୍କ ବିଭିନ୍ନ ଆଖ୍ୟାନ ଶୁଣାଯାଏ । ଦଣ୍ଡ ଯାତ୍ରାରେ ଦେଖିବାକୁ ମିଳେ ପାରମ୍ପରିକ ଚଢ଼େୟା- ଚଢ଼େୟାଣୀ, ନଟ-ନଟୀ, ଶବର- ଶବରୁଣୀ, ଧୋବା- ଧୋବଣୀ, କେଳା- କେଳୁଣୀଙ୍କ ନାଟ । ପାହାନ୍ତା ପ୍ରହରରେ ବୀଣାକାର ବିଭିନ୍ନ ଦଣ୍ଡ ସୁଆଙ୍ଗ (ଗୀତ) ଶୁଣାଇଥାନ୍ତି । ଏହା ପରେ କର୍ତାଙ୍କ ଭବନ ଆଗରୁ ବିଦାୟ ନେଇଥାନ୍ତି ଦଣ୍ଡ ଦଳ । ସଂକ୍ରାନ୍ତି ତିଥିରେ ଦଣ୍ଡ ଦଳ ନିଜ ଗ୍ରାମକୁ ଫେରନ୍ତି । ସମାରୋପ କୁହାଯାଉଥିବା ମେରୁ ପର୍ବରେ ବିଭିନ୍ନ ନୀତି ସମ୍ପନ୍ନ ପରେ ଓଲଟା କରି ନିଆଁର ଧାସ ଉପରେ କିଛି ସମୟ ଝୁଲନ୍ତି ପାଟ ଦଣ୍ଡୁଆ । ଏହା ଏତେ କଷ୍ଟଦାୟକ ଯେ ଶରୀରରୁ ରକ୍ତ ସୁଦ୍ଧା ନିର୍ଗତ ହୋଇପଡ଼େ ଓ ଅନେକ ସମୟରେ ସେ ଅଚେତ ହୋଇଯାଆନ୍ତି ।

# ଡ଼ଃ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା, ୫/୦୪ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସଦର ମହାକୁମାରେ ସମ୍ବିଧାନ ପ୍ରଣେତା ଭାରତ ରତ୍ନ ଡ଼ଃ ବି.ଆର ଆମ୍ବେଦକର ଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସମତା ସୈନିକ ଦଳ କେନ୍ଦ୍ରାପଡା ଶାଖା ପକ୍ଷରୁ ଜିଲ୍ଲପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ୨୦୧୭ ମସିହାରୁ ଏ ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ଅତିରିକ୍ତ କାର୍ଯ୍ୟାଳୟ ରୁ ଅନୁମୋଦନ ପତ୍ର ଆସିଥିଲେ ମଧ ଜିଲ୍ଲା ପ୍ରଶାସନ ଓ ପୌରସଂସ୍ଥା ପକ୍ଷରୁ କେନ୍ଦ୍ରାପଡା ହାଇସ୍କୁଲ ଛକରେ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜାଗା ଚିହ୍ନଟ କରାଯାଇ ଫଳକ ଲଗା ଯାଇଛି । ମାତ୍ର ଦୀର୍ଘ ୫ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ନଥିବାରୁ କେନ୍ଦ୍ରାପଡା ଜିଲ୍ଲା ସମତା ସୈନିକ ଦଳ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଚଳିତ ମାସ ୧୪ ତାରିଖ ମଧ୍ୟରେ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଚରମ ଚେତାବନୀ ଦେଇଛି । ଡ଼ଃ ଆମ୍ବେଦକର ଷ୍ଟାଚ୍ୟୁ କମିଟି ପକ୍ଷରୁ ସଭାପତି ନାରାୟଣ ଚନ୍ଦ୍ର ଦାସ ଓ ସଂପାଦକ ସୁଧୀର କୁମାର ମଲିକ ଙ୍କ ସମେତ ଉତମ ମଲିକ, ସମୀର କୁମାର ମଲିକ, ମାନ ସିଂହ, ହରି ରାଉତ, ଗୁଣ୍ଡିଆ କଟାଳ, ଭାସ୍କର ନାୟକ ପ୍ରମୁଖ ଶତାଧିକ କର୍ମୀ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

# ପୁରୀ ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ଉଦ୍‌ଯାପିତ

ପୁରୀ , ୫/୦୪ (ନି.ପ୍ର): ଆମ ପାରମ୍ପରିକ ଖାଦ୍ୟ ରେ ଭରିରହିଛି ଅଜସ୍ର ପୁଷ୍ଟି ଓ ଶରୀର ପାଇଁ ଉପଯୋଗୀ ପୋଷଣ ତତ୍ତ୍ୱ ।ମାଣ୍ଡିଆ ଜାତୀୟ ଖାଦ୍ୟ ଏହି ଭଳି ଯଥେଷ୍ଟ ପୁଷ୍ଟି ସାଧନ କରୁଥିବା ଖାଦ୍ୟ ।ସେଥିପାଇଁ ସରକାର ଚଳିତ ବର୍ଷ ମିଲେଟ ମିଶନ ଭାବେ ଗ୍ରହଣ କରି ଏହାକୁ ଲୋକାଭିମୁଖୀ କରିବାକୁ ପଦକ୍ଷେପ ନେଇଛନ୍ତି ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ । ଆଜି ପୂର୍ବାହ୍ନରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ସଦଭାବନା ସଭାଗୃହ ଠାରେ ପୋଷଣ ପକ୍ଷ ଉଦଯାପିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ସାହୁ ପ୍ରତିଟି ସଜୀବ ପାଇଁ ଖାଦ୍ୟ ଆବଶ୍ୟକ ।ତେଣୁ ସନ୍ତୁଳିତ ଓ ସମନ୍ୱିତ ଖାଦ୍ୟ ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ । ଶିକ୍ଷା ପ୍ରଗତି ଓ ସମୃଦ୍ଧି ର ମୂଳଦୁଆ । ତେଣୁ ଅଙ୍ଗନବାଡି କେନ୍ଦ୍ର ରୁ କୋମଳମତି ପିଲାଙ୍କୁ ଉପଯୁକ୍ତ ପୋଷଣ, ଶିକ୍ଷା ଓ ସଂସ୍କାର ପ୍ରଦାନ ରେ ବ୍ରତୀ ହେବାକୁ ସେ ପରାମର୍ଶ ଦେଇଥିଲେ । ଅନ୍ୟ ମାନଙ୍କ ମଧରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସହକାରୀ ଉଦ୍ୟାନ ଅଧିକାରୀ ମଞ୍ଜୁଳା ତ୍ରିପାଠୀ, ମିଲେଟ ବିଶେଷଜ୍ଞ ଭାବେ ପରିଚିତ ସନ୍ଦୀପ ସେନ ପ୍ରମୁଖ ଯୋଗ ଦେଇ ସମସ୍ତ ଙ୍କ ପାଇଁ ପୋଷଣର ଆବଶ୍ୟକତା ଉପାଦେୟତା ଓ ମାଣ୍ଡିଆ ଜାତୀୟ ଖାଦ୍ୟ ର ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ ।ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ ଏଥିରେ ଅଧକ୍ଷତା କରିବା ସହ ମା ଓ ଶିଶୁର ସ୍ୱାସ୍ଥ୍ୟ ରକ୍ଷା ପାଇଁ ବିଭାଗ ଯତ୍ନଶୀଳ ରହିଛି ବୋଲି କହିଥିଲେ।ଏହି ଅବସରରେ ଶ୍ରେଷ୍ଠ ସିଡିପିଓ ଭାବେ ପିପିଲି ସିଡିପିଓ ସ୍ନେହଲତା ନାୟକ,ଶ୍ରେଷ୍ଠ ଅଙ୍ଗନବାଡି କେନ୍ଦ୍ର ଭାବେ ପିପିଲି ମଠସାହି ଅଙ୍ଗନବାଡି କେନ୍ଦ୍ର, ଶ୍ରେଷ୍ଠ ସୁପରଭାଇଜର ଭାବେ ସତ୍ୟବାଦୀ ର ପିୟୁଷମୟୀ ପଣ୍ଡା, ଶ୍ରେଷ୍ଠ ଅଙ୍ଗନବାଡି କର୍ମୀ ଭାବେ ବ୍ରହ୍ମଗିରି ଗୋରୁଆଳ -୨ର ରୋଜାଲିନ ମିଶ୍ର, ଶ୍ରେଷ୍ଠ ହେଲପର ଭାବେ ପୁରୀ ପୌରାଞ୍ଚଳ ଶ୍ରୀକ୍ଷେତ୍ର କଲୋନୀର ବିଣାପାଣୀ ମହାପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।ସେହିପରି ବିଦ୍ୟାଳୟ ସ୍ତରୀୟ କୁଇଜ ପ୍ରତିଯୋଗିତାରେ ପ୍ରଥମ ଡେଲାଙ୍ଗ ର ଶୁଭଲକ୍ଷ୍ମୀ ମହାପାତ୍ର, ଦ୍ୱିତୀୟ ପୁରୀ ସଦର ର ଅଙ୍କିତା ଭୋଳ,ତୃତୀୟ ଅସ୍ତରଙ୍ଗ ର ସ୍ମୃତିଶ୍ରୀ ଗୋଛୟତ, ଚିତ୍ରାଙ୍କନ ପ୍ରତିଯୋଗିତାର ପ୍ରଥମ ବ୍ରହ୍ମଗିରି ର ରୋଶନ ମହାପାତ୍ର, ଦ୍ୱିତୀୟ ପୁରୀ ସଦରର ଆଲିଶା ପ୍ରିୟଦର୍ଶିନୀ ଜେନା, ତୃତୀୟ ଅସ୍ତରଙ୍ଗ ର ଜିଜ୍ଞାସା ସ୍ୱାଇଁ, ପ୍ରବନ୍ଧ ପ୍ରତିଯୋଗିତାର ପ୍ରଥମ ଅସ୍ତରଙ୍ଗ ର ଶୁଭଶ୍ରୀ ଗୋଛୟତ, ଦ୍ୱିତୀୟ ପୁରୀ ପୌରାଞ୍ଚଳ ର ଶ୍ରୀୟା ପ୍ରଧାନ ଓ ତୃତୀୟ କଣାସ ର ଲୋପାମୁଦ୍ରା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା । ସତ୍ୟବାଦୀ ବ୍ଲକ ଅଙ୍ଗନବାଡି ର କୁନି ଝିଅ ଅଭିଲିପ୍ସା ଦାସ, ତୃପ୍ତିମୟୀମହାପାତ୍ର ଓ ସତ୍ୟବାଦୀ ବିଦ୍ୟାଳୟ ର ଛାତ୍ରୀ ମାନେ ସୁନ୍ଦର ନୃତ୍ୟ ପରିବେଷଣ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା ।ପ୍ରୋଗ୍ରାମ ଅଫିସର ଶର୍ମିଷ୍ଠା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ ପୋଷଣଯୁକ୍ତ ଓ ମାଣ୍ଡିଆ ରେ ପ୍ରସ୍ତୁତ ଖାଦ୍ୟର ପ୍ରଦର୍ଶନ କରାଯାଇଥିଲା ।

# ପଲସର ମୋଟର ସାଇକେଲ ଦୁର୍ଘଟଣା: ୨ ଗୁରୁତର

କନ୍ଧମାଳ, ୫/୦୪ (ନି.ପ୍ର): ଖଜୁରୀପଡା ଥାନା ଅଂଚଳରେ ଆଜି ସନ୍ଧ୍ୟା ସମୟରେ ଗୋଟିଏ ପଲସର ମୋଟର ସାଇକେଲ ଦୁର୍ଘଟଣା ହୋଇ ଦୁଇ ଯୁବକ ଗୁରୁତର ହୋଇଥିବା ବେଳେ ଖଜୁରୀପଡା ପୋଲିସ ତୁରନ୍ତ ଘଟଣା ସ୍ଥଳରେ ପହଂଚି ଆହତମାନଙ୍କୁ ଖଜୁରୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚାଇବା ସହ ପ୍ରାଥମିକ ଚିକିତ୍ସା ପରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି । ଆଜି ସନ୍ଧ୍ୟା ସମୟରେ ଖଜୁରୀପଡା ଠାରୁ ଲାଇନପଡା ପଲକାଗୁଡ୍ରୀ ଗ୍ରାମକୁ ଅନନ୍ତ ମଲିକ ଏବଂ କିଶୋର ସେଠୀ ଉଭୟେ ଯାଉଥିବାବେଳେ ବାଉଁଶୁଣୀ ନାଳର କିଛି ପୂର୍ବରୁ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇ ପଡି ରହିଥିଲେ । କୌଣସି ଅଜଣାଗାଡି ଧକ୍କା ଦେଇ ଫେରାର ହୋଇଥିବା କିଛି ଆଲୋଚନା ମଧ ହେଉଥିବା ବେଳେ ଅଚେତ ଅବସ୍ଥାରେ ପଡି ରହିଥିବା ଆହତମାନଙ୍କୁ ଖଜୁରୀପଡା ଥାନା ସବଇନସ୍ପେକ୍ଟର ଶ୍ରୀ ଉଦ୍ଧବ କୁମାର ଯାନୀଙ୍କ ସହ ପୋଲିସ ସଦଳବଳ ପହଂଚି ଆହତମାନଙ୍କୁ ଉଦ୍ଧାର କରିଥିଲେ ।

# ଗୁହାଳରୁ ବାଛୁରୀକୁ ଟାଣି ନେଲା ବାଘୁଣୀ

ନୂଆପଡ଼ା, ୫/୦୪ (ନି.ପ୍ର): ନୂଆପଡ଼ା ରେଞ୍ଜ ଅଧିନ ଆମାନାରା ପଞ୍ଚାୟତରେ କିଛି ଦିନର ନୀରବତା ପରେ ପୁଣି ରକ୍ତମୁଖା ହୋଇଛି ବାଘୁଣୀ । ମଙ୍ଗଳବାର ସକାଳୁ ପାଓ୍ୱାରତୋଲା ଗାଁର ଜଣଙ୍କ ଗୁହାଳରୁ ବାଛୁରୀକୁ ଟାଣି ନେଇ ଖାଇଯାଇଛି ବାଘୁଣୀ । ସୂଚନାନୁଯାୟୀ, ଗତ ମାସେ ହେବ ଆମାନାରା ପଞ୍ଚାୟତ ମୁଷରଙ୍ଗୀ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ଶାବକ ସହ ବାଘୁଣୀ ଖାଦ୍ୟ ଅନ୍ୱେଷଣରେ ଆସି ଆଡ୍ଡା ଜମାଇ ବସିଛି । ସେହିଦିନ ଠାରୁ ଆମାନାରା ପଞ୍ଚାୟତ ତରିଆ ମହୁଆଭଟା ସମେତ ପାଓ୍ୱାରତୋଲା, ମୋହରାଡ଼ିହି ଗାଁରେ ଆତଙ୍କ ଚଳାଇଛି । ଗତ କିଛି ଦିନର ନୀରବତା ପରେ ପୁଣି ବାଘୁଣୀ ରକ୍ତମୁଖା ହୋଇଛି । ସୋମବାର ରାତିରେ ପାଓ୍ୱାରତୋଲା ଗାଁର ଚିଟିରାମ ସତନାମୀ ନିଜ ଗୁହାଳରେ ଗାଈ ଓ ବାଛୁରୀକୁ ବାନ୍ଧି ରଖିଥିଲେ । ବିଳମ୍ବିତ ରାତିରେ ବାଘୁଣୀ ମୁଷରଙ୍ଗୀ ଜଙ୍ଗଲରୁ ଶିକାର ପାଇଁ ବାହାରିଥିଲା । ପାଓ୍ୱାରତୋଲା ଗାଁର ଚିଟିରାମଙ୍କ ଗୁହାଳରେ ପଶି ବାଛୁରୀକୁ ଶିକାର କରିଛି । ବାଛୁରୀକୁ ଗୁହାଳରୁ ବାଡିକୁ ଟାଣି ନେଇ ବାଘୁଣୀ ଖାଇ ଯାଇଛି ।

## ଋଷି ପ୍ରତିମ କବି ଗଙ୍ଗାଧର...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଗଙ୍ଗାଧର ମଧ୍ୟ ସବୁକିଛି ସହି ନଯାଇ ଜମିଦାରଙ୍କୁ ସତମାର୍ଗକୁ ଆଣିବାକୁ ପ୍ରୟାସ କରିଥିଲେ । ସାହସର ସହ ଜମିଦାରଙ୍କ ବିଭିନ୍ନ ଦୋଷ ଦୁର୍ବଳତାକୁ ଇଙ୍ଗିତ କରି ତାଙ୍କୁ ପରାମର୍ଶ ଦେବାରୁ କ୍ରୋଧାନ୍ୱିତ ଜମିଦାର କବିଙ୍କୁ ଗୁଳି କରି ଜୀବନରୁ ମାରି ଦେବାର ଧମକ ଦେଇଥିଲେ । ଏହାର ଜବାବରେ ସଙ୍କୋଚ ଅଥଚ ନିର୍ଭିକ କବି ସେଦିନ ଜମିଦାରଙ୍କୁ ଅତ୍ୟନ୍ତ ଶାନ୍ତ ଭାବରେ କହିଥିଲେ ଯେ, ଆପଣ ମୋତେ ଗୁଳି କରି ମାରି ଦେଲେ ଆପଣଙ୍କ ଚରିତ୍ର ଯଦି ସଂଶୋଧିତ ହୋଇଯିବ, ତେବେ ସେଥିରେ ମୋର ତିଳେ ମାତ୍ର ଆପତ୍ତି ନାହିଁ । ଅନ୍ୟର ପ୍ରବୋଚନାରେ ପଡ଼ି ଗଙ୍ଗାଧରଙ୍କୁ ଶତ୍ରୁ ମନେ କରୁଥିବା ଜମିଦାର କବିଙ୍କୁ ଗାଳି ଦେବାକୁ ଜଣେ ମେହେନ୍ତରାଣୀଙ୍କୁ ନିୟୋଜିତ କରିଥିଲେ । କବି ବିଭିନ୍ନ କାମରେ ଘରୁ ବାହାରି ଯିବାଆସିବା କରିବା ବାଟରେ ନାନା ଅଶ୍ଲିଳ ଭାଷାରେ ଗାଳି କରିବା ଉକ୍ତ ମେହେନ୍ତରାଣୀର କାମ ଥିଲା । ଆଉ ସେହି କାମ ପାଇଁ ମେହେନ୍ତରାଣୀ ଜମିଦାରଠାରୁ ପାରିଶ୍ରମିକ ମଧ୍ୟ ପାଉଥିଲା । ମେହେନ୍ତରାଣୀର ଗାଳିକୁ ନେଇ କବିଙ୍କ କିନ୍ତୁ କୌଣସି ପ୍ରତିକ୍ରିୟା ନଥିଲା । ଏହା ଦେଖି କିଛି ଲୋକ କବିଙ୍କୁ କହିବାରୁ ସେ ତାର ଗାଳିକୁ ଗ୍ରହଣ କରୁ ନାହାନ୍ତି, ତେଣୁ ଉକ୍ତ ମେହେନ୍ତରାଣୀର ଗାଳିରେ ପ୍ରତିକ୍ରିୟାଶୀଳ ହେବାର କୌଣସି ଅର୍ଥ ହିଁ ନାହିଁ । ପୁନଶ୍ଚ ତାର ସେହି କାର୍ଯ୍ୟରୁ ବିଚାରୀ ପେଟ ପୋଷୁଛି । ତେଣୁ ତାକୁ ତାର କର୍ମରୁ ନିବୃତ୍ତ କଲେ ତାର ପରିବାର ପ୍ରତିପୋଷଣରେ ବାଧା ଉପୁଜିବ ବୋଲି ଓଲଟା କବି ଲୋକଙ୍କୁ ବୁଝାଇ ଥିଲେ । ତପସ୍ୱିନୀ କାବ୍ୟର ଏହି ସାରସ୍ୱତ ତପସ୍ୱୀଙ୍କ ଚିତ୍ର ଓ ଚରିତ୍ରକୁ ଅନୁଶୀଳନ କଲେ ବାସ୍ତବରେ ସେ ଜଣେ ଋଷି ଭଳି ପ୍ରତିୟମାନ ହୁଅନ୍ତି । ବ୍ରହ୍ମାଣ୍ଡର ସମସ୍ତ ବସ୍ତୁକୁ ଈଶ୍ୱରଙ୍କ ପ୍ରସାଦ ମଣୁଥିବା କବି ଗଙ୍ଗାଧର ପ୍ରବଳ ଈଶ୍ୱର ବିଶ୍ୱାସୀ ଥିଲେ । ତେଣୁ ସେ ନିଜର 'ମୁଁ କାର' ଅର୍ଥାତ ଅହଂଭାବକୁ ପରମପୁରୁଷଙ୍କ ପାଦତଳେ ସମର୍ପି ଦେବାରେ ସମର୍ଥ ଥିଲେ । ତେଣୁ ସ୍ୱଭାବ କବି ଗଙ୍ଗାଧର କେବଳ ଜଣେ ଅସାଧାରଣ ସାରସ୍ୱତ ସ୍ରଷ୍ଟା ନଥିଲେ, ଥିଲେ ଜଣେ ପ୍ରକୃତ ଶବ୍ଦ ତପସ୍ୱୀ । ଆଧ୍ୟାତ୍ମିକତା ସହ ପ୍ରାଣୀ ଜୀବନର ତତ୍ତ୍ୱରାଜିକୁ ଅମୃତମୟ ରୂପେ ଅଭିବ୍ୟକ୍ତ କରି ଗଙ୍ଗାଧର ଏକ ସ୍ୱତନ୍ତ୍ର ମର୍ଯ୍ୟାଦାର ଅଧିକାରୀ ହୋଇ ପାରିଛନ୍ତି ।

+ସିନାପାଲି,ନୂଆପଡ଼ା
ମୋ:୯୭୭୭୭୫୩୯୩୫

## ୬ଫୁଟିଆ ଗୁଣ୍ଡିଚି ନାଗକୁ ଧରାଇ ଦେଲେ ୨ପୋଷା ବିଲେଇ ଟିକି ଓ ମିକି

ନୀଳଗିରି , ୦୫/୦୪ (ନି.ପ୍ର):ଏକ ୬ଫୁଟ ଲମ୍ବର ଗୁଣ୍ଡିଚି ନାଗ ବାହାର ଅଗଣାରେ ବୁଲୁଥିବା ବେଳେ ଘର ଭିତରକୁ ଯାଉଥିବା ବେଳେ ଘରର ପୋଷା ବିଲେଇ ଟିକି ଓ ମିକି ଘରେ ଥିବା ୩ଟି ଅମୂଲ୍ୟ ଜୀବନକୁ ବଂଚାଇ ଦେଇଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ଏନ.ଏ.ସି. ଘାଟଘରସାହି ଗ୍ରାମର ସୂର୍ଯ୍ୟନାରାୟଣ ଷଡ଼ଙ୍ଗୀ ବାହାର ବାରଣ୍ଡାରେ ଏକ ୬ଫୁଟ ଲମ୍ବର ଗୁଣ୍ଡୁଚି ନାଗ ଘର ଭିତରକୁ ପ୍ରବେଶକରୁଥିବା ବେଳେ ମାଲିକର ୨ଟି ପୋଷା ବିଲେଇ ଟିକି ଓ ମିକି ଗୁଣ୍ଡୁଚି ନାଗକୁ ଦେଖି ତା ସହିତ ପ୍ରତିରୋଧ କରିଥିଲେ । ଘରେ ୨ଟି ପୋଷା ବିଲେଇର ଶବ୍ଦ ଶୁଣି ଘର ଭିତରେ ଥିବା ପ୍ରଭାତୀ ହୋତା ଆସି ଦେଖନ୍ତେ ଏକ ୬ଫୁଟିଆ ଗୁଣ୍ଡୁଚି ନାଗ । ପରେ ସାପ ଧରାଳି ସୁଶାନ୍ତ ମହାପାତ୍ର ଓ ବାପି ମହାପାତ୍ରକୁ ଖବର ଦେଲା ପରେ ଘଟଣା ସ୍ଥଳରେ ପହଂଚି ସାପଟିକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିଲେ ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ଓଡିଶାରୁ ୩....

ସରକାରଙ୍କ ଦ୍ୱାରା ଓଡ଼ିଆକୁ ଏକ ଶାସ୍ତ୍ରୀୟ ଭାଷା ରୂପରେ ଘୋଷଣା କରାଯିବା ପୂର୍ବରୁ, ୨୦୧୩ରେ ତାଙ୍କର ଏକ ଗବେଷଣା ପୁସ୍ତକ ''ଓଡ଼ିଆ ଏକ ଶାସ୍ତ୍ରୀୟ ଭାଷା'' ପ୍ରକାଶ ପାଇଥିଲା । ଏଥିରେ ସେ ଏକ ଶାସ୍ତ୍ରୀୟ ଭାଷା ଭାବେ ଓଡ଼ିଆ ଭାଷାର ବିକାଶ ଓ ଅଭିବୃଦ୍ଧି ସମେତ ଐତିହାସିକ ଅଧ୍ୟୟନ ଗୁଡ଼ିକର ଅବତାରଣା କରିଥିଲେ । ଡକ୍ଟର ମିଶ୍ର ୧୯୫୦ ମସିହା ଜୁଲାଇ ୧ ତାରିଖରେ ଜନ୍ମଗ୍ରହଣ କରିଥିଲେ ।

ସେହିପରି ଡକ୍ଟର କ୍ରିଷ୍ଣା ପଟେଲ ଜଣେ ଲୋକପ୍ରିୟ ଏବଂ ବହୁମୁଖୀ ଲୋକ ଗାୟିକା । ସେ ୧୯୭୮ ମସିହାରେ ନିଜର ସର୍ବାଦୃତ ସମ୍ବଲପୁରୀ ଗୀତ ''ରଙ୍ଗବତୀ ରଙ୍ଗବତୀ'' ମାଧ୍ୟମରେ ସମ୍ବଲପୁରୀ ଲୋକ ସଙ୍ଗୀତକୁ ସାରା ବିଶ୍ୱରେ ଲୋକପ୍ରିୟ କରାଇ ପାରିଥିଲେ । ଡକ୍ଟର ପଟେଲ ୨୯ନଭେମ୍ବର ୧୯୫୮ରେ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ।

ଅନ୍ୟପକ୍ଷରେ ପଟାୟତ କୁମାର ସାହୁ ପେସାରେ ଜଣେ ବୈଦ୍ୟ । ଆୟୁର୍ବେଦ ଔଷଧ ପ୍ରସ୍ତୁତ କରିବା ଏବଂ ଔଷଧୀୟ ବୃକ୍ଷ ରୋପଣ ପାଇଁ ସମଗ୍ର ପଶ୍ଚିମ ଓଡ଼ିଶାରେ ସେ ବିଶେଷ ଲୋକପ୍ରିୟ । ଶ୍ରୀସାହୁ ୧୯୫୫ ମସିହା ଅଗଷ୍ଟ ୧୮ ତାରିଖରେ ଓଡ଼ିଶାର କଳାହାଣ୍ଡି ଜିଲ୍ଲା ନାନ୍ଦୋଳ ଗ୍ରାମରେ ଏକ ମଧ୍ୟବିତ୍ତ ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିଲେ ।

### ହିନ୍ଦୋଳ ଓ...

ଅତାବିରା ଓ ହିନ୍ଦୋଳରେ ଏନ୍ଏସିରେ ବିଜେଡି ବିଜୟ ହାସଲ କରିବା ପରେ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ବିଜେଡି କର୍ମୀମାନେ ନାଚି ଓ ପରସ୍ପରକୁ ମିଠା ଖୁଆଇ ଉତ୍ସାହ ମନାଇଛନ୍ତି । ସୂଚନାଯୋଗ୍ୟ, ଗତ ୩ ତାରିଖରେ ଅତାବିରା ଓ ହିନ୍ଦୋଳ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଭୋଟ ଗ୍ରହଣ ହୋଇଥିଲା ।

### ବଢୁଛି ଅରୁଣାଚଳପ୍ରଦେଶକୁ ....

ନାଁ ପରିବର୍ତ୍ତନ କରି ଅତିକ୍ରମଣ କରିବା ଉଚିତ ନୁହେଁ ବୋଲି ଆମେରିକା କହିଥିଲା । ଭାରତ କହିଥିଲା ଅରୁଣାଚଳପ୍ରଦେଶ ଭାରତର ଅବିଚ୍ଛେଦ ଅଙ୍ଗ ଥିଲା ଓ ରହିବ । ଅରୁଣାଚଳପ୍ରଦେଶର ୧୧ଟି ସ୍ଥାନକୁ ଚୀନର ନିଜର ଦର୍ଶାଇବା ପରେ ଭାରତ ସମେତ ଆମେରିକା ଏହାର ନିନ୍ଦା କରିଥିଲେ । ନାଁ ବଦଳିଲେ ସତ ବଦଳିଯାଏନି ବୋଲି ଭାରତ କହିଥିଲା । ସେପଟେ ଆମେରିକା କହିଥିଲା ଅରୁଣାଚଳ ଭାରତର ଅବିଚ୍ଛେଦ ଅଙ୍ଗ ଅଟେ ।

### ଜିଏସ୍ଟି ଅଧିକାରୀଙ୍କ ପାଖରେ ...

ଶ୍ରୀ ମହାନ୍ତିଙ୍କ କଟକ ସିଡିଏରେ ଥିବା ଦୁଇ ମହଲା କୋଠାର ମୂଲ୍ୟ ୭୦ ଲକ୍ଷ ଟଙ୍କା ହେବ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି । ତାଙ୍କ ପାଖରେ ଥିବା କାର (କିଆ ସେଲଟସ୍)ର ମୂଲ୍ୟ ୧୫ ଲକ୍ଷ ଟଙ୍କା ହୋଇଥିଲା ବେଳେ, ଏକ ଦୁଇଚକିଆ ବାହନ (ଆକ୍ଟିଭା) ଓ ୧୧ ଲକ୍ଷ ୩୦ ହଜାର ଟଙ୍କାର ଘରସାମଗ୍ରୀ ଠାବ ହୋଇଛି । ସୂଚନାଯୋଗ୍ୟ, ଶ୍ରୀ ମହାନ୍ତି ଗତ ଗତ ୩୧ ତାରିଖରେ ଜଣେ ଅଭିଯୋଗକାରୀଙ୍କ ଠାରୁ ୮୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ ।

### ଦେବଗଡରେ ମହିଳା ...

ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ରାତି ପ୍ରାୟ ୧୧ଟା ସମୟରେ ଅଫିସରୁ କାମ ସାରି ରୀତା ସ୍କୁଟିରେ ଭିତିରିଆ ସାହି ଠାରେ ଥିବା ଭଡ଼ା ଘରକୁ ବାହାରିଥିଲେ । ଏହି ସମୟରେ ଅଫିସ ସମ୍ମୁଖରେ ୨ ଜଣ ଯୁବକ ତାଙ୍କ ଉପରକୁ ଆକ୍ରମଣ କରିଥିଲେ । ପ୍ରଥମେ ଛୁରୀ ଓ କାଠ ଫାଳିଆରେ ଯୁବକ ଦ୍ୱୟ ରୀତାଙ୍କୁ ଆକ୍ରମଣ କରିଥିଲେ । ପରେ ପଥରରେ ଛେଚି ହତ୍ୟା କରିବା ପରେ ଘଟଣାସ୍ଥଳରୁ ୨ ଅଭିଯୁକ୍ତ ଫେରାର ହୋଇଯାଇଥିଲେ । ହତ୍ୟାର କାରଣ ଅସ୍ପଷ୍ଟ ରହିଛି ।

## 'ଟିପିଏନଓଡିଏଲ'ର କର୍ମଚାରୀ ମାରଣ ନୀତିକୁ ବିରୋଧ

### 'ନେସ୍କୋ ପାୱାର ଇଞ୍ଜିନିୟର୍ସ ଆସୋସିଏସନ'ପକ୍ଷରୁ ବିକ୍ଷୋଭ




ବାଲେଶ୍ୱର, ୦୫/୦୪ (ନି.ପ୍ର): ଉତ୍ତର ଓଡ଼ିଶାର ବିଦ୍ୟୁତ ବିତରଣ ସଂସ୍ଥା 'ଟିପିଏନଓଡିଏଲ'ର ଗ୍ରାହକ ଶୋଷଣ ଓ କର୍ମଚାରୀ ମାରଣ ନୀତି ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଛି ନେସ୍କୋ ପାୱାର ଇଞ୍ଜିନିୟର୍ସ ଆସୋସିଏସନ । ଏନେଇ ରେମୁଣା ଗୋଲେଇ ଟିପିଏନଓଡିଏଲ କର୍ପୋରେଟ କାର୍ଯ୍ୟାଳୟ ନିକଟ କଲ୍ୟାଣମଣ୍ଡପ ଠାରେ ଆୟୋଜିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସୋସିଏସନର ସଭାପତି ଇଂ. ସୁରେନ୍ଦ୍ର ନାଥ ଦାସ, କାର୍ଯ୍ୟକାରୀ ସଭାପତି ରାଜୀବ କୁମାର ନାୟକ, ଉପ-ସଭାପତି ଶ୍ରୀକାନ୍ତ କୁମାର ପାଢୀ, ସାଧାରଣ ସମ୍ପାଦକ ଅନନ୍ତ ବିଷୋଇ ପ୍ରମୁଖ ଯୋଗଦେଇ ଅଧିକାରୀ ତଥା କର୍ମଚାରୀଙ୍କ ମଧ୍ୟରେ ଟିପିଏନଓଡିଏଲ କର୍ତ୍ତୃପକ୍ଷଙ୍କ ଭେଦଭାବ ନୀତିକୁ ତୀବ୍ର ନିନ୍ଦା କରିଥିଲେ । ପୂର୍ବରୁ ପରିଚାଳିତ ନେସ୍କୋ ୟୁଟିଲିଟିକୁ ଅଧିଗ୍ରହଣ ପରେ ଟାଟା ପାୱାର କମ୍ପାନୀକୁ କାର୍ଯ୍ୟରତ ଇଞ୍ଜିନିୟରମାନେ ସ୍ୱାଗତ କରିଥିଲେ । ଅଶା ଥିଲା କର୍ମଚାରୀଙ୍କ ବିଭିନ୍ନ ଦାବି ପୂରଣ ସାଙ୍ଗକୁ ସେମାନଙ୍କ ସୁରକ୍ଷା ଦିଗରେ ସଂସ୍ଥା ଗୁରୁତ୍ୱ ଦେବ । ମାତ୍ର କମ୍ପାନୀ କର୍ତ୍ତୃପକ୍ଷ କର୍ମଚାରୀଙ୍କୁ ପ୍ରୋତ୍ସାହନ ଦେବା ପରିବର୍ତ୍ତେ ବିଭିନ୍ନ ପଦର ଅଧିକାରୀଙ୍କୁ କାର୍ଯ୍ୟରୁ ଅନ୍ତର କରିବାକୁ ହୀନ ଉଦ୍ୟମ ଚଳାଇଥିବା ସଂଗଠନର କର୍ମକର୍ତ୍ତାମାନେ ଆରୋପ କରିଛନ୍ତି । ପଦନ୍ନୋତି ଅଟକାଇବାକ କାର୍ଯ୍ୟରତ କେତେକ ଇଞ୍ଜିନିୟରଙ୍କ ବାବଦରେ ବିଭିନ୍ନ ନକରାତ୍ମକ ଟିପ୍ପଣୀ ଉଲ୍ଲେଖ ସହ ମାନସିକ ଯନ୍ତ୍ରଣା ଦେବା ଭଳି ଘଟଣା ଏବେ ସାମ୍ନାକୁ ଆସିଛି ବୋଲି ସେମାନେ କହିଛନ୍ତି । ଟିପିଏନଓଡିଏଲରେ ନବ ନିଯୁକ୍ତ ଅଣ ଓଡିଆ ଅଧିକାରୀ ଓ ପୂର୍ବର ନେସ୍କୋ ଅଧିକାରୀ ମଧ୍ୟରେ ବିଭେଦ ସୃଷ୍ଟି ପାଇଁ କର୍ତ୍ତୃପକ୍ଷ ଚକ୍ରାନ୍ତ ଚଳାଉଛନ୍ତି । କମ୍ପାନୀ କର୍ତ୍ତୃପକ୍ଷ ତୁରନ୍ତ କାର୍ଯ୍ୟରତ ଇଞ୍ଜିନୟରମାନଙ୍କ ଆପତ୍ତି ଓ ସମସ୍ୟାକୁ ଦୃଷ୍ଟିରେ ରଖି ସୁସ୍ଥ ବାତାବରଣରେ କାର୍ଯ୍ୟ କରିବାର ସୁଯୋଗ ଦେବାକୁ ଆସୋସିଏସନ ପକ୍ଷରୁ ଦାବି କରାଯାଇଛି । କେତେକ ନ୍ୟସ୍ତସ୍ୱାର୍ଥ ଅଧିକାରୀଙ୍କ ପାଇଁ ଉଚ୍ଚ କର୍ତ୍ତୃପକ୍ଷ ଇଞ୍ଜିନିୟରଙ୍କୁ ଅଣଦେଖା କରି ଚାଲିଥିବା ବେଳେ ଏଥି ପ୍ରତି ଉଚିତ ପଦକ୍ଷେପ ନିଆ ନଗଲେ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ସଭାସ୍ଥଳରୁ ଆସୋସିଏସନର କର୍ମକର୍ତ୍ତା ଓ ସଦସ୍ୟମାନେ ଶୋଭାଯାତ୍ରାରେ ଯାଇ ଟିପିଏନଓଡିଏଲ ମୁଖ୍ୟ କାର୍ଯ୍ୟାଳୟ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ଆସୋସିଏସନ ପକ୍ଷରୁ ଦାବି ସମ୍ୱଳିତ ସ୍ମାରକପତ୍ର ଟିପିଏନଓଡିଏଲ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିଲା । କମଳଲୋଚନ ମହାନ୍ତି, ସୁଧୀର ମିଶ୍ର, ଅନନ୍ତ ସେନାପତି, ପ୍ରମୋଦ ନାୟକ, ସୁଜିତ ରଥ, ଜିତେନ୍ଦ୍ର ବେହେରା, ନାରାୟଣ ଦାସ, ବିଭୂରଞ୍ଜନ ସାହୁ, ବିରଂଚି ନାରାୟଣ ସାହୁ, ହରିଶ କୁମାର ପଣ୍ଡା ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

## ସୁନ୍ଦରଗଡ଼ ଟାଉନ ବିଜେଡି ଯୁବ ସଭାପତି ଧୀରଜ ପ୍ରସାଦ କଲେ ଆତ୍ମହତ୍ୟା

ଭୁବନେଶ୍ୱର, ୦୫/୦୪ (ନି.ପ୍ର): ଗତକାଲି ରାତିରେ ସୁନ୍ଦରଗଡ଼ ଟାଉନ ବିଜେଡି ଯୁବ ସଭାପତି ଧୀରଜ ପ୍ରସାଦ ବେକରେ ଗାମୁଛା ଲଗାଇ ନିଜ ଘରେ ଜୀବନ ହାରିଛନ୍ତି । ତେବେ ସେ କାହିଁକି ଏପରି କରିଛନ୍ତି ତାହାର କାରଣ ଅସ୍ପଷ୍ଟ ରହିଛି ।

## ବାମୋଡା ମା' ଭଗବତୀ ପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



ବସ୍ତା, ୦୫/୦୪ (ନି.ପ୍ର): ବାମୋଡା ମା ଭଗବତୀ ପୂଜାକମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆମ୍ବଗଡିଆ ବିକାଶ ପରିଷଦର ସଭାପତି ଅନ୍ତର୍ଯ୍ୟାମି ମହାପାତ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ବସ୍ତା ମୁକ ବଧିର ସ୍ୱତନ୍ତ୍ର ଆବାଶିକ ବିଦ୍ୟାଳୟର ପ୍ରତିଷ୍ଠାତା ଅମରକୁମାର ପାଳ ମୁଖ୍ୟବକ୍ତା ପୂର୍ବତନ ଶିକ୍ଷାଅଧିକାରୀ ଜୟନ୍ତକୁମାର ପାଣିଗ୍ରାହୀ, ସମ୍ମାନୀତ ଅତିଥିପୂର୍ଣ୍ଣଚନ୍ଦ୍ର ନାୟକ, କୃଷ୍ଣଚନ୍ଦ୍ର ଜେନା, ଗଛ ମଣିଷ ରବିନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ ସହଦେବ ସିଂ ଯୋଗ ଦେଇଥିବା ବେଳେ କୁନିକୁନି ପୁଅଝିଅ ମାନଙ୍କୁନେଇ ନୃତ୍ୟ ପ୍ରତିଯୋଗିତା ହୋଇଥିଲା । ଭଜନ.ସମ୍ବଲପୁରୀ, ଓଡଶିନୃତ୍ୟ ପ୍ରତିଯୋଗିତାରେ କୃତି ପ୍ରତିଭା ଅର୍ଚ୍ଚନା ପ୍ରଧାନ, ସ୍ୱସ୍ତିଟୋପା ମହାନ୍ତ, ଲିପ୍ସା ସାମନ୍ତରାୟ, ପ୍ରାଚିପ୍ରିୟଦର୍ଶନୀ ମଣ୍ଡଳ, ଆଇସାପଣ୍ଡା, ରଶ୍ମୀତା ଦାସଙ୍କୁ ଟ୍ରଫି ମାନପତ୍ରଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ବିଚାରକ ଭାବେ କୃଷ୍ଣଚନ୍ଦ୍ର ଜେନା,ଜୟନ୍ତ ପାଣିଗ୍ରାହୀ ଉପସ୍ଥିତ ଥିଲେ । ବେଦପାଠ ଚକ୍ରଧର ଆଚାର୍ଯ୍ୟ, କରିଥିବାବେଳେ କମିଟିର ସଭାପତି ପରମାନନ୍ଦ ସାହୁ ପରିଚାଳନା ଦାଇତ୍ୱ ବହନକରିଥିଲେ । ରାଜାରାମ ସାହୁ, ମନୋଜ ସାହୁ, କଟସାହୁ ଓ କମିଟିର ସମସ୍ତ ସଦସ୍ୟ ଉପସ୍ଥିତଥିଲେ ।

## କଂଗ୍ରେସରେ ମିଶିଲେ ଅନ୍ୟଦଳର କର୍ମୀ

ଜଳେଶ୍ୱର ୫/୪(ନିପ୍ର) : ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ରାଇବଣିଆ ପଂଚାୟତର ଦଳେଇସାହିଠାରେ ଅନ୍ୟଦଳର ବହୁକର୍ମୀ କଂଗ୍ରେସରେ ମିଶିଛନ୍ତି । ବ୍ଲକ କଂଗ୍ରେସ ସଭାପତି ରାଜୀବ ପରିଡାଙ୍କ ତତ୍ତ୍ୱାବଧାନରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି । ଏହି ଗାଁର ଆଶିଷ ଘୋଷ, ତରଣୀ ଗାନ୍ଧିଙ୍କ ନେତୃତ୍ୱରେ ଏପରି ମିଶ୍ରଣ ପର୍ବରେ ଜିଲା କଂଗ୍ରେସ କମିଟି ସଭାପତି ସଂଜିବ ଗିରି, ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଖଗେନ୍ଦ୍ର ସାମଲ, ଖଗେନ୍ଦ୍ର ଜେନା, ବିଶ୍ୱଜିତ୍ ଦାସ, ଅଜିତ୍ ସେଠୀ, ମଧୁସୂଦନ ପାତ୍ର, ବନମାଳି ଘୋଷ, ଡ୍ରାଇଭର ସିଂ, ନିମାଇ ଭଣ୍ଡାର, ବସନ୍ତ ଘୋଷ, ପ୍ରଫୁଲ୍ଲ ଘୋଷ, ପ୍ରତାପ ଚନ୍ଦ, ଅଜୟ ମଲ୍ଲିକ, ମଧୁସୂଦନ ପାତ୍ର ପ୍ରମୁଖ ଦଳରେ ସାମିଲ ହୋଇଛନ୍ତି ।




ନାମଲେଖା ଆରମ୍ଭ
Admission Open
Estd: 2003

# ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ବସ୍ତା, ବାଲେଶ୍ୱର

"ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପାପ୍ତ ଓ ଉତ୍କଳ ଶିକ୍ଷା ପରିଷଦ ଭୁବନେଶ୍ୱରରେ ଅନ୍ତର୍ଭୁକ୍ତ" ।

**Recognised by Govt. of Odisha & affiliated to U.S.P. Bhubaneswar, Odisha**
**Govt. COR No. VSKB/ 235/ 17**

ଭାରତୀୟ ସଂସ୍କୃତି ଓ ପରମ୍ପରା ଉପରେ ଆଧାରିତ ଆଦର୍ଶ ବିଦ୍ୟାଳୟରେ ଶିଶୁବାଟିକାଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୨୦୨୨-୨୩ ପାଇଁ ନାମଲେଖା ଆରମ୍ଭ ହୋଇଅଛି ।

ଆମେ ପ୍ରତିଶୃତିବଦ୍ଧ: ଇଂରାଜୀ ବିଷୟ ଉପରେ ଅଧିକ ଧ୍ୟାନ ଦେବା ସହିତ ଓଡ଼ିଶା ସରକାରଙ୍କ ଉତ୍କଳ ଶିକ୍ଷା ପରିଷଦ, ଭୁବନେଶ୍ୱରଙ୍କ ପାଠ୍ୟଖସଡ଼ା ସହ ମାତୃଭାଷା ବୌଦ୍ଧିକ ଗୁରୁତ୍ୱ, ନୈତିକ ଶିକ୍ଷା, ଚିତ୍ରାଙ୍କନ, ସଂଗୀତ, ନୃତ୍ୟ, କମ୍ପ୍ୟୁଟର, ଯୋଗାସନ ଶିକ୍ଷାଦାନ ଅଭିଜ୍ଞ ଶିକ୍ଷୟିତ୍ରୀ/ ଶିକ୍ଷକଙ୍କ ଦ୍ୱାରା ଦିଆଯାଏ । ସମସ୍ତ ପ୍ରକାର ବୃତ୍ତି ପରୀକ୍ଷାରେ ଆମ ଅନୁଷ୍ଠାନ ପାରଦର୍ଶିତା ଲାଭ କରିଥାଏ । ସରକାରଙ୍କ **RTE Act 2022** ଅନୁଯାୟୀ ନିଶୁଳ୍କ **STD-1** ଶ୍ରେଣୀରେ ୨୫% ସଂରକ୍ଷିତ ସ୍ଥାନ ପରିଚାଳନା ସମିତିଙ୍କ ଦ୍ୱାରା ସ୍ଥିରୀକୃତ ହୋଇ ଆର୍ଥିକ ଅନଗ୍ରସରତା, ଜନଜାତି, ଅନୁସୂଚିତ ଜାତିର ପିଲାଙ୍କ ପାଇଁ ସଂରକ୍ଷିତ ରହିଛି ।
**RTE Paradarshi Web Portal** ରେ ଯାଇ ନାମ **Registration** କରିପାରିବେ ।

ବିବେକାନନ୍ଦ ଶିକ୍ଷା କେନ୍ଦ୍ର
ବାରମାଡ଼ିଆ, ବସ୍ତା, ବାଲେଶ୍ୱର
Mob.: 9938442084, 7205160144, 9040204209


## ସିମୁଳିଆରେ ପ୍ରଭୁ ସତ୍ୟନାରାୟଣଙ୍କ ମହାଯଜ୍ଞ ଓ ବାସନ୍ତି ପୂଜା ମହାସମାରୋହରେ ପାଳିତ



ନୀଳଗିରି , ୦୫/୦୪ (ନି.ପ୍ର): ବହୁ ପୁରାତନ ମହାପ୍ରଭୁ ସତ୍ୟନାରାୟଣଙ୍କ ମହାଯଜ୍ଞ ଓ ବାସନ୍ତୀ ପୂଜା ସାତ ଦିନ ବ୍ୟାପୀ ନୀଳଗିରି ଏନ.ଏ.ସି.ର ୯ନଂ. ୱାର୍ଡ ସିମୁଳିଆ ଗ୍ରାମରେ ମହାସମାରୋହରେ ପାଳିତ ହୋଇଯାଇଛି । ୧୯୪୫ ମସିହା ଠାରୁ ଏଠାରେ ମହାଯଜ୍ଞ ଓ ବାସନ୍ତୀ ପୂଜା ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଉକ୍ତ ବର୍ଷ ଅନାବୃଷ୍ଟି ଦେଖା ଯାଇଥିଲା । ଋଷୀକୂଳ ହତାଶ ହୋଇ ପଡ଼ିଥିଲେ । ଶେଷରେ ରାମନବମୀ ପରେ ଗ୍ରାମବାସୀ ସାତ ଦିନ ବ୍ୟାପୀ ପ୍ରଭୁ ସତ୍ୟନାରାୟଣ ମହାପ୍ରଭୁଙ୍କ ମହାଯଜ୍ଞର ଆୟୋଜନ କଲା ପରେ ପ୍ରବଳ ବର୍ଷା ହେବା ଯୋଗୁଁ ଅନାବୃଷ୍ଟିରୁ ଲୋକେ ତ୍ରାହି ପାଇଥିଲେ । ସେହିଦିନ ଠାରୁ ଆଜକୁ ୭୮ବର୍ଷ ଧରି ପୂଜା ଅର୍ଚ୍ଚନା, ମହାଯଜ୍ଞ ଅନୁଷ୍ଠିତ ହୋଇ ଆସୁଅଛି । ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୁବ ବିଜେଡିର କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ମୁଖ୍ୟବକ୍ତା ଭାବେ ଏନ.ଏ.ସି. ଅଧକ୍ଷାଙ୍କ ପ୍ରତିନିଧି ଶରତ ଦାସ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ସିମୁଳିଆ ଗ୍ରାମର ଏହି ପରମ୍ପରାକୁ ଭୂୟସୀ ପ୍ରଶଂସା କରିବା ସହ ଯୁବଗୋଷ୍ଠୀଙ୍କର ପ୍ରୟାସକୁ ଉଭୟ ଅତିଥି ସାଧୁବାଦ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ବେହେରା, ରମେଶ ଷଡ଼ଙ୍ଗୀ, ରବିନ୍ଦ୍ର ମହଲ, ରାମଚନ୍ଦ୍ର ମହଲ, ପାଗୁଲୁ ବେହେରା, ରାଜେନ୍ଦ୍ର ମହଲ, ମିଟୁ ବେହେରା, ଭଗବାନ ମହଲ, ଆଲୋକ ବେହେରା, ମୁନା ମହଲ ପ୍ରମୁଖ ସହଯୋଗ କରିଥିଲେ ।

## କର୍ତ୍ତବ୍ୟରେ ଅବହେଳାକାରୀ ଡାକ୍ତର-ନର୍ସଙ୍କୁ ଶାନ୍ତିପୂର୍ଣ୍ଣ ବିରୋଧ ଆରମ୍ଭ

ବାଲେଶ୍ୱର, ୦୫/୦୪ (ନି.ପ୍ର): ପୂର୍ବ ଘୋଷଣା ଅନୁସାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ସେବାରେ ଅବହେଳା କରୁଥିବା ଡାକ୍ତର ନର୍ସଙ୍କ ଘର ବା କ୍ଲିନିକ ଆଗରେ ଧାରଣା ଦେବା ଆରମ୍ଭ କରିଛନ୍ତି ଯୁବ ସଂଗଠକ ରଘୁନାଥ ଲେଙ୍କା ଓ ସାଥୀମାନେ । ବୁଧବାର ଡାକ୍ତର ଶିବନାରାୟଣ ଜାଲି ରୋଗୀ ଦେଖୁଥିବା ଏକ ଘରୋଇ କ୍ଲିନିକ ସମ୍ମୁଖରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଶ୍ରୀ ଲେଙ୍କାଙ୍କ ଅଭିଯୋଗ ଅନୁସାରେ ଦୂରଦୂରାନ୍ତରୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ରୋଗୀ ଓ ତାଙ୍କ ପରିବାରଙ୍କ ପ୍ରତି ଡାକ୍ତର ଏବଂ ନର୍ସଙ୍କ ଅବହେଳା ସାଙ୍ଗକୁ ରୁକ୍ଷ ବ୍ୟବହାର କ୍ରମଶଃ ସୀମା ଟପିଛି । ଏନେଇ ବାରମ୍ବାର ଅଭିଯୋଗ ହେଉଛି ବହୁ ଅମୂଲ୍ୟ ଜୀବନ ଚାଲିଯାଉଛି, ଡାକ୍ତରଖାନା ପରିସରରେ ଉତ୍ତେଜନା ଦେଖାଦେଉଛି, ଏହା ସତ୍ତ୍ୱେ ଡାକ୍ତର ଓ ନର୍ସଙ୍କ ମାନସିକତାର କୌଣସି ପରିବର୍ତ୍ତନ ହେଉନାହିଁ । ତେବେ କର୍ତ୍ତବ୍ୟରେ ଅବହେଳା କରୁଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ହସପିଟାଲ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ଅଥବା ଲୋକ ପ୍ରତିନିଧିମାନେ ଗୁରୁତ୍ୱ ନଦେବା ଅତ୍ୟନ୍ତ ଦୁଃର୍ଭାଗ୍ୟର ବିଷୟ ବୋଲି ଶ୍ରୀ ଲେଙ୍କା କହିଛନ୍ତି । ଯେତେ ପର୍ଯ୍ୟନ୍ତ ଡାକ୍ତର ଓ ନର୍ସମାନେ ନିଜର କର୍ତ୍ତବ୍ୟ ପ୍ରତି ସଚେତନ ନ ହେବେ ସେତେଦିନ ପର୍ଯ୍ୟନ୍ତ ସେମାନଙ୍କ ଘର ଅଥବା ପ୍ରାଇଭେଟ ପ୍ରାକ୍ଟିସ କରୁଥିବା କ୍ଲିନିକ ସମ୍ମୁଖରେ ଏହିଭଳି ପ୍ରଦର୍ଶନ ଜାରି ରହିବ ସେ ଚେତାବନୀ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅନ୍ତର୍ଯ୍ୟାମୀ ପ୍ରଧାନ, ମହମ୍ମଦ ଇକବାଲ ଖାଁ, ରବୀନ୍ଦ୍ର ସାହୁ, ଯଦୁ ସେଠୀ, ଅଶୋକ କବି, ଶଙ୍ଖ ମାରାଣ୍ଡି, ନରେନ୍ଦ୍ର ବାରିକ, ପ୍ରଶାନ୍ତ ବାରିକ, ସତ୍ୟବ୍ରତ ମିଶ୍ର ପ୍ରମୁଖ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

ଧ୍ୱନି ପ୍ରତିଧ୍ୱନି



## ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅପମାନିତ କରିଥିବା ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ନୟାପଲ୍ଲୀ ଥାନାରେ ଏତଲା ଦେଲା ଶ୍ରୀଜଗନ୍ନାଥ ଯୁବ ବାହିନୀ

ଭୁବନେଶ୍ୱର,୫/୪(ନିପ୍ର) : ଓଡ଼ିଶାର ପରିଚୟ, ଓଡ଼ିଶାର ଗର୍ବ, ଗୌରବ ସାଢେ ଚାରିକୋଟି ଓଡ଼ିଆଙ୍କ ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଅପମାନିତ କରିଥିବା ଜଗତସିଂହପୁର ଜିଲ୍ଲା ସୁବାସ ନାୟକ ବିରୁଦ୍ଧରେ ଶ୍ରୀଜଗନ୍ନାଥ ଯୁବ ବାହିନୀ ପକ୍ଷରୁ ୩ ତାରିଖ ଦିନ ନୟାପଲ୍ଲୀ ଥାନାରେ ଏତଲା ଦିଆଯାଇଛି। ଅଭିଯୁକ୍ତ ସୁବାସ ନାୟକ ଏକ ନିର୍ଦ୍ଦିଷ୍ଟ ରାଜନୀତି ଦଳର କର୍ମୀ ଓ ସେ ସୋସିଆଲ ମିଡ଼ିଆରେ ଓଡ଼ିଶାର ପରିଚୟ ହିଁ ନବୀନ। ଓଡ଼ିଶାବାସୀଙ୍କର ସୁଖ ସୁବିଧାରେ ନବୀନ। ଜଗନ୍ନାଥ ଏକ କାଳ୍ପନିକ ନିର୍ଜୀବ କାଠର ମୂର୍ତ୍ତି, କିଛି ଭଣ୍ଡଙ୍କର ରୋଜଗାରର ପନ୍ଥା ବୋଲି ଉଲ୍ଲେଖ କରିଥିଲେ। ଯାହାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମନକୁ କୁଠାରଘାତ କରିଛି। ଜୀବିତ ମଣିଷଙ୍କୁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସହିତ ତୁଳନା କରିବା କେତେଦୂର ଯୁକ୍ତିଯୁକ୍ତ ? ଇତି ମଧ୍ୟରେ ଘଟଣାକୁ ୪ ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଯାହାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ବିଶେଷ କରି ଶ୍ରୀଜଗନ୍ନାଥ ଯୁବ ବାହିନୀ ତୀବ୍ର ନିନ୍ଦା କରିଛି। ଅଭିଯୁକ୍ତ ସୁବାସ ନାୟକଙ୍କୁ ତୁରନ୍ତ ଗିରଫ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ସର୍ବସମ୍ମୁଖରେ ପୁରୀ ବଡ଼ଦାଣ୍ଡରେ କ୍ଷମା ପ୍ରାର୍ଥନା କରିବାକୁ ଶ୍ରୀଜଗନ୍ନାଥ ଯୁବ ବାହିନୀ ତରଫରୁ ନୟାପଲ୍ଲୀ ଥାନାର ଭାରପ୍ରାପ୍ତ ଥାନା ଅଧିକାରୀଙ୍କୁ ଏତଲା ପ୍ରଦାନ କରାଯାଇଛି। ଏଥିସହିତ ହିନ୍ଦୁ ଦେବାଦେବୀଙ୍କୁ ନେଇ ଅଶ୍ଳୀଳ ନୃତ୍ୟ ପରିବେଷଣ, ବ୍ୟଙ୍ଗଚିତ୍ର କରିବା ଓ ଅଶାଳୀନ ମନ୍ତବ୍ୟ ଦେବା, ଅପସଂସ୍କୃତି ପ୍ରଚାର କରୁଥିବା ବ୍ୟକ୍ତିମାନଙ୍କ ବିରଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ଯୁବ ବାହିନୀ ତରଫରୁ ଆବାହକ ବିଶ୍ୱରଞ୍ଜନ ଜେନା, ସଭାନେତ୍ରୀ ମେନକା ପରିଡ଼ା, ମହିଳା ସଭାନେତ୍ରୀ ସନ୍ତୋଷୀ ଦେଓ, ଶୁଭାଶିଷ ଷଡ଼ଙ୍ଗୀ, ଦେବାନନ୍ଦ ମହାରଣା, ବିକାଶ ବେହେରା, ନିରୋଜ କୁମାର ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଅଭିଯୁକ୍ତ ସୁବାସ ନାୟକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିବା ସହିତ ଶ୍ରୀଜଗନ୍ନାଥଙ୍କୁ ନେଇ ରାଜନୀତି ନ କରିବା ପାଇଁ ଶ୍ରୀଜଗନ୍ନାଥ ଯୁବ ବାହିନୀ ନିବେଦନ କରିଛି। ଯଦି ସୁବାସ ନାୟକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତେବେ ଆଗାମୀ ଦିନରେ ଶ୍ରୀଜଗନ୍ନାଥ ଯୁବ ବାହିନୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବ।

# ୩ କୋଟି ଟଙ୍କାର ୪୯ ପ୍ରକଳ୍ପ ଉଦ୍‌ଘାଟିତ ଓ ୧୦ କୋଟିର ୩୦ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



**■ ଓଡିଶାର ଜାଗା ମିଶନର ଦେଶରେ ପ୍ରଥମ : ଜିଲାପାଳ**
**■ ମୟୁରଭଂଜ ଓ ଲଦାକ ଜିଲାକୁ ସ୍ୱତନ୍ତ୍ର ମାନ୍ୟତା : ମନ୍ତ୍ରୀ**

ଜଳେଶ୍ୱର,୫/୪(ନିପ୍ର) : ରାଜ୍ୟର ଉତ୍ତର ପ୍ରବେଶପଥ ଜଳେଶ୍ୱର ପୌରପାଳିକାର ସର୍ବାଙ୍ଗିନ ବିକାଶ ଲାଗି ପ୍ରଚେଷ୍ଟା ଜାରି ରହିଛି ଓ ଆଗାମୀ ଦିନରେ ଜନସଚେତନତା ଓ ସହଯୋଗ ମିଳିଲେ ପ୍ରଗତି ତ୍ୱରାନ୍ୱିତ ହେବ ବୋଲି ଭାଷା, ସଂସ୍କୃତି, ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଏବଂ ବାଲେଶ୍ୱର ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ କହିଛନ୍ତି। ଜଳେଶ୍ୱର ପୌର ପରିଷଦ ପକ୍ଷରୁ ଆଜି ୩,୧୮,୨୭,୪୧୯ ଟଙ୍କା ବ୍ୟୟରେ ୪୯ଟି ପ୍ରକଳ୍ପ ଉଦ୍‌ଘାଟନ ହୋଇଥିବା ବେଳେ ୧୦,୧୦,୪୦,୭୮୦ ଟଙ୍କାର ୩୦ଟି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଛି। ଏଥିରେ ପୌରପାଳ ପ୍ରତୀପ ପ୍ରଧାନ ଅଧ୍ୟକ୍ଷତା କରି ଅତୀତରେ ପୌରପରିଷଦର ୧୦୦ କାର୍ଯ୍ୟକାରିତା ସଂପର୍କରେ ଏକ ଚିଠା ପ୍ରକାଶ କରିଥିବା ବେଳେ ଆଜି ୧ ବର୍ଷ ପୁର୍ତ୍ତି ଅବସରରେ ଉପରୋକ୍ତ ଚିଠା ସଂପର୍କରେ କହିଥିଲେ। ଜନସହଯୋଗ ଓ ମୁଖ୍ୟମନ୍ତ୍ରୀଙ୍କର ସହୃଦୟତା ରହିଲେ ଜଳେଶ୍ୱର ମ୍ୟୁନିସିପାଲଟିର ବିକାଶ ଘଟିବା ସଂପର୍କରେ କହିଥିଲେ। ଉଦ୍‌ଘାଟକ ଭାବେ ଅଶ୍ୱିନୀ ପାତ୍ର ଯୋଗ ଦେଇ ମ୍ୟୁନିସିପାଲଟି କାର୍ଯ୍ୟାଳୟ ସମ୍ମୁଖ ପାର୍କରେ ଭକ୍ତକବି ଦୀନକୃଷ୍ଣଙ୍କର ଏକ ବ୍ରଞ୍ଜ ପ୍ରତିମୂର୍ତ୍ତିକୁ ତାଙ୍କ ବିଭାଗ ପକ୍ଷରୁ ପ୍ରତିଷ୍ଠା କରାଯିବାର ବ୍ୟବସ୍ଥା ହୋଇଛି। ସେହିପରି ସହରର ଅନ୍ୟ କେକୌଣସି ସ୍ଥାନରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସଂପର୍କରେ ସେ ପ୍ରକାଶ କରିଥିଲେ। ଜଳେଶ୍ୱରରେ ସଂସ୍କୃତି ଭବନ ଜିଲାପାଳ ବ୍ରିଟରୁ ୧ କୋଟି ଟଙ୍କା ମଂଜୁର କରିଥିବା ବେଳେ ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ହସ୍ତକ୍ଷେପ ବଳରେ ଅନ୍ୟ ୫୦ ଲକ୍ଷ ଟଙ୍କା ଦିଆଯିବା ସଂପର୍କରେ କହିଥିଲେ। ସେହିପରି ପୌରପାଳିକାର ଏକ ପ୍ରାଶାସନୀକ ଗୃହ ଲାଗି ୩ କୋଟି ୫୩ ଲକ୍ଷ ଟଙ୍କାର ଶିଳାନ୍ୟାସ ହୋଇଛି। ସୁବର୍ଣ୍ଣରେଖା ନଦୀକୂଳରେ ଏପିଜେ ଅବଦୁଲ କାଲମଙ୍କ ନାମରେ ଏକ ରିଭର ଭ୍ୟୁ, ଚକବିଷ୍ଣୁରେ ସ୍ୱାସ୍ଥ୍ୟକେନ୍ଦ୍ର, ପୌରପାଳିକାର ଅତିଥି ଗୃହ, ଆହାର କେନ୍ଦ୍ରର ରେଷେଇ ଗୃହ ଏବଂ ଜଳେଶ୍ୱର ସହରରୁ ଜଳନିଷ୍କାସନ ଲାଗି ୧ କୋଟି ଟଙ୍କା ଡିପିଆର୍ ପ୍ରସ୍ତୁତ ସଂପର୍କରେ କହିଥିଲେ। ପଣ୍ଡିତ ରଘୁନାଥ ମୁର୍ମୁ ଓ ସୁବାଷ ଚନ୍ଦ୍ର ବୋଷଙ୍କ ନାମରେ ଉଦ୍ୟାନ, ବିଛିନ୍ନାଞ୍ଚଳ ମଣିପାଟଣାକୁ ରାସ୍ତା, ୭.୫୦ଲକ୍ଷ ଟଙ୍କାର ଇନ୍‌ଡୋର ଷ୍ଟାଡିୟମ ସଂପର୍କରେ କହିଥିଲେ। ସେହିପରି ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ ଜନ ସହଯୋଗ ରହିଥିବାରୁ ଜଳେଶ୍ୱରରେ ୨ଟି ଉଡନ୍ତା ରେଳପୋଲ ଓ ସୁବର୍ଣ୍ଣରେଖାରେ ୨ଟି ଉଚ୍ଚ ମାନର ସେତୁ ହେଉଥିବା ବେଳେ ଓଡିଶା ସରକାରଙ୍କ ଜାଗା ମିଶନ ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିଛି। ମୁକ୍ତା ଯୋଜନା ଓ ମିଶନ ଶକ୍ତିରେ ସ୍ୱୟଂ ସହାୟକଙ୍କୁ କାର୍ଯ୍ୟ ଦେବା ଯୋଗୁଁ ମହିଳା ମାନଙ୍କ ଆର୍ଥିକ ବିକାଶ ହୋଇଥିବା କହିଥିଲେ। ମନ୍ତ୍ରୀ ଓ ଜିଲାପାଳ ପୌରପାଳଙ୍କ ବିଭିନ୍ନ କାର୍ଯ୍ୟର ପ୍ରଶଂସା କରିଥିଲେ। ପୌରଅଧିକାରୀ ଅଜୟ ମହାପାତ୍ର ସୂଚନା ଦେଇ ପ୍ରଗତି ନିମନ୍ତେ ନିଆଯାଇଥିବା ପ୍ରକଳ୍ପ ଗୁଡିକ ସଂପର୍କରେ କହିଥିଲେ। ଉପନଗରପାଳ ପୁଷ୍ପପ୍ରିୟା କାମିଲା ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ମନ୍ତ୍ରୀ ଶ୍ରୀ ପାତ୍ର ଗୁରୁଦାସପୁର ଠାରେ ବସୁଧା ଯୋଜନାରେ ଏକ ପାଣି ପ୍ରକଳ୍ପ ଓ ଲକ୍ଷ୍ମଣନାଥ ହାଇସ୍କୁଲର ଛାତ୍ରନିବାସର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏଥିରେ ବହୁ ଲୋକ ଓ ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଭିନ୍ନକ୍ଷମ ଛାତ୍ର ମନୋଜଙ୍କୁ ମିଳୁନାହିଁ ଭତ୍ତା



ଉଦଲା ତା.୦୫/୦୪(ନି.ପ୍ର)- କପ୍ତିପଦା ବ୍ଲକର କୋଳିଅଳମ ପଂଚାୟତ ଅନ୍ତର୍ଗତ ନୂଆସାହି ଗ୍ରାମର ବାସିନ୍ଦା ତ୍ରୀଲୋଚନ ବିନ୍ଧାଣୀଙ୍କ ପୁତ୍ର ମନୋଜ, ପିଲାଟି ଦିନରୁ ମୁକ ଓ ବଧିର। ମନୋଜ ବର୍ତମାନ କୋଳିଅଳମ ସ୍ଥିତ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ପଢୁଛନ୍ତି। ତାଙ୍କୁ ବୟସ ୧୧ ବର୍ଷ ଛୁଇଁଲା। ଭିନ୍ନକ୍ଷମ ଛାତ୍ରଙ୍କୁ ମିଳୁଥିବା ଭତା ପାଇବାରୁ ମନୋଜ ବଂଚିତ ଅଛନ୍ତି। ପରିବାରର ଲୋକଙ୍କ କହିବାନୁସାରେ ତାଙ୍କର ସମସ୍ତ କାଗଜପତ୍ର ଠିକ୍ ଥିବା ସ୍ୱତେ ଭତା କାହିଁକି ମିଳୁନାହିଁ ସେମାନେ ଜାଣିପାରୁ ନାହାଁନ୍ତି ତାଙ୍କୁ ତୁରନ୍ତ ଭତା ପ୍ରଦାନ କରିବା ପାଇଁ ସାମାଜିକ କର୍ମୀ ଅବନ୍ତି ବେହେରା ଦାବୀ ଜଣାଇଛନ୍ତି।

## ପ୍ରଧାନ ଶିକ୍ଷକ ନିରଞ୍ଜନ ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ଲଙ୍ଗଳେଶ୍ୱର,୫/୪(ନିପ୍ର) ବାଲିଆପାଳ ବ୍ଲକ ଅନ୍ତର୍ଗତ ସୁନାରୁହି ସ୍ଥିତ ଗଦାଧର ଗିରି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ପ୍ରଧାନଙ୍କୁ ଆଜି ବିଦାୟ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଆୟୋଜିତ ହେଇଥିଲା। ଓଷ୍ଠାର ସମ୍ପାଦକ ବିଜୟ କୁମାର ପାତ୍ର ସଭାରେ ସଭାପତିତ୍ୱ କରିଥିଲେ ମୁଖ୍ୟ ଅତିଥି ଭାବେ ବାଲିଆପାଳ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ଶେଖର ଜେନା ଯୋଗଦେଇ ସମାଜ ଗଠନରେ ଶିକ୍ଷକ ହେଉଛି କାରିଗର ହାତରେ ଯେପରି ଭଲ ଜିନିଷ ନିର୍ମାଣ କରିଥାଏ ସେହି ପରି ଭଲ ଛାତ୍ରଛାତ୍ରୀ ନିର୍ମାଣ ପାଇଁ ଭଲ ଶିକ୍ଷକ ର ଆବଶ୍ୟକ ରହିଛି ସେଥିମଧ୍ୟରୁ ନିରଞ୍ଜନ ସାର୍ ଅନ୍ୟତମ ବୋଲି ଶ୍ରୀ ଜେନା କହିଛନ୍ତି। ମୁଖ୍ୟ ବକ୍ତା ଭାବେ କବି କାଳିପଦ ପଣ୍ଡା, ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନମିତାପ୍ରଭା ସାମଲ, ଓଷ୍ଠାର ଜିଲ୍ଲା ସଭାପତି ବାଦଲ ଚନ୍ଦ୍ର ପାତ୍ର, ଅର୍ଣ୍ଣପୂନା ପ୍ରଧାନ, ଶାନ୍ତି ଲତା ଗିରି, ବଳରାମପୁର ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀ, ସମିତି ସଭ୍ୟ ମିନକେତନ ଦାସ ମହାପାତ୍ର, ହରେନ୍ଦ୍ର ସାମଲ,ବରେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ମଞ୍ଚରେ ବହୁ ଶିକ୍ଷାବିତ ଉପସ୍ଥିତ ଥିଲେ। ଶିକ୍ଷକ ବ୍ୟୋମକେଶ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ, ପରେ ଅପରାହ୍ନରେ ବିଦାୟ ଶୋଭାଯାତ୍ରାରେ ତାଙ୍କୁ ତାଙ୍କ ବାସଭବନରେ ଛାଡିଥିଲେ।

## ପୀଡିତା ବୃଦ୍ଧାଙ୍କୁ ସହାୟତାର ହାତ ବଢ଼ାଇଲା ନାରାୟଣ ସେବା ଟ୍ରଷ୍ଟ



ବାରିପଦା,୫/୪(ନିପ୍ର) : ସ୍ଥାନୀୟ ୱାର୍ଡ ନଂ ୨୧ ସ୍ଥିତ ବିଜୟ ରାମଚନ୍ଦ୍ରପୁର ଅଂଚଳରେ ତିନି ବର୍ଷ ଧରି ମେରୁଦଣ୍ଡ ଜନିତ ରୋଗରେ ପୀଡିତା ଥିବା ବୃଦ୍ଧା ନିନି ସିଂଙ୍କୁ ସହାୟତାର ହାତ ବଢ଼ାଇଛି ନାରାୟଣ ସେବା ଟ୍ରଷ୍ଟ ଓ ଟ୍ରଷ୍ଟ ତରଫରୁ ତାଙ୍କୁ ଔଷଧ, ହୋଲିକ୍ସ, ଫଳମୂଳ ସହ ଏକ ମାସ ପର୍ଯ୍ୟନ୍ତ ଚଳିବା ପାଇଁ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯିବା ସହ ଆଗାମୀ ଦିନରେ ମଧ ନିୟମିତ ଭାବରେ ସମସ୍ତ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ଟ୍ରଷ୍ଟର ପ୍ରତିଷ୍ଠାତା ନିରୋଜ କୁମାର ପୋଥାଳ ଜଣାଇଛନ୍ତି ଓ ସ୍ଥାନୀୟ ୱାର୍ଡ କାଉନସିଲର ଲକ୍ଷ୍ମୀଧର ହାବୋଡା ସରକାରଙ୍କ ତରଫରୁ ସ୍ଥାୟୀ ଗୃହ ଯୋଗାଇଦେବା ସହ ଆଶୁ ଚିକିତ୍ସା ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଛନ୍ତି ଓ ଅନ୍ୟ ମାନଙ୍କ ମଧ୍ୟରେ ଉପସ୍ଥିତ ଥିବା ସ୍ୱେଚ୍ଛାସେବୀ ସୋମନାଥ ସିଂହ, ବସନ୍ତ କୁମାର ମହାପାତ୍ର, ପ୍ରତାପେଶ୍ୱର ଦାଶ, ରଣଜିତ ଦାସ, ଲିଙ୍ଗରାଜ ମହାନ୍ତି, ବିଜୟଲକ୍ଷ୍ମୀ ନାୟକ, ମାନୀ ଗିରି, ପିଙ୍କି ନାଏକ, ରାକେଶ କୁମାର ଦ୍ୱିବେଦୀ ଓ ଧୃବେନ୍ଦ୍ର ଦାସ ପ୍ରମୁଖ ସହାୟତାର ହାତ ବଢ଼ାଇଛନ୍ତି।

## ମିରାକଲ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ




ବାସୁଦେବପୁର,୫/୪(ନିପ୍ର) : ବାସୁଦେବପୁର ସହରରେ ଥିବା ମିରାକଲ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ମହାସମାରୋହ ରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପବ୍ଲିକ ସ୍କୁଲ ର ଅଧକ୍ଷ ଦୁଃଶାସନ ରାଉତ ସଭାପତିତ୍ୱ କରିଥିଲେ। ଏହି ସଭା ରେ ମୁଖ୍ୟ ଅତିଥି ବାସୁଦେବପୁର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ମୁଖ୍ୟ ବକ୍ତା ଐତିହାସିକ ଓ ଗବେଷକ ଅଜୟ ପଣ୍ଡା, ସମ୍ମାନିତ ଅତିଥି ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ, ଟ୍ରଷ୍ଟି ମୁକୁନ୍ଦ ବିହାରୀ ମହାନ୍ତି, ସମ୍ପାଦକ ରାସ ବିହାରୀ ମହାନ୍ତି ପ୍ରମୁଖ ଯୋଗ ଦେଇ ଶିକ୍ଷା, ସାହିତ୍ୟ ଓ ସଂସ୍କୃତି ର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଏହି ଅବସରରେ ଶିକ୍ଷାବିତ ସୁଧାକର ସନ୍ଧି ବିଗ୍ରହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ପ୍ରୀତି ରଞ୍ଜନ ସାହୁ ଅତିଥି ପରିଚୟ ଓ ଶିକ୍ଷକ ଅମରେନ୍ଦ୍ର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ, ସଂଗୀତ ପରିବେଷଣ ହୋଇଥିଲା। ଏହି ସଭାରେ କବି ଓ ଅନୁବାଦକ ଅଭିମନ୍ୟୁ ବେହେରା, ଶହୀଦ ତୀର୍ଥଯାତ୍ରୀ ର ପ୍ରତିଷ୍ଠାତା ତ୍ରୈଲୋଚନ ଜେନା, ଅଧାପକ ବସନ୍ତ ଦାଶ, ଶିଳ୍ପପତି ମହେଶ ଦାସ, ବାଇଚଢେଇର ସମ୍ପାଦକ କବି ବିକାଶ ଶତପଥି, ରଙ୍ଗରାଗର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି, ଆଡ଼ଭୋକେଟ ସ୍ମୃତି ରଞ୍ଜନ ପଳିତା ଓ ବହୁ ଜ୍ଞାନୀ ଗୁଣୀ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## କାଶିଡିହା ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକ ବଦଳିକୁ ନେଇ ଉତ୍ତେଜନା : ଆନ୍ଦୋଳନର ଚେତାବନୀ

ଜଳେଶ୍ୱର ୫/୪(ନିପ୍ର) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସୁଗୋ ପଂଚାୟତର କାଶିଡିହା ପ୍ରାଥମିକ ବିଦ୍ୟାଳୟରୁ ଜନୈକ ଶିକ୍ଷୟତ୍ରୀଙ୍କୁ ଅନ୍ୟ ବିଦ୍ୟାଳୟକୁ ବଳଦି ହୋଇଥିବାରୁ ଅଭିଭାବକ ମହଲରେ ଉତ୍ତେଜନା ପ୍ରକାଶ ପାଇଛି। ଉକ୍ତ ବିଦ୍ୟାଳୟଟି ୫୭ ରାଜ୍ୟ ରାଜପଥ ନିକଟରେ ଅବସ୍ଥିତ ହୋଇଥିବାରୁ ଛାତ୍ରଛାତ୍ରୀଙ୍କର ସୁରକ୍ଷା ଏକ ପ୍ରଶ୍ନ ଭାବେ ଛିଡା ହୋଇଥାଏ। ମାତ୍ର ୪ ଜଣ ଶିକ୍ଷକ/ଶିକ୍ଷୟତ୍ରୀ ସେଠାରେ ଥିବା ବେଳେ ସେଠାରୁ ଜଣକୁ ଅନ୍ୟତ୍ର ବଳଦୀ କରାଯାଇଥିବାରୁ ଏହାର ପ୍ରତିବାଦରେ ଅଭିଭାବକମାନେ ଗୋଷ୍ଠି ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶଯୋଗ୍ୟ ଉକ୍ତ କ୍ଲଷ୍ଟର ଅନ୍ତର୍ଗତ କେତେକ ବିଦ୍ୟାଳୟରେ ସରକାରୀ ନିୟମରେ ଶିକ୍ଷକ ଓ ଶିକ୍ଷାର୍ଥି ଅନୁପାତ ଠାରୁ ଅଧିକ ଶିକ୍ଷକ ଥିବା ବେଳେ ଏଠାରୁ ଜଣେ ଶିକ୍ଷୟତ୍ରୀଙ୍କୁ ବଦଳି ଗ୍ରାମବାସୀଙ୍କୁ କ୍ଷୁବ୍ଧ କରିଛି। ଆସନ୍ତା ଦିନରେ ବଦଳି ବନ୍ଦ ନ ହେଲେ ଫାଟକ ନିକଟରେ ଧାରଣା ଦିଆଯିବା ସଂପର୍କରେ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଶ୍ରୀନିବାସ ଜେନା, ସଂଜିବ କୁମାର ସେନାପତି, ତନୁଜ ପାତ୍ର, ରାଜେଶ ଜେନା ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ବ୍ୟକ୍ତି ଜଣାଇଛନ୍ତି।

## ସେଲ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ପ୍ରକଳ୍ପ ଚରକ ଅନ୍ତର୍ଗତ ପାର୍ଶ୍ୱାଞ୍ଚଳର ୪ଜଣ ଗରିବ ଶ୍ରେଣୀର ଲୋକଙ୍କର ନିଃଶୁଳ୍କ ଶଲ୍ୟ ଚିକିତ୍ସା



ରାଉରକେଲା,୫/୪(ନିପ୍ର) : ସେଲ ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ ହସ୍ପିଟାଲରେ ପାର୍ଶ୍ୱାଞ୍ଚଳ ଗ୍ରାମ ଓ ଶିଳ୍ପାଞ୍ଚଳ ବସ୍ତିର ୪ ଜଣ ରୋଗୀଙ୍କର ପ୍ରକଳ୍ପ ଚରକ ଅଧୀନରେ ହାଇଡ୍ରୋସିଲ ଓ ହାର୍ଣ୍ଣିଆ ପାଇଁ ମାଗଣା ଅସ୍ତ୍ରୋପଚାର ଏବଂ ଚିକିତ୍ସା କରାଯାଇଛି। ପୂର୍ବରୁ ଆରଏସପି ଆନୁକୂଲ୍ୟରେ ଆୟୋଜିତ ବହୁମୁଖୀ ସ୍ୱାସ୍ଥ୍ୟ ଶିବିରରେ ଏହି ରୋଗୀଙ୍କୁ ଶଲ୍ୟ ଚିକିତ୍ସା ପାଇଁ ଚିହ୍ନଟ କରାଯାଇଥିଲା। ଏହି ରୋଗୀମାନେ ହେଲେ ବିନୀତା ସିଂହ, ବାହାଦୁର ସିଂହ, କାମେଶ୍ୱର ସିଂହ ଓ ନାରାୟଣ ଶଙ୍ଖୁଆ। ରୋଗୀମାନଙ୍କୁ ସେମାନଙ୍କ ପାଇଁ ଧାର୍ଯ୍ୟ ଦିନରେ ଆଇଜିଏଚରେ ଭର୍ତ୍ତି ହୋଇଥିଲେ ଏବଂ ଡାକ୍ତରୀ ଦଳ ଦ୍ୱାରା ସେମାନଙ୍କର ସଫଳ ଅସ୍ତ୍ରୋପଚାର ସମ୍ପନ୍ନ ହୋଇଥିଲା। ଅତିରିକ୍ତ ସିଏମଓ ତଥା ସର୍ଜରୀ ବିଭାଗ ମୁଖ୍ୟ ଡାକ୍ତର ମନୋଜ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଅତିରିକ୍ତ ସିଏମଓ, ଡାକ୍ତର ମନୋଜ କୁମାର ପ୍ରଧାନ, ବରିଷ୍ଠ ପରାମର୍ଶଦାତା, ଡାକ୍ତର ଜ୍ୟୋତି ରଂଜନ ସାହୁ, ଡାକ୍ତର ଧ୍ରୁବ ଜ୍ୟୋତି ଟିୟୁଙ୍କୁ ନେଇ ଗଠିତ ଡାକ୍ତରୀ ଦଳ ରୋଗୀମାନଙ୍କର ଅସ୍ତ୍ରୋପଚାର କରିଥିଲେ। ନର୍ସିଙ୍ଗ ଷ୍ଟାଫ ତଥା ପାରାମେଡିକାଲ୍ କର୍ମଚାରୀ ଅସ୍ତ୍ରୋପଚାରରେ ସହଯୋଗ କରିଥିଲେ। ସଫଳ ଅସ୍ତ୍ରୋପଚାର ପରେ ସମସ୍ତ ରୋଗୀ ସୁସ୍ଥ ହୋଇ ଡାକ୍ତରଖାନାରୁ ଡିସଚାର୍ଜ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଆରଏସପି ରୋଗୀର ଚିକିତ୍ସା ଏବଂ ଆଡମିଶନ ଫି ସହିତ ଉଭୟ ରୋଗୀ ଓ ଆଟେଣ୍ଡାଣ୍ଟଙ୍କ ଖାଦ୍ୟପେୟ ଖର୍ଚ୍ଚ ବହନ କରୁଛି।

**ଢୋଲକର ତାଳେ ତାଳେ ସଙ୍ଗୀତ ଏବଂ ନୃତ୍ୟ ଅଧିକ ଆକର୍ଷିତ ହୁଏ**

# ବହୁସିଙ୍ଗିଟି ଗାଁରେ ଲୋକବାଦ୍ୟ ଢୋଲକ ସମ୍ମିଳନୀ : ପରିବେଷଣ କଲେ ୧୫ଟି ଢୋଲକ ସଂଗଠନ



ଭଦ୍ରକ,୫/୪(ନିପ୍ର) : ଅତ୍ୟାଧୁନିକତାର ଚକଚକ୍ୟର କୋଳାହଳରେ ଆମ ରାଜ୍ୟର ଅନେକ ଲୋକକଳା ହଜିଯିବାକୁ ବସିଥିବା ବେଳେ ଭଦ୍ରକ ଜିଲ୍ଲାର ନିଆରା ଲୋକକଳା ବିଶେଷ କରି ଚାନ୍ଦବାଲି ବ୍ଲକ୍ ଅଞ୍ଚଳର ଲୋକବାଦ୍ୟ ଢୋଲକ ବାଦନ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରସାର ପ୍ରଚାର ପାଇଁ ୪.୪.୨୦୨୩ ରିଖ ମଙ୍ଗଳବାର ଦିନ ଉତୁକୁଡ଼ା ଗ୍ରାମ ପଞ୍ଚାୟତର ବହୁସିଙ୍ଗିଟି ଗ୍ରାମସ୍ଥିତ ମା'ତାରିଣୀ ପୀଠରେ ଢୋଲକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉତ୍ତର ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ ପରୀକ୍ଷା ନିୟନ୍ତ୍ରକ ତଥା ନାଟ୍ୟକାର ଅଟଳ ବିହାରୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀର ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ମୁଖ୍ୟ ବକ୍ତା ପ୍ରସିଦ୍ଧ ନାଟ୍ୟକାର, ସ୍ତମ୍ଭକାର ବିଜୟ ଦାସ, ସ୍ୱତନ୍ତ୍ର ବକ୍ତା ସାହିତ୍ୟିକ ଦୟାନିଧି ମିଶ୍ର, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ସାମ୍ବାଦିକ ତପନ କୁମାର ମିଶ୍ର, ପ୍ରାକ୍ତନ ସାମରିକ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇ ଢୋଲକର ତାଳ ବିନା ସଙ୍ଗୀତର ମୂର୍ଚ୍ଛନା କି ନୃତ୍ୟର ଝଙ୍କାର କିପରି ଅଧୁରା, ସେ ସମ୍ବନ୍ଧରେ ଆଲୋକପାତ କରି ଲୋକକଳା ଦୁନିଆ ପାଇଁ ଏହି ସମ୍ମିଳନୀ କିପରି ସ୍ୱାଗତଯୋଗ୍ୟ ଓ ନିଆରା ପଦକ୍ଷେପ ତାହା ପ୍ରକାଶ କରିଥିଲେ। ବହୁସିଙ୍ଗିଟି, ଉତୁକୁଡ଼ା, ବେଗୁନିଆ, ପାଞ୍ଝୁଡ଼ା, ମୃଗନୟନୀ, କିଆ ତେନ୍ଦୁଳି, କରଣ ପୋଖରୀ, ନଳ ଗୋହିରା, ଫାର୍ସିବନ୍ଧ, ହରିପୁର, ମଉସୁଧା, ତୋଟାପଡ଼ା, ଚାନ୍ଦୁକୁଡ଼ା, ଇଛାପୁର, ଇଟୁଆ ସମୁଦାୟ ୧୫ଟି ଢୋଲକ ବାଦ୍ୟ ସଙ୍ଗଠନ ଏହି ସମ୍ମିଳନୀ ମଞ୍ଚରେ ଢୋଲକ ବାଦନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କ ମନମୋହିଥିଲେ। ବିଶେଷ କରି କେତେକ ଦଳରେ ଥିବା ଶିଶୁ କଳାକାର ମାନଙ୍କ ଢୋଲକ ବାଦନ ସମସ୍ତଙ୍କୁ ଆକର୍ଷିତ କରିଥିଲା। ଢୋଲକ, ଡୁବି ତବଲା, ହାରମୋନିୟମ୍, ସଙ୍ଗୀତ ଆଦିରେ ସିଦ୍ଧହସ୍ତ ସେଇମାଟିର ବହୁମୁଖୀ ମହିଳା କଳାକାର ସରୋଜିନୀ ମଲ୍ଲିକ୍, ସ୍ୱତନ୍ତ୍ର ବକ୍ତା ଦୟାନିଧି ମିଶ୍ର, ସଙ୍ଗୀତ ଗୁରୁ ଶଶୀ ଭୂଷଣ ମଲ୍ଲିକ୍, ବାଦକ କଳାକାର ନରେନ୍ଦ୍ର ବିଶ୍ୱାଳକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆକ୍ଷୟ କୁମାର ନାୟକ ଏବଂ ବାଇଧର ନାୟକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଚାନ୍ଦବାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ତଥା ସାହିତ୍ୟିକ ଦ୍ୱାରିକା ନାଥ ଦାସ ମାନପତ୍ର ପଠନ କରିଥିଲେ। ଉତୁକୁଡ଼ା ଗ୍ରାମ ପଞ୍ଚାୟତର ସରପଞ୍ଚ ସ୍ୱର୍ଣ୍ଣଲତା ପୁହାଣ, ସମ୍ମିଳନୀ ର ଆୟୋଜକ ମଦନ ମୋହନ ଜିଉ ଢୋଲକ ବାଦ୍ୟ ସଙ୍ଗଠନ ର ସଭାପତି ବସନ୍ତ ଧଳ, ସମ୍ପାଦକ ମହେନ୍ଦ୍ର ଧଳ, ଚାନ୍ଦବାଲି ବ୍ଲକ୍ କଳାକାର ସଂଘର ଉପସଭାପି ତ୍ରିଲୋଚନ ପଣ୍ଡା ପ୍ରମୁଖଙ୍କ ସହ ସରପଞ୍ଚଙ୍କ ପ୍ରତିନିଧି ସୁଶାନ୍ତ କୁମାର ପୁହାଣ, ସଙ୍ଗଠନର ସକ୍ରିୟ ସଦସ୍ୟ ମାଗୁଣି ରାଉତ, ମହେଶ୍ୱର ରାଉତ, ଲକ୍ଷ୍ମୀଧର ରାଉତ, ମଧୁସୂଦନ ରାଉତ, ସଦାନନ୍ଦ ଧଳ, ସନାତନ ମଲ୍ଲିକ୍ ପ୍ରଭୃତି ଏହି କାର୍ଯ୍ୟକ୍ରମ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ।

## ବାହାବଳପୁରରୁ ୩୧ଶହ ଲିଟର ମଦ ଜବତ : ୫ ଅଭିଯୁକ୍ତ ଗିରଫ



ବସ୍ତା,୫।୪(ନିପ୍ର):ବାହାବଳପୁର ସାମୁଦ୍ରିକ ଥାନା ଅଞ୍ଚଳରୁ ବୁଧବାର ଭୋର ପୁଲିସ ଅଚାନକ ଚଢ଼ାଉ କରି ୩୧୦୫ ଲିଟର ମଦ ଜବତ ଶହ ୫ ଜଣ ଅଭିଯୁକ୍ତ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛି। ସୂଚନାରୁ ପ୍ରକାଶ ଯେ ଏହି ଥାନା ଅଧୀନ ବଗଦାର ରୂପସା ଗଣେଶ ଜେନା ନେଇଥିବା ଏକ ଭଡା ଘରୁ ୨୫୬୦ ଲିଟର ମଦ ୩୨ଟି ଟ୍ୟୁବରେ ରହିଥିବା ପୁଲିସ ଧରିଥିବା ବେଳେ ଅଭିଯୁକ୍ତ ସୁବ୍ରତ ଦାସ, ସୁରଜ ଦାସ, ଚନ୍ଦନ ସେଠୀଙ୍କୁ ବସ୍ତା ଏସ୍ପିଓ ଜଳଧର ଜାଲି, ସିଂଲା ଥାନା ଆଇଆଇସି ଶିବ ପ୍ରସାଦ ଭଦ୍ର, ବାହାବଳପୁର ସାମୁଦ୍ରିକ ଥାନା ଅଧିକାରୀ ଶଚିଦାନନ୍ଦ ଗିରି ଓ ଅନ୍ୟ ମାନେ ଚଢ଼ାଉ କରି ଗିରଫ କରିଥଲେ। ଏ ସମସ୍ତ ଅଭଯୁକ୍ତଙ୍କ ଘର ବସ୍ତା ଥାନା ଛାନୂଆ ଗାଁର। ମାତ୍ର ମୁଖ୍ୟ ଅଭିଯୁକ୍ତ ଗଣେଶ ଜେନା ଫେରାର ହୋଇଯାଇଛି। ସେହିପରି ଏହି ଥାନାର ବାହାବଳ ପୁର ବଜାର ନିକଟ ରେ ଏକ ଭଡା ଘରୁ ୫୪୫ ଲିଟର ଦେଶୀ ମଦ ଓ ଆସ୍କା ଫରଟି ମଦ ଜବତ କରାଯାଇଛି। ଅଭିଯୁକ୍ତ ଛାନୂଆର ରତି କାନ୍ତ ନାୟକ ଓ ପୁରୁଣା ବାଲେଶ୍ୱରର ତପନ ବେହେରାଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଯଥାକ୍ରମେ କେଶ ନଂ ୧୧/୨୩ ଓ ୧୦/୨୩ ରେ ମାମଲା ରୁଜୁ କରାଯାଇଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo